# ଧରିତ୍ରୀ DHARITRI

ରାୟଗଡ଼ା, ଶୁକ୍ରବାର, ଏପ୍ରିଲ ୮/୨୦୨୨ (୧୪ ପୃଷ୍ଠା) | Rayagada, Friday, April 8/2022 | Page 14 | ₹ 7.00 | ★

୧୨ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ**

ଭାରତର ଶୀର୍ଷସ୍ଥାନୀୟ ପୁରୁଷ ଖେଳାଳି କିଡାମ୍ବି ଶ୍ରୀକାନ୍ତ କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୧୨

**ଆକ୍ସନ ଫିଲ୍ମରେ ରୁଚି**

କମେଡି, ଡ୍ରାମା ଫିଲ୍ମ ବଦଳରେ ଆକ୍ସନ ଚଳଚ୍ଚିତ୍ରରେ କାମ କରିବା ପାଇଁ ଆଗ୍ରହ ଥିବା ବଲିଉଡ୍ ଅଭିନେତ୍ରୀ ଭୂମି ପେଡନେକର କହିଛନ୍ତି।






# ଅଜାନ୍ ପରେ ମୂର୍ତ୍ତି, ଆମ୍ବ

- କର୍ନାଟକ ବିଧାନସଭା ନିର୍ବାଚନକୁ ବର୍ଷେ ବାକି
- ଟାର୍ଗେଟ୍‌ରେ ମୁସଲମାନ ବେପାରୀ

**ବେଙ୍ଗାଲୁରୁ,୭।୪**

ଭାଜପା ଶାସିତ କର୍ନାଟକରେ ବିଧାନସଭା ନିର୍ବାଚନକୁ ବର୍ଷେ ବାକି ଥିବାବେଳେ ହିନ୍ଦୁ ସଙ୍ଗଠନଗୁଡ଼ିକ ଗୋଟିଏ ପରେ ଗୋଟିଏ ଧ୍ରୁବୀକରଣର ଅସ୍ତ୍ର ପ୍ରୟୋଗ କରିଚାଲିଛନ୍ତି। ସେମାନେ ହିଜାବ, ହଲାଲ ସହ ମନ୍ଦିର ମେଳାରେ ମୁସଲମାନଙ୍କ ଯୋଗଦାନକୁ ନେଇ କଟକଣା ପାଇଁ ଅଭିଯାନ ଚଳାଇବା ପରେ ଏବେ ମୁସଲମାନ ଆମ୍ବ ବ୍ୟବସାୟୀଙ୍କୁ ବିକ୍ରି ଏବଂ ସ୍ଥପତିଙ୍କୁ ଦେବଦେବୀ ମୂର୍ତ୍ତି ଗଢ଼ିବାକୁ ବାରଣ କରିଛନ୍ତି। ଏହି ସାମ୍ପ୍ରଦାୟିକ ବିଭେଦ ସୃଷ୍ଟିକାରୀ ପ୍ରସଙ୍ଗକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟରେ ବଡ଼ ବିବାଦ ସୃଷ୍ଟି କରିଛି। ଆଗକୁ ନିର୍ବାଚନ ଥିବାରୁ ଭାଜପା ଭୋଟ ବ୍ୟାଙ୍କ ପାଇଁ ଏପରି କରାଉଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

କର୍ନାଟକର ହିନ୍ଦୁତ୍ୱ ଗୋଷ୍ଠୀ ସ୍କୁଲଗୁଡ଼ିକରେ ମୁସଲିମ୍ ଛାତ୍ରୀଙ୍କ ହିଜାବ ପରିଧାନ ଅଧିକାରକୁ ଚ୍ୟାଲେଞ୍ଜ କରିଥିଲେ। ଏହା ପରେ ଭାଜପା ନେତାମାନେ ହଲାଲ ମାଂସ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ମସ୍‌ଜିଦଗୁଡ଼ିକରେ ଅଜାନ୍ (ପ୍ରାର୍ଥନା) ପାଇଁ ବ୍ୟବହୃତ ଲାଉଡ୍‌ସ୍ପିକର ଉପରେ କଟକଣା ପାଇଁ ନୋଟିସ କରିଛନ୍ତି। ଇତିମଧ୍ୟରେ ମୁସଲମାନ ବ୍ୟବସାୟୀଙ୍କ ଆମ୍ବ ବିକ୍ରି ଉପରେ କଟକଣା ଅଭିଯାନ ରାଜ୍ୟରେ ଜୋର୍ ଧରିଛି। ହିନ୍ଦୁବାଦୀ ସଙ୍ଗଠନଗୁଡ଼ିକ ଅନ୍‌ଲାଇନ୍‌ରେ ☞ପୃଷ୍ଠା-୪



# ଜାତିସଂଘ ମାନବାଧିକାର ପରିଷଦରୁ ରୁଷିଆ ବାଦ୍

- ଭୋଟରୁ ବିରତ ରହିଲା ଭାରତ
- ପ୍ରସ୍ତାବ ସପକ୍ଷରେ ୯୩, ବିରୋଧରେ ୨୪

**ଜାତିସଂଘ, ୭।୪**

ୟୁକ୍ରେନ୍ ଉପରେ ଆକ୍ରମଣ ଓ ବୁଚା ଗଣହତ୍ୟାକୁ ନେଇ ସାରା ବିଶ୍ୱରେ ନିନ୍ଦିତ ରୁଷିଆ ଜାତିସଂଘର ମାନବାଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)ରୁ ବାଦ୍ ପଡ଼ିଛି। ଗୁରୁବାର ଅନୁଷ୍ଠିତ ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)ରେ ରୁଷିଆକୁ ମାନବାଧିକାର ପରିଷଦରୁ ବାହାର କରିବା ପାଇଁ ଆମେରିକା ପକ୍ଷରୁ ପ୍ରସ୍ତାବ ଆଗତ ହୋଇଥିଲା। ଏହି ପ୍ରସ୍ତାବ ସପକ୍ଷରେ ୯୩ ସଦସ୍ୟ ରାଷ୍ଟ୍ର ଭୋଟ ଦେଇଥଲେ। ୨୪ ସଦସ୍ୟ ଏହା ବିରୋଧରେ ମତଦାନ କରିଥିବାବେଳେ ୫୮ ରାଷ୍ଟ୍ର ଭୋଟିଂରୁ ବିରତ ରହିଥିଲେ। ମତଦାନବେଳେ ଭାରତ ପୂର୍ବଭଳି ନିରପେକ୍ଷ ରହି ଏଥିରୁ ବିରତ ରହିଥିଲା।

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି. ଏସ୍. ତିରୁମୂର୍ତ୍ତି ପ୍ରସ୍ତାବ ସପକ୍ଷରେ କିମ୍ବା ବିପକ୍ଷରେ ଭୋଟ ନ ଦେବା ଉପରେ ମତ ରଖିଥିଲେ। ଏକ ବିବୃତିରେ ସେ କହିଥିଲେ, ୟୁକ୍ରେନ୍ ସମସ୍ୟା ଆରମ୍ଭ ହେବା ଦିନରୁ ଭାରତ ଶାନ୍ତି ସପକ୍ଷରେ ରହି ଆଲୋଚନା ଏବଂ କୂଟନୈତିକ ଉପାୟରେ ସମାଧାନ ଚାହିଁଆସିଛି। ରକ୍ତପାତ ଦ୍ୱାରା ଏହାର ସମାଧାନ ହୋଇପାରିବ ନାହିଁ। ଯଦି ଭାରତକୁ କୌଣସି ପକ୍ଷ ବାଛିବାକୁ ପଡ଼େ ତେବେ ନୂଆଦିଲ୍ଲୀ ତ୍ୱରିତ ହିଂସା ବନ୍ଦ ଏବଂ ଶାନ୍ତି ସ୍ଥାପନକୁ ପସନ୍ଦ କରିବ। ନିରୀହ ଜୀବନ ପ୍ରତି ବିପଦ ଆସିଲେ କୂଟନୀତି ହିଁ ଏକମାତ୍ର ବିକଳ୍ପ ବୋଲି ତିରୁମୂର୍ତ୍ତି ସ୍ପଷ୍ଟ କରିଛନ୍ତି। ୟୁଏନ୍‌ଏଚ୍‌ଆର୍‌ସିରୁ ରୁଷିଆ ବାଦ୍ ପଡ଼ିବାକୁ ୟୁକ୍ରେନ୍ ସ୍ୱାଗତ କରିଛି। ଜାତିସଂଘର ସଂସ୍ଥାଗୁଡ଼ିକରେ ଯୁଦ୍ଧ ଅପରାଧୀଙ୍କ କୌଣସି ସ୍ଥାନ ନାହିଁ ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି। ଏହି ଅବସରରେ ସେ ୟୁଏନ୍‌ଜିଏ ସଂକଳ୍ପନାମାକୁ ସମର୍ଥନ କରିଥିବା ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯେ, ଆଣ୍ଟିଗୁଆ, ବର୍ବୁଡା, କାନାଡା, ☞ପୃଷ୍ଠା-୪

# ବିଜେଡି ଦଖଲରେ ୯୧

**ପୌର/ଏନ୍‌ଏସି ଉପାଧ୍ୟକ୍ଷ ନିର୍ବାଚନ**

- ଭାଜପାକୁ ୬, କଂଗ୍ରେସ, ସ୍ୱାଧୀନ ହାତରେ ୮
- ବିଜେଡି ହାତରୁ ଖସିଗଲା ପାରାଦୀପ, ଜଗତ୍‌ସିଂହପୁର, ରେଢ଼ାଖୋଲ, ଖଡ଼ିଆଳ
- ପାରାଦୀପରେ କ୍ରସ୍‌ଭୋଟିଂ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ରାଜ୍ୟର ୧୦୫ ପୌର ପରିଷଦ/ଏନ୍‌ଏସି ଉପାଧ୍ୟକ୍ଷ ପଦବୀ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଏହି ନିର୍ବାଚନରେ ମଧ୍ୟ ବିଜେଡିକୁ ବିପୁଳ ସଫଳତା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବିଜେଡି ୯୧ଟି ଉପାଧ୍ୟକ୍ଷ ପଦ ହାତେଇଛି। ଭାଜପାକୁ ମାତ୍ର ୬ଟି ଉପାଧ୍ୟକ୍ଷ ପଦବୀରେ ସନ୍ତୁଷ୍ଟ ହେବାକୁ ପଡିଛି। ତେବେ ଅନ୍ୟ ୮ଟି ପୌର ପରିଷଦ ଓ ଏନ୍‌ଏସିରେ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ତେବେ ଉପାଧ୍ୟକ୍ଷ ପାଇଁ ଆବଶ୍ୟକ ସଂଖ୍ୟା ଥିଲେ ମଧ୍ୟ ଅନେକ ପୌରାଞ୍ଚଳରେ ବିଜେଡିକୁ ନିରାଶ ହେବାକୁ ପଡିଛି। ବିରୋଧୀ ବିଜେଡିକୁ ଚକମା ଦେଇଛନ୍ତି। ☞ପୃଷ୍ଠା-୪

# ରେଭେନ୍‌ଶା ଛାତ୍ରୀ କଟକ ଡେପୁଟି ମେୟର

**କଟକ ଅଫିସ,୭।୪**

ବସ୍ତିରେ ରହିଥିବା ଲୋକଙ୍କ ବିଶ୍ୱାସ ଭାଜନ ହୋଇ କର୍ପୋରେଟର ଭାବେ ନିର୍ବାଚିତ ହେଲେ। ଆଉ ଏବେ ନିର୍ଦ୍ୱନ୍ଦ୍ୱରେ ଡେପୁଟି ମେୟର ପଦବୀ ଅଳଙ୍କୃତ କରିଛନ୍ତି ୨୧ ବର୍ଷୀୟ ଆଦିବାସୀ ଝିଅ ଦମୟନ୍ତୀ ମାଝି। ୪୯ ନମ୍ବର ୱାର୍ଡର କର୍ପୋରେଟର ଭାବେ ନିର୍ବାଚିତ ହୋଇଥିବା ଦମୟନ୍ତୀ କଟକ ମହାନଗର ନିଗମ(ସିଏମ୍‌ସି)ର ସର୍ବକନିଷ୍ଠା ଡେପୁଟି ମେୟରର ମାନ୍ୟତା ପାଇଛନ୍ତି। ସେ ରେଭେନଶାରେ ଏମ୍‌କମ୍ ଶେଷ ବର୍ଷରେ ଅଧ୍ୟୟନ କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇବେ ବୋଲି ଆଶା କରି ନ ଥିଲେ ବୋଲି ଦମୟନ୍ତୀ କହିଛନ୍ତି। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇ ପାରିଛି। ତାଙ୍କ ବିଶ୍ୱାସ ଭରସା ଜିତିବା ପାଇଁ ଚେଷ୍ଟା କରିବି। ☞ପୃଷ୍ଠା-୪



ଦମୟନ୍ତୀ ମାଝି

# ପୋଲିସର ଆକ୍ରୋଶ ଖବରଦାତାଙ୍କ ଗୋଡ଼ରେ ବେଡ଼ି

- ଚିକିତ୍ସାଧୀନ ଅବସ୍ଥାରେ ହାତକଡ଼ି
- ଡିଏସ୍‌ପି ସ୍ତରରେ ତଦନ୍ତ ଆରମ୍ଭ



ଖବରଦାତାଙ୍କ ଗୋଡ଼ରେ ବେଡ଼ି ପକାଯାଇଛି।

**ବାଲେଶ୍ୱର ଅଫିସ/ସଜନାଗଡ଼, ୭।୪(ଡି.ଏନ.ଏ.)**

ପୋଲିସ ବର୍ବରତାର ଏକ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ। ସାମାନ୍ୟ ଘଟଣାକୁ କେନ୍ଦ୍ର କରି ପୋଲିସ ଆକ୍ରୋଶମୂଳକ ଭାବେ ମେଡିକାଲରେ ଚିକିତ୍ସାଧୀନ ସମ୍ବାଦ ଖବରଦାତା ଲୋକନାଥ ଦଳେଇଙ୍କ ଗୋଡ଼ରେ ଦାଗୀ ଅପରାଧୀଙ୍କ ଭଳି ବେଡ଼ି ପକାଇଛି। ନୀଳଗିରି ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରି ଖବରଦାତାମାନେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ୍ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ☞ପୃଷ୍ଠା-୪

# ବୁକର ଦୌଡ଼ରେ 'ଟମ୍ବ ଅଫ୍ ସ୍ୟାଣ୍ଡ'

- ଶର୍ଟଲିଷ୍ଟ ହେବାରେ ପ୍ରଥମ ହିନ୍ଦୀ ଉପନ୍ୟାସ
- ମେ ୨୬ରେ ଫାଇନାଲ

**ଲଣ୍ଡନ,୭।୪**

ସୁନାମଧନ୍ୟା କଥାକାର ଗୀତାଞ୍ଜଳି ଶ୍ରୀଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ' ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ପାଇଁ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ ହୋଇଛି। ଲଣ୍ଡନର ବୁକର ଫେୟାରରେ ଗୁରୁବାର ଏନେଇ ଘୋଷଣା କରାଯାଇଛି। ଉକ୍ତ ଅନ୍ତର୍ଜାତୀୟ ପୁରସ୍କାର ପାଇବା ପାଇଁ ତାଲିକାରେ ସୂଚୀବଦ୍ଧ ହେବାରେ ଏହା ହେଉଛି ପ୍ରଥମ ହିନ୍ଦୀ ଫିକ୍ସନ। ଏବେ ବିଶ୍ୱର ଅନ୍ୟ ୫ ଶ୍ରେଷ୍ଠ କୃତି ସହ ଏହାର ପ୍ରତିଯୋଗିତା ହେବାକୁ ଯାଉଛି। ଫାଇନାଲରେ ଉତ୍ତୀର୍ଣ୍ଣ ହେଲେ 'ବାଲିର ସମାଧି' ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିବ।

୧୯୫୭ରେ ଉତ୍ତର ପ୍ରଦେଶର ମୈନପୁରୀରେ ଜନ୍ମିତ ତଥା ନୂଆଦିଲ୍ଲୀରେ ରହୁଥିବା ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ଅନେକ କ୍ଷୁଦ୍ରଗଳ୍ପ ଓ ୫ଟି ଉପନ୍ୟାସ ରଚନା କରିଛନ୍ତି। ୬୪ ବର୍ଷୀୟା ଗୀତାଞ୍ଜଳିଙ୍କ ଅନେକ ପୁସ୍ତକ ଇଂଲିଶ, ଫରାସୀ, ଜର୍ମାନ, ସର୍ବିଆନ୍ ଓ କୋରିଆନ୍ ଭାଷାରେ ଅନୂଦିତ ହୋଇଛି। ତାଙ୍କ ଉପନ୍ୟାସ 'ରେତ୍ କୀ ସମାଧି' (୨୦୧୮) ଆମେରିକୀୟ ପେଣ୍ଟର ତଥା ଲେଖିକା ଡେଜି ରକ୍‌ୱେଲ ଇଂଲିଶ୍ ଭାଷାରେ ଅନୁବାଦ କରିଛନ୍ତି। ଡେଜି ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଅନେକ ସାହିତ୍ୟ କୃତିକୁ ଅନୁବାଦ କରିଛନ୍ତି।

ଏହି ଅନୁଦିତ ପୁସ୍ତକକୁ ବୁକର ବିଚାରକମାନେ 'ଉଚ୍ଚକୋଟୀର ଓ ଅକାଟ୍ୟ' ବୋଲି ଅଭିହିତ କରିଛନ୍ତି। ଟମ୍ବ ଅଫ୍ ସ୍ୟାଣ୍ଡ ଫାଇନାଲରେ ଯୋଗ୍ୟ ବିବେଚିତ ହେଲେ ପୁରସ୍କାର ବାବଦକୁ ୫୦,୦୦୦ ପାଉଣ୍ଡ (୪୯,୫୭,୬୯୯ ଟଙ୍କା) ପ୍ରଦାନ କରାଯିବ। ପୁରସ୍କାର ରାଶିକୁ ଲେଖିକା ଗୀତାଞ୍ଜଳି ଶ୍ରୀ ଏବଂ ଅନୁବାଦିକା ଡେଜି ରକ୍‌ୱେଲଙ୍କ ମଧ୍ୟରେ ଦୁଇଭାଗ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ମନୋନୀତ ହୋଇଥିବା ଲେଖକ ଓ ଅନୁବାଦକଙ୍କୁ ୨,୫୦୦ ପାଉଣ୍ଡ ଲେଖାଏ ଦିଆଯିବା ପାଇଁ ସ୍ଥିର କରାଯାଇଛି, ଯାହାକି ପୂର୍ବରୁ ୧,୦୦୦ ପାଉଣ୍ଡ ଥିଲା। ଆସନ୍ତା ମେ' ୨୬ରେ ☞ପୃଷ୍ଠା-୪






ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ଏବଂ ତାଙ୍କ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ'।

# ଅଙ୍ଗନୱାଡି କେନ୍ଦ୍ରରେ ମହୁମାଛି ଆତଙ୍କ

**୨୦ ଶିଶୁ ଆହତ, ଅଙ୍ଗନୱାଡି କର୍ମୀ ଗୁରୁତର**

**ବାଉଁଶୁଣୀ/କନ୍ଧମାଳ/ସୋନପୁର, ୭।୪(ଡି.ଏନ୍.ଏ./ନି.ପ୍ର.)**

ଶିଶୁଙ୍କୁ ସାଙ୍ଗରେ ଧରି ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିଲେ ସହାୟିକା। ଏହି ସମୟରେ ହଠାତ୍ ବସାରୁ ବାହାରି ଆକ୍ରମଣ କଲେ ମହୁମାଛି। ଏଥିରେ ଆହତ ହୋଇଛନ୍ତି ୨୦ କୁନି ପିଲା। ସେମାନଙ୍କୁ ରକ୍ଷା କରିବାକୁ ଯାଇଥିବାବେଳେ ଅଙ୍ଗନୱାଡି କର୍ମୀ ଏବଂ ସହାୟିକା ମଧ୍ୟ ମହୁମାଛି ଦଂଶନର ଶିକାର ହୋଇଛନ୍ତି। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଅନ୍ତର୍ଗତ ବଉଲସିଙ୍ଗା ଗ୍ରାମରେ ଗୁରୁବାର ଘଟିଛି ଏଭଳି ଅଭାବନୀୟ ଘଟଣା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବଉଲସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ରହିଛି। ସ୍କୁଲ ପାଖରେ ଥିବା ଏକ ବରଗଛରେ ବହୁ ମହୁଫେଣା ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଓର୍ବାନ୍ କାହିଁକି ଜିତିଲେ**




## ସଂକ୍ଷେପରେ

### ଓମାର ଅବଦୁଲ୍ଲାଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୭।୪:** ଜମ୍ମୁ-କଶ୍ମୀର ବ୍ୟାଙ୍କ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲାଙ୍କୁ ଜେରା କରିଛି। ଋଣ ମଞ୍ଜୁରୀ ଓ ନିବେଶରେ ଅନିୟମିତତା ଅଭିଯୋଗ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପୂର୍ବରୁ ଜମ୍ମୁ-କଶ୍ମୀର ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ମୁସ୍ତାକ୍ ଅହମଦ ଶେଖ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସିବିଆଇର ଏତଲାକ୍ରମେ ଇଡି ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଜେରାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଏନ୍‌ସି କହିଛି। ଦିଲ୍ଲୀ ଓମାରଙ୍କ ଘର ହୋଇ ନ ଥିବାବେଳେ ରମଜାନ ମାସରେ ତାଙ୍କୁ ଜେରା ପାଇଁ ଦିଲ୍ଲୀ ଡକାଗଲା କାହିଁକି ବୋଲି ଦଳ ପ୍ରଶ୍ନ କରିଛି। ବ୍ୟାଙ୍କର କେତେଜଣ ନିର୍ଦ୍ଦେଶକଙ୍କୁ ଓମାର ନିଯୁକ୍ତ କରାଇଥିବାରୁ ତାଙ୍କ ସହ ସମ୍ପର୍କକୁ ନେଇ ଇଡି ଜେରା କରିଥିବା କୁହାଯାଉଛି। ଜମ୍ମୁ-କଶ୍ମୀର ବ୍ୟାଙ୍କ ଋଣ ମଞ୍ଜୁରୀରେ ଅନିୟମିତତା, ନିଯୁକ୍ତିରେ ପ୍ରିୟାପ୍ରୀତି ତୋଷଣ ଓ ବ୍ୟାଙ୍କ କାର୍ଯ୍ୟକୁ ନେଇ ୨୦୧୯ରୁ ତଦନ୍ତ ଚାଲିଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଉକ୍ତ ବ୍ୟାଙ୍କ ଓ ଏହାର ଅଧିକାରୀମାନଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଛି।

### ବୋର୍ଡ ପରୀକ୍ଷା ଖାତାରେ 'ଖେଲା ହୋବେ'

**କୋଲକାତା,୭।୪:** ଗତବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) 'ଖେଲା ହୋବେ' ସ୍ଲୋଗାନ ଦେଇ ପୁନର୍ବାର କ୍ଷମତାକୁ ଆସିଥିଲା। ଏହି ସ୍ଲୋଗାନର ପ୍ରଭାବ ସେଠାର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ପିଲାଙ୍କ ଉପରେ ପଡ଼ିଥିବା ଦେଖାଯାଇଛି। ବୋର୍ଡ ପରୀକ୍ଷା ଦେଇଥିବା ଗୋଟିଏ ଗୋଷ୍ଠୀ ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷା ଖାତାରେ ଉକ୍ତ ଲୋକପ୍ରିୟ ସ୍ଲୋଗାନ 'ଖେଲା ହୋବେ' ଲେଖିଥିବା ଦେଖାଯାଇଛି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଖାତାରେ ଏପରି ଲେଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମବଙ୍ଗ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଗତ ମାର୍ଚ୍ଚରେ ପରିଚାଳିତ ଦଶମ ପରୀକ୍ଷାରେ ଅନେକ ଛାତ୍ରୀଛାତ୍ର ସେମାନଙ୍କ ଖାତାରେ ଖେଲୋ ହୋବେ ଲେଖିଥିବା ପରୀକ୍ଷକମାନେ ଦେଖିବାକୁ ପାଇଛନ୍ତି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଖାତାରେ ଏଭଳି ରାଜନୈତିକ ସ୍ଲୋଗାନ ଲେଖିଲେ ସେମାନଙ୍କ ଖାତା ମୂଲ୍ୟାୟନ ନ କରିବାକୁ ପରୀକ୍ଷକମାନଙ୍କୁ ପଶ୍ଚିମବଙ୍ଗ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶ ଦେଇଛି।

### ୫୦ ତଳକୁ ପେଟ୍ରୋଲ ମନା

**ମୁମ୍ବାଇ,୭।୪:** ଦେଶରେ ପେଟ୍ରୋଲ ଦର ବଢ଼ିଚାଲିଥିବାବେଳେ ମହାରାଷ୍ଟ୍ର କାନ୍‌ପୁରରେ ଏକ ପେଟ୍ରୋଲ ପମ୍ପ ୫୦ ଟଙ୍କା ତଳକୁ ତେଲ ବିକ୍ରି କରିବ ନାହିଁ ବୋଲି କହିଛି। ଏ ନେଇ ମାଲିକ ପମ୍ପ ସାମ୍ନାରେ ପୋଷ୍ଟର ଲାଗାଇଛନ୍ତି। କମ୍ ଟଙ୍କାର ତେଲ ପାଇଁ ପେଟ୍ରୋଲ ପମ୍ପ ମେସିନ୍ ସବୁ ଅଧିକ ମାତ୍ରାରେ ଇଲେକ୍ଟ୍ରିସିଟି କନ୍‌ଜ୍ୟୁମ୍ କରୁଥିବା ପମ୍ପ ମାଲିକ ରବିଶଙ୍କର କହିଛନ୍ତି। ଗାଡ଼ିଚାଳକମାନେ ୨୦ରୁ ୫୦ ଟଙ୍କାର ପେଟ୍ରୋଲ ମାଗୁଛନ୍ତି। ମେସିନ୍ ଚାଲୁ କଲାବେଳକୁ ସମାନ ପରିମାଣର ଇଲେକ୍ଟ୍ରିସିଟି ଖର୍ଚ୍ଚ ହୋଇଯାଉଛି। ଅନେକ ସମୟରେ ଝଗଡ଼ା ହେଉଥିବା ଯୋଗୁ ୫୦ ଟଙ୍କା ତଳକୁ ତେଲ ବିକ୍ରି କରାଯିବ ନାହିଁ ବୋଲି ନିଷ୍ପତ୍ତି ନେବା ସହ ଗାଡ଼ିଚାଳକଙ୍କ ଅବଗତି ନିମନ୍ତେ ପୋଷ୍ଟର ଲଗାଯାଇଥିବା ସେ କହିଛନ୍ତି।



ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ଗୁରୁବାର ପାର୍ଲାମେଣ୍ଟ ପରିସର ଗାନ୍ଧୀ ମୂର୍ତ୍ତି ନିକଟରେ ଟିଏମ୍‌ସି ଏମ୍‌ପିଙ୍କ ବିକ୍ଷୋଭ।

# ଲଦାଖର ପାୱାର ଗ୍ରୀଡ୍‌କୁ ଚାଇନା ହ୍ୟାକରଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୭।୪

ଚାଇନା ପ୍ରାୟୋଜିତ ହ୍ୟାକରମାନେ ଗତ ୮ ମାସ ହେଲା ଲଦାଖ ନିକଟରେ ଥିବା ଭାରତର ବିଦ୍ୟୁତ୍ ଯୋଗାଣ କେନ୍ଦ୍ରକୁ ଟାର୍ଗେଟ କରିଆସୁଥିବା ଘରୋଇ ଗୋଇନ୍ଦା ସଂସ୍ଥା ରେକର୍ଡେଡ୍ ଫ୍ୟୁଚର ପକ୍ଷରୁ କୁହାଯାଇଛି। ତେବେ ଚାଇନାର ଏହି ସାଇବର ଆକ୍ରମଣ ସଫଳ ହୋଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଗତବର୍ଷ ଅଗଷ୍ଟରୁ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟରେ ଅନ୍ୟୂନ ୭ଟି ରାଜ୍ୟ ଲୋଡ୍ ଡେସ୍‌ପାଚ୍ ସେଣ୍ଟର(ଏସ୍‌ଏଲ୍‌ଡିସି)ର ନେଟ୍‌ୱର୍କରେ ବାଧା ସୃଷ୍ଟି ଲାଗି ଉଦ୍ୟମ ହୋଇଥିବା ଜଣାପଡ଼ିଥିଲା। ଲଦାଖ ଅନ୍ତର୍ଗତ ଭାରତ-ଚାଇନା ସୀମାଠାରୁ ଅଳ୍ପ ଦୂରରେ ଉତ୍ତର ଭାରତରେ ଏହିସବୁ ଏସ୍‌ଏଲ୍‌ଡିସି ଅବସ୍ଥିତ। ଏହି ସମୟ ମଧ୍ୟରେ ଭାରତୀୟ ଲୋଡ୍ ଡେସ୍‌ପାଚ ସେଣ୍ଟରଗୁଡ଼ିକ ସହ ଚାଇନା

**କେନ୍ଦ୍ର କହିଲା ବିଫଳ ଉଦ୍ୟମ**

ହ୍ୟାକରମାନଙ୍କ ନିୟନ୍ତ୍ରିତ ସର୍ଭରକୁ ଡାଟା ପ୍ରବେଶ ଓ ପ୍ରସ୍ଥାନ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ପାୱାର ଗ୍ରୀଡ୍‌କୁ ଟାର୍ଗେଟ କରିବା ସହିତ ଜାତୀୟ ଜରୁରିକାଳୀନ ରେସ୍ପନ୍ସ ସିଷ୍ଟମ ଏବଂ ଏକ ବହୁରାଷ୍ଟ୍ରୀୟ ଲଜିଷ୍ଟିକ୍ କମ୍ପାନୀର ଭାରତୀୟ ସହଯୋଗୀ ସଂସ୍ଥାକୁ ମଧ୍ୟ ଟାର୍ଗେଟ କରାଯାଇଥିବା ରେକର୍ଡେଡ୍ ଫ୍ୟୁଚର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଚାଇନା ହ୍ୟାକରମାନେ ଲଦାଖ ନିକଟ ବିଦ୍ୟୁତ୍ ବଣ୍ଟନ କେନ୍ଦ୍ରକୁ ଟାର୍ଗେଟ କରିବାକୁ ଦୁଇଥର ଉଦ୍ୟମ କରି ବିଫଳ ହୋଇଥିବା ଶକ୍ତିମନ୍ତ୍ରୀ ଆର୍.କେ. ସିଂ କହିଛନ୍ତି। ସାଇବର ଆକ୍ରମଣକୁ ପ୍ରତିହତ କରିବା ଲାଗି ସିଷ୍ଟମକୁ ସୁଦୃଢ଼ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଅନାସ୍ଥା ଖାରଜ ଅସାମ୍ବିଧାନିକ

ଇସ୍‌ଲାମାବାଦ, ୭।୪




**ପାକ୍ ସୁପ୍ରିମକୋର୍ଟଙ୍କ ରାୟ**
- ୯ରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍
- ଉପବାଚସ୍ପତିଙ୍କ ରୁଲିଂ ଭୁଲ୍
- ଦେଶକୁ ଅସହାୟ କରିଦେଇଛନ୍ତି ଇମ୍ରାନ୍


ଇମ୍ରାନ ଖାନ୍

ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୁରବାର ପାକିସ୍ତାନ ସୁପ୍ରିମକୋର୍ଟରେ ବଡ଼ ଝଟକା ଲାଗିଛି। ଇମ୍ରାନ୍‌ଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ନ୍ୟାଶନାଲ ଆସେମ୍ବ୍ଲିରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହେବା ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ପାକ୍ ପ୍ରଧାନ ବିଚାରପତି (ସିଜେପି) ଉମର ଅତା ବନ୍ଦିଆଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ରାୟ ଦେଇଛନ୍ତି। ଏଥିସହ ଇମ୍ରାନ୍‌ଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରିବାକୁ କୋର୍ଟ ବେଆଇନ କହିଛନ୍ତି। ଶୀଘ୍ର ଆସେମ୍ବ୍ଲି ଅଧିବେଶନ ଡାକିବା ପାଇଁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୦ଟାରେ ଇମ୍ରାନ୍ ଅନାସ୍ଥା ପ୍ରସ୍ତାବ ଉପରେ ପାର୍ଲାମେଣ୍ଟରେ ଶକ୍ତି ପରୀକ୍ଷା ଦେବେ ବୋଲି ସୁପ୍ରିମକୋର୍ଟ ରାୟରେ ପ୍ରକାଶ କରିଛନ୍ତି।

ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଭିତରେ ଇମ୍ରାନ୍‌ଙ୍କ ବିପକ୍ଷରେ ବିରୋଧୀ ଦଳ ଏବଂ ସେନା ଏକଜୁଟ ହୋଇଛନ୍ତି। ଇମ୍ରାନ୍‌ଙ୍କୁ ଶାସନରୁ ହଟାଇବା ପାଇଁ ଶାସକ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ବିରୋଧୀଙ୍କ ସହ ହାତ ମିଳାଇବା ପରେ ଗତ ୩ ତାରିଖରେ ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ହେଲେ ଉପବାଚସ୍ପତି କାସିମ୍ ସୁରି ତାହାକୁ ଖାରଜ କରିବାରୁ ଅନାସ୍ଥା ଉପରେ ଭୋଟ ହୋଇପାରି ନ ଥିଲା। ପରେ ଇମ୍ରାନ୍‌ଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି ପାର୍ଲାମେଣ୍ଟ ଭଙ୍ଗ କରିଥିଲେ। ଏହା ଉପରେ ୪ ଦିନ ଧରି ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିବାବେଳେ ଗୁରୁବାର ରାତିରେ ଚୂଡ଼ାନ୍ତ ରାୟ ଆସିଛି। ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ଖାରଜ କରିବା ଉପବାଚସ୍ପତିଙ୍କ ଭୁଲ୍ ନିଷ୍ପତ୍ତି ଥିଲା ଏବଂ ଏହା ସମ୍ବିଧାନ ଅନୁଚ୍ଛେଦ ୯୫ର ଉଲ୍ଲଂଘନ ବୋଲି ଅଦାଲତ କହିଛନ୍ତି। ସିଜେପି ବନ୍ଦିଆଲଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଇଜାବୁଲ ଏହସାନ୍, ମହମ୍ମଦ ଅଲି ମଜହ ମିଆନ୍‌ଖେଲ୍, ମୁନିବ ଅଖତର ଏବଂ ଜମାଲ ଖାନ୍ ମାନ୍‌ଡୋଖେଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସମ୍ବିଧାନ ବିରୋଧୀ କାର୍ଯ୍ୟ ଏବଂ ବେଆଇନ ଭାବେ ପାର୍ଲାମେଣ୍ଟ ଭଙ୍ଗ କରାଯାଇଥିବା ଦର୍ଶାଇ ଦେଶର ହିତକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି ଖଣ୍ଡପୀଠ ଶୁଣାଣିବେଳେ କହିଥିଲେ। ଏଥିସହ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ରାୟ ସଂରକ୍ଷିତ ରଖିଥିଲେ। ରାୟ ଆସିବା ପୂର୍ବରୁ ଅଦାଲତ ପରିସର ଏବଂ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦଙ୍ଗା ଆଶଙ୍କାରେ ସେନା କମାଣ୍ଡୋଙ୍କୁ ମଧ୍ୟ ମୁତୟନ କରାଯାଇଥିଲା। ଶୁଣାଣିବେଳେ ସୁପ୍ରିମକୋର୍ଟ ଇମ୍ରାନଙ୍କୁ ଭର୍ତ୍ସନା କରିଥିଲେ। ଇମ୍ରାନ୍ ପାର୍ଲାମେଣ୍ଟ ଭଙ୍ଗ କରିଥିବାରୁ ଏବଂ ପୁନଃ ନିର୍ବାଚନ ପ୍ରସ୍ତାବ ଦେବା ଫଳରେ ୯୦ ଦିନ ପାଇଁ ଦେଶବାସୀ ଅସହାୟ ହୋଇପଡ଼ିଥିବା କୋର୍ଟ କହିଥିଲେ।

କୋର୍ଟରେ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭିଙ୍କ ପକ୍ଷରୁ ଓକିଲ ଅଲି ଜାଫର ଯୁକ୍ତି ବାଢ଼ିଥିଲେ। ସିଜେପି ଜାଫରଙ୍କୁ ପ୍ରଶ୍ନ କରିଥିଲେ ଯେ, ସବୁକିଛି ସମ୍ବିଧାନ ଅନୁସାରେ ଚାଲିଥିଲେ ଅସୁବିଧା କେଉଁଠି ରହିଛି। ଯଦି କେବଳ ପାର୍ଲାମେଣ୍ଟର ଜଣେ ନୁହଁନ୍ତି ବରଂ ସମସ୍ତ ସଦସ୍ୟଙ୍କ ପ୍ରତି ଅନ୍ୟାୟ ହୁଏ ତେବେ କ'ଣ ଘଟିବ ବୋଲି ସିଜେପି ପଚାରିଥିଲେ। ସେହିପରି ଜଷ୍ଟିସ୍ ଜମାଲ୍ ଖାନ୍ କହିଥିଲେ, ଯଦି ଉପବାଚସ୍ପତି ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜ କରିଥିଲେ ତେବେ ଏହାକୁ କିପରି ବାଚସ୍ପତି ଦସ୍ତଖତ କରି ଅନୁମୋଦନ କରିଥିଲେ। ଏହାସହ ଦେଶରେ ପୁଣି ନିର୍ବାଚନ କରାଗଲେ ବହୁ ଅର୍ଥ ଖର୍ଚ୍ଚ ହେବ ବୋଲି ମଧ୍ୟ ସିଜେପି କହିଥିଲେ। ଅନ୍ୟପକ୍ଷେ ଜାତୀୟ ସୁରକ୍ଷା କମିଟି (ଏନ୍‌ଏସ୍‌ସି) ବୈଠକରେ ହୋଇଥିବା ଆଲୋଚନା ବାବଦରେ ଖୋଲାଖୋଲି କହିହେବ ନାହିଁ ବୋଲି ଆଟର୍ନି ଜେନେରାଲ ଖାଲିଦ୍ ଜାୱେଦ୍ ଖାନ୍ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ରାୟ ଦେବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ଇସି ସଚିବଙ୍କୁ ମଧ୍ୟ ସମନ କରାଯାଇଥିଲା। ଦେଶରେ ୯୦ ଦିନ ମଧ୍ୟରେ ନିର୍ବାଚନ ସମ୍ଭବ ନୁହେଁ ବୋଲି ପୂର୍ବରୁ ଇସି କହିଥିଲେ। ଅକ୍ଟୋବରରେ ସାଧାରଣ ନିର୍ବାଚନ ନିମନ୍ତେ ପ୍ରସ୍ତୁତି କରିହେବ ବୋଲି ଇସି ପ୍ରକାଶ କରିଥିଲେ।

### ଆକାର ପଟେଲଙ୍କୁ କ୍ଷମା ମାଗ, ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର କର

**ନୂଆଦିଲ୍ଲୀ,୭।୪:** ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ପୂର୍ବତନ ଅଧ୍ୟକ୍ଷ ଆକାର ପଟେଲଙ୍କୁ ସିବିଆଇ ନିର୍ଦ୍ଦେଶକ ଲିଖିତ କ୍ଷମା ମାଗିବା ସହ ତାଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ

**ସିବିଆଇକୁ କୋର୍ଟ ନିର୍ଦ୍ଦେଶ**

ସର୍କୁଲାରକୁ ତୁରନ୍ତ ପ୍ରତ୍ୟାହାର କରିବା ଲାଗି ଦିଲ୍ଲୀର ଏକ ଅଦାଲତ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଶୁକ୍ରବାର ଅପରାହ୍ନ ୪ଟା ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ କୁହାଯାଇଛି। ଏହି ରାୟ ପରେ ଆକାରଙ୍କ ବିରୋଧରେ ବିମାନବନ୍ଦର ଆଲର୍ଟକୁ ତୁରନ୍ତ



ହଟାଇବାକୁ ସିବିଆଇ କୋର୍ଟ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ସିବିଆଇର ଲୁକ୍‌ଆଉଟ ସର୍କୁଲାର ଯୋଗୁ ବୁଧବାର ଆକାର ପଟେଲଙ୍କୁ ବେଙ୍ଗାଲୁରୁ ବିମାନବନ୍ଦରରୁ ବିଦେଶ ଯିବାକୁ ଅନୁମତି ମିଳି ନ ଥିଲା। କେଉଁ ମାମଲାରେ ଏଭଳି ସର୍କୁଲାର ଜାରି ହୋଇଛି, ତାହା ତାଙ୍କୁ ଜଣା ନ ଥିଲା। ସେ ଏହା ବିରୋଧରେ ଦିଲ୍ଲୀର ଏକ ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ ମେ' ଶେଷ ଯାଏ ତାଙ୍କୁ ଆମେରିକା ଯିବା ଲାଗି ଅନୁମତି ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସିବିଆଇକୁ ନୋଟିସ ଜାରି କରିବା ସହ ଗୁରୁବାର ଆବେଦନର ଶୁଣାଣି କରିଥିଲେ। ଆକାରଙ୍କୁ ବିଦେଶ ଯିବା ଲାଗି ଅନୁମତି ମିଳିଛି। ତାଙ୍କ ତରଫରୁ ଆଇନଜୀବୀ ତନବୀର ଅହମଦ ମୀର୍, ବୈଭବ ସୁରୀ ଏବଂ ସାଉଦ୍ ଖାନ୍ ମାମଲା ଲଢୁଥିଲେ।

# ଆନ୍ଧ୍ର ମନ୍ତ୍ରୀଙ୍କ ସମୂହ ଇସ୍ତଫା

ଅମରାବତୀ,୭।୪

**ଗଢ଼ା ହେବ ନୂଆ କ୍ୟାବିନେଟ**


ୱାଇ.ଏସ୍. ଜଗନମୋହନ ରେଡ୍ଡୀ

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ କ୍ୟାବିନେଟରେ ପରିବର୍ତ୍ତନ କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଚାହୁଁଛନ୍ତି। ସେଥିପାଇଁ ତାଙ୍କ କ୍ୟାବିନେଟର ସମସ୍ତ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶରେ ୧୩ ନୂଆ ଜିଲା ଗଠନ ହେବା ସହିତ ମୋଟ ଜିଲା ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ତେଣୁ ନୂଆ ମନ୍ତ୍ରିମଣ୍ଡଳରେ ସବୁ ଜିଲାରୁ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଗୁରୁବାର ଅପରାହ୍ନରେ କ୍ୟାବିନେଟ ବୈଠକ ପରେ ମନ୍ତ୍ରୀମାନେ ସେମାନଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିଥିଲେ। ୨୦୨୧ ଡିସେମ୍ବର ସୁଦ୍ଧା କ୍ୟାବିନେଟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବେ ବୋଲି ଜଗନମୋହନ ପୂର୍ବରୁ ଘୋଷଣା କରିଥିଲେ। ତେବେ କୋଭିଡ୍ ଯୋଗୁ ଏହି ପ୍ରକ୍ରିୟା ୪ ମାସ ବିଳମ୍ବିତ ହୋଇଛି। ବୁଧବାର ଜଗନମୋହନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭେଟି ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଦିନେ ଦୁଇଦିନ ମଧ୍ୟରେ ସେ ରାଜ୍ୟପାଳଙ୍କୁ ନୂଆ ମନ୍ତ୍ରୀମାନଙ୍କ ତାଲିକା ଦେବେ ବୋଲି ଜଣାପଡ଼ିଛି।

# ଦରବୃଦ୍ଧିକୁ ନେଇ କେନ୍ଦ୍ର ଉପରେ ବର୍ଷିଲେ ମମତା

କୋଲକାତା,୭।୪

ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଚାଲିଥିବାବେଳେ ଏହାକୁ ରୋକିବା ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଅଭିଯୋଗ କରିଛନ୍ତି। ଦରବୃଦ୍ଧି ନିୟନ୍ତ୍ରଣ ଲାଗି କେନ୍ଦ୍ର ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଆଗାମୀ ଦିନରେ ରାଜ୍ୟଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ବେତନ ଦେବାକୁ ସକ୍ଷମ ହେବେନାହିଁ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାର ତୁରନ୍ତ ରାଜ୍ୟଗୁଡ଼ିକୁ ସେମାନଙ୍କ ଜିଏସ୍‌ଟି ପ୍ରାପ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି।

ବିରୋଧୀ ରାଜନେତାମାନଙ୍କୁ ହଇରାଣ କରିବା ଲାଗି କେନ୍ଦ୍ର ସରକାର ସିବିଆଇ, ଇଡି ଆଦି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର ବନ୍ଦ କରନ୍ତୁ। ଏହା ବଦଳରେ ଦର ବୃଦ୍ଧିକୁ ଲଗାମ ଦେବା ଲାଗି ନୀତି ପ୍ରଣୟନ କରାଯାଉ ବୋଲି ମମତା କହିଛନ୍ତି।

# ଖବରଦାତାଙ୍କୁ ଉଲଗ୍ନ କଲା ପୋଲିସ

**ଭାଜପା ବିଧାୟକଙ୍କ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଯାଇଥିଲେ**

ଭୋପାଳ,୭।୪


ଖବରଦାତା ଓ ଯାତ୍ରା କଳାକାରଙ୍କୁ ଥାନାରେ ଉଲଗ୍ନ କରାଯାଇଛି।

ମଧ୍ୟପ୍ରଦେଶର ଏକ ଥାନାରେ ପୋଲିସ ନିର୍ଦ୍ଦେଶରେ ଜଣେ ଖବରଦାତା, ଯାତ୍ରା କଳାକାରଙ୍କ ସମେତ ୮ ଜଣଙ୍କୁ ପ୍ୟାଣ୍ଟଶାର୍ଟ ଉତାରିବାକୁ ପଡ଼ିଛି। ଉକ୍ତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦୋଷୀ ପୋଲିସ ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରଦେଶର ସିଧି ଜିଲାରେ ଗତ ଶନିବାର ସ୍ଥାନୀୟ ଭାଜପା ବିଧାୟକଙ୍କ ବିରୋଧରେ ବିକ୍ଷୋଭ ବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତା ଓ ଅନ୍ୟମାନଙ୍କୁ ପୋଲିସ କର୍ମଚାରୀମାନେ ଗାଳିଦେବା ସହ ମାଡ଼ ମାରିଥିଲେ ଏବଂ ପୋଷାକ ଖୋଲିବାକୁ କହିଥିଲେ।

ଖବର ଅନୁଯାୟୀ ଯାତ୍ରା କଳାକାର ନୀରଜ କୁନ୍ଦର ଜାଲ୍ ଫେସ୍‌ବୁକ୍ ପ୍ରୋଫାଇଲରେ ସ୍ଥାନୀୟ ବିଧାୟକ କେଦାରନାଥ ଶୁକ୍ଳା ଓ ତାଙ୍କ ପୁଅଙ୍କ ବିରୋଧରେ କେତେକ ମନ୍ତବ୍ୟ ଲେଖିଥିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ଖବର ସଂଗ୍ରହ ଲାଗି ଯାଇଥିବା କନିଷ୍କ ତିୱାରି ଓ କ୍ୟାମେରାମ୍ୟାନଙ୍କୁ ଗିରଫ କରାଯାଇଥିଲା। କ'ଣ ପାଇଁ ବିଧାୟକଙ୍କ ବିରୋଧରେ ଖବର ପ୍ରକାଶ କରି ଶାନ୍ତି ଭଙ୍ଗ କରୁଛ ବୋଲି ପୋଲିସ ସେମାନଙ୍କୁ ପଚାରିଥିଲା। ତିୱାରିଙ୍କ ସହ ୮ ଜଣଙ୍କୁ ହାଜତରେ ୧୮ ଘଣ୍ଟା ରଖାଯାଇ ନିର୍ଯାତନା ଦିଆଯାଇଥିଲା।

# ଶେଷ ହେଲା ବଜେଟ ଅଧିବେଶନ

ନୂଆଦିଲ୍ଲୀ,୭।୪(ପି.ଟି.)



- ଶେଷ ଦିନରେ ରାଜ୍ୟ ସଭାରେ ହଇଗୋଳ
- ୧୨ ବିଧେୟକ ପାରିତ
- ଲୋକ ସଭା ୧୨୯%, ରାଜ୍ୟ ସଭା ୯୯.୮% ଫଳପ୍ରଦ

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଧାର୍ଯ୍ୟ ସମୟର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଶେଷ ହେବା ସହ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରାଯାଇଛି। ଶେଷ ଦିନରେ ରାଜ୍ୟ ସଭାରେ ପ୍ରବଳ ହଇଗୋଳ ହୋଇଥିଲା। ଦରଦାମ୍ ବୃଦ୍ଧି ଏବଂ ଆଇଏନ୍‌ଏସ୍ ବିକ୍ରାନ୍ତ ସୁରକ୍ଷା ଲାଗି ପାଣ୍ଠି ସଂଗ୍ରହରେ ଅନିୟମିତତା ଅଭିଯୋଗକୁ ନେଇ ବିରୋଧୀ ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିଥିଲେ। ତୈଳ ଦର ବୃଦ୍ଧି ଉପରେ ଆଲୋଚନା ନ କରି ସରକାର ଦିନକ ପୂର୍ବରୁ ଅଧିବେଶନକୁ ବନ୍ଦ କରିଦେଲେ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଲୋକ ସଭାରେ ଶେଷ ଦିନର ଅଧିବେଶନ ସ୍ୱାଭାବିକ ଥିବାବେଳେ ରାଜ୍ୟ ସଭାରେ ବାରମ୍ବାର ତୈଳ ଦର ବୃଦ୍ଧି ଉପରେ ବିରୋଧୀ ସଦସ୍ୟ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଡେରେକ୍ ଓ'ବ୍ରିଏନ୍ ଆଲୋଚନା ଚାହୁଁଥିବାବେଳେ ଭେଙ୍କାୟା ଅନୁମତି ନ ଦେବାରୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଆଇଏନ୍‌ଏସ୍ ବିକ୍ରାନ୍ତ ପାଇଁ ସଂଗୃହୀତ ଚାନ୍ଦା ବାଟମାରଣା ଅଭିଯୋଗରେ ଭାଜପାର କିରୀଟ ସୋମେୟାଙ୍କ ବିରୋଧରେ ଏତଲା ଦାଏର ପ୍ରସଙ୍ଗ ଉଠାଇବା ଲାଗି ଶିବସେନା ସଦସ୍ୟ ସଞ୍ଜୟ ରାଉତ ଏବଂ ପ୍ରିୟଙ୍କା ଚତୁର୍ବେଦୀ ଉଦ୍ୟମ କରିଥିଲେ। ଭେଙ୍କାୟା ସେମାନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେବାରୁ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ।

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ସହ ଜାନୁୟାରୀ ୩୧ରେ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେନ୍ଦ୍ର ବଜେଟ ଉପସ୍ଥାପନ କରିଥିଲେ। ଅଧିବେଶନର ପ୍ରଥମ ଭାଗ ଫେବୃୟାରୀ ୧୧ରେ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୪ରୁ ଆରମ୍ଭ ହୋଇ ବଜେଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ସଂଶୋଧନ) ବିଲ୍, ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ଆଦି ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ ହେବା ପରେ ଗୁରୁବାର ଅଧିବେଶନ ଶେଷ ହୋଇଛି।

୧୭ତମ ଲୋକ ସଭାର ଅଷ୍ଟମ ଅଧିବେଶନ ୧୨୯% ଫଳପ୍ରଦ ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଜାତୀୟ ଗୁରୁତ୍ୱ ଥିବା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସଦସ୍ୟମାନେ ଅଧିକ ୪୦ ଘଣ୍ଟା ଗୃହରେ ଉପସ୍ଥିତ ରହିଥିଲେ। ଅନ୍ୟ ପକ୍ଷରେ ରାଜ୍ୟ ସଭାରେ ହୋହଲ୍ଲା ଓ ବାରମ୍ବାର ମୁଲତବୀ ଯୋଗୁ ୯.୫ ଘଣ୍ଟା ବରବାଦ ହୋଇଥିଲା। ତେବେ ଗୃହ ଅଧିକ ୯ ଘଣ୍ଟା ୧୬ ମିନିଟ ଚାଲିବାରୁ ବରବାଦ ସମୟ ଭରଣା ହୋଇପାରିଥିଲା। ରାଜ୍ୟ ସଭା ଅଧିବେଶନ ୯୯.୮ ପ୍ରତିଶତ ଫଳପ୍ରଦ ଥିଲା। ଲୋକ ସଭାରେ ଅର୍ଥ ବିଧେୟକ ସମେତ ୧୨ଟି ବିଲ୍ ଓ ରାଜ୍ୟ ସଭାରେ ୧୧ ବିଧେୟକ ପାରିତ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୫୮,୧୮,୭୦୯ | ୬୧,୯୩,୩୭୪ | ୪୩,୧୬,୨୪,୬୧୪ |
| ଭାରତ | ୪,୩୦,୩୧,୯୫୮ | ୫,୨୧,୫୬୦ | ୪,୨୪,୯୮,୭୮୯ |
| ଓଡ଼ିଶା | ୧୨,୮୭,୮୦୧ | ୯୧୨୧(+୫୩) | ୧୨,୭୮,୪୪୧ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କଥା ହୁଅନ୍ତି ଛତୁ

■ ଗବେଷଣାରେ ଦାବି
■ ବୁଝିପାରନ୍ତି ୫୦ ଶବ୍ଦ




**ନୂଆଦିଲ୍ଲୀ**

ମଣିଷଙ୍କ ଭଳି ଛତୁ ମଧ୍ୟ ପରସ୍ପର ସହ କଥା ହୋଇପାରନ୍ତି। ୟୁନିଭରସିଟି ୱେଷ୍ଟ ଅଫ୍ ଇଂଲଣ୍ଡର ପ୍ରଫେସର ଆଣ୍ଡ୍ର୍ୟୁ ଆଡାମାଟଜକିଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଏହା ଜାଣିବାକୁ ମିଳିଛି। କଥା ମାଧ୍ୟମରେ ଛତୁମାନେ ମଧ୍ୟ ଭାବର ଆଦାନ ପ୍ରଦାନ କରନ୍ତି। ବିଶେଷକରି ଇନୋକି, ସ୍ପ୍ଲିଟ୍ ଗିଲ୍, ଗୋଷ୍ଟ ଏବଂ କାଟରପିଲାର ଛତୁରେ ଇଲେକ୍ଟ୍ରିକ୍ ଇମ୍ପଲ୍ସେସ୍ (ବିଦ୍ୟୁତ୍ ସଂବେଗ) ସୃଷ୍ଟି ହୁଏ। ଏହା ମାଧ୍ୟମରେ ଛତୁମାନେ ପରସ୍ପର ସହ କଥା ହୋଇଥାନ୍ତି। କାଠ ପାଚନ କରୁଥିବା ଛତୁ କାଠ ସଂସ୍ପର୍ଶରେ ଆସିଲେ ଛତୁରେ ବିଦ୍ୟୁତ ସଂବେଗର ବେଗ ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଗବେଷକ ଦାବି କରିଛନ୍ତି। ଛତୁରେ ଇଲେକ୍ଟ୍ରିକାଲ୍ ସ୍ପାଇକ୍ସ ମଧ୍ୟ ଉତ୍ପନ୍ନ ହେଉଥିବା ଗବେଷଣାରୁ ଜଣାପଡ଼ିଛି। ମଣିଷ ବ୍ୟବହାର କରୁଥିବା ଶବ୍ଦ ଓ ଛତୁର ଶବ୍ଦ ମଧ୍ୟରେ କୌଣସି ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଛତୁ ବ୍ୟବହାର କରୁଥିବା ପାଖାପାଖି ୫୦ଟି ଶବ୍ଦ ମାନବ ଶବ୍ଦାବଳୀ ସହ ମେଳ ଖାଉଛି। ସାଧାରଣ ଭାବେ ଇଂଲିଶ ଶବ୍ଦରେ ୪.୮ ଲେଟର ରହିଥାଏ। କିନ୍ତୁ ଛତୁ ବ୍ୟବହାର କରୁଥିବା ଶବ୍ଦରେ ପାଖାପାଖି ୫.୯୭ ଲେଟର ରହିଛି। ଏହା ଜରିଆରେ ଛତୁର ମନ ଓ ଚେତନାଶକ୍ତି ଅଛି ବୋଲି ଜଣାପଡୁଥିବା ଆଡାମାଟଜକି କହିଛନ୍ତି। କଥା ହେବା ପାଇଁ ୫୦ ଶବ୍ଦ ମଧ୍ୟରୁ ୧୫-୨୦ଟି ଶବ୍ଦ ହିଁ ଛତୁ ବହୁଳମାତ୍ରାରେ ବ୍ୟବହାର କରନ୍ତି। ଛତୁର ଚେର (ଜୁଲୋଜିକାଲ ଟର୍ମ ମାଇସେଲିୟମ୍) ଇଲେକ୍ଟ୍ରିକାଲି ଚାର୍ଜଡ୍ ହେବା ଫଳରେ ମାଇସେଲିୟମ୍ ଟିପ୍ ଜରିଆରେ ଅନ୍ୟ ମାଇସେଲିୟମ୍‌କୁ ଇଲେକ୍ଟ୍ରୋଡ୍ ସଂଚାରିତ ହୋଇଥାଏ। ଛତୁ ପରସ୍ପର ସହ କଥା ହେବା ସାଙ୍ଗକୁ ୫୦ ଶବ୍ଦ ବ୍ୟବହାର କରିବା କଥା ମନରେ କୌତୂହଳ ସୃଷ୍ଟି କରୁଥିବାବେଳେ ଏନେଇ ଅଧିକ ଗବେଷଣାର ଆବଶ୍ୟକ ବୋଲି ୟୁନିଭର୍ସିଟି ଅଫ୍ ଏକ୍ସଟର ଏବଂ ବ୍ରିଟିଶ୍ ମାଇକୋଲୋଜିକାଲ ସୋସାଇଟିର୍ ଫଙ୍ଗାଲ ବାୟୋଲୋଜି ରିସର୍ଚ୍ଚ କମିଟିର ସଦସ୍ୟ ଡାନ୍ ବେବବର କହିଛନ୍ତି।

# ସରକାରୀ କର୍ମଚାରୀଙ୍କୁ ବିନା ସୁଧରେ ଆଡ୍‌ଭାନ୍ସ



**ଇ-ଯାନକୁ ପ୍ରୋତ୍ସାହନ**

■ ୪ଚକିଆ ପାଇଁ ୧୫ ଲକ୍ଷ
■ ଦୁଇଚକିଆ ପାଇଁ ୨ ଲକ୍ଷ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବଢୁଛି। କରୋନା ସମୟରେ ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ ତୈଳ ଦର ବୋଝ ଉପରେ ନଳିତାବିଡ଼ା ହୋଇଛି। ତୈଳ ଦର ବୃଦ୍ଧି ଯୋଗୁ ଲୋକମାନେ ଇ-ଯାନ କ୍ରୟ ପ୍ରତି ଆଗ୍ରହ ଦେଖାଉଛନ୍ତି। ସହରାଞ୍ଚଳ ପ୍ରଦୂଷଣ ହ୍ରାସ କରିବା ପାଇଁ ରାଜ୍ୟ ସରକାର ମଧ୍ୟ ଇ- ଯାନକୁ ପ୍ରୋତ୍ସାହନ ଦେବା ସକାଶେ ଇଲେକ୍ଟ୍ରିକ ଭେହିକଲ ପଲିସ-୨୦୨୧ କାର୍ଯ୍ୟକାରୀ କରିଛନ୍ତି। ଏହା ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ। ଇ-ଯାନ କ୍ରୟ କଲେ ସରକାର ସବ୍‌ସିଡି(ରିହାତି) ଯୋଗାଇବାକୁ ବ୍ୟବସ୍ଥା କରିଛନ୍ତି। ତେବେ ସରକାରୀ କର୍ମଚାରୀମାନଙ୍କ ପାଇଁ ଇ-ଯାନ କ୍ରୟ ସକାଶେ ସରକାର ସୁଧବିହୀନ ଆଡ୍‌ଭାନ୍ସ ଯୋଗାଇ ଦେବାକୁ ନିଷ୍ପତ୍ତି କରିଛନ୍ତି। ଯେଉଁ ସରକାରୀ କର୍ମଚାରୀ ଇ-ଭେହିକଲ କିଣିବେ ତାଙ୍କୁ ବିନା ସୁଧରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଆଡ୍‌ଭାନ୍ସ ଆକାରରେ ଅର୍ଥ ଯୋଗାଇ ଦିଆଯିବ। ଏହି ସମୟ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ରୁପ୍-ଏ ଓ ଗ୍ରୁପ୍-ବି କର୍ମଚାରୀଙ୍କୁ ଇଲେକ୍ଟ୍ରିକ ଅପରେଟେଡ ମୋଟର କାର ପାଇଁ ଆଡ୍‌ଭାନ୍ସ ମିଳିବ। ତେବେ ଏହି ଆଡ୍‌ଭାନ୍ସ ଇ-ଯାନ ମୂଲ୍ୟର ୭୫% ଅଥବା ସର୍ବାଧିକ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ସେହିପରି ଇଲେକ୍ଟ୍ରିକ ମୋଟରସାଇକେଲ, ସ୍କୁଟର, ସ୍କୁଟି ଇତ୍ୟାଦି ପାଇଁ ରାଜ୍ୟ ସରକାରଙ୍କ ଗ୍ରୁପ୍-ସି ଓ ଡି କର୍ମଚାରୀଙ୍କୁ ସୁଧବିହୀନ ଆଡ୍‌ଭାନ୍ସ ଯୋଗାଇ ଦିଆଯିବ। ଉକ୍ତ ଯାନ କ୍ରୟ ପାଇଁ ମୂଲ୍ୟର ୭୫ ପ୍ରତିଶତ ଅଥବା ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଡ୍‌ଭାନ୍ସ ମିଳିବ। ତେବେ କର୍ମଚାରୀମାନଙ୍କୁ ଦିଆଯାଇଥିବା ଆଡ୍‌ଭାନ୍ସକୁ ୧୦୦ଟି କିସ୍ତି(ଇନ୍‌ଷ୍ଟାଲମେଣ୍ଟ)ରେ ପରିଶୋଧ କରାଯିବ। ଯଦି କୌଣସି କର୍ମଚାରୀ ଆଡ୍‌ଭାନ୍ସ ଶୁଝିବା ପୂର୍ବରୁ ଅବସର ନେଇଥିବେ କିମ୍ବା ମୃତ୍ୟୁ ହୋଇଥିବ ବକେୟା ପରିଶୋଧ ତାଙ୍କ ବକେୟା ଦରମା ବିଲ୍, ଲିଭ ସାଲାରି ବିଲ୍, ପେନ୍‌ସନ କିମ୍ବା ଗ୍ରାଚ୍ୟୁଇଟି ଆଦିରୁ କାଟି ରଖାଯିବ। ଯଦି କୌଣସି କର୍ମଚାରୀ ସରକାରୀ ଚାକିରିରୁ ଆଗୁଆ ଅବସର ନିଅନ୍ତି ତେବେ ଓପିଡିଆର ଆକ୍ଟ ଅନୁଯାୟୀ ତାଙ୍କଠାରୁ ଋଣ ବକେୟା ଆଦାୟ କରାଯିବ। ଯଦି କୌଣସି କର୍ମଚାରୀ ଆଗତୁରା କିସ୍ତି ଦେବାକୁ ଚାହିଁବେ ଦେଇପାରିବେ। ଏହାଛଡ଼ା ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍(ଭଲ୍ୟୁମ-୧) ଅନୁଯାୟୀ ଅନ୍ୟାନ୍ୟ ସର୍ତ୍ତ ରହିଛି। ଏ ନେଇ ସମସ୍ତ ବିଭାଗକୁ ଅର୍ଥ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ପଠାଇ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଇ-ଭେହିକଲକୁ ପ୍ରୋତ୍ସାହନ ଦେବା ସକାଶେ ଇଲେକ୍ଟ୍ରିକ୍ ଭେହିକଲ ପଲିସିରେ ସବ୍‌ସିଡି ବ୍ୟବସ୍ଥା ରହିଛି। ୨ ଚକିଆ ପାଇଁ ଯାନ ମୂଲ୍ୟର ୧୫ ପ୍ରତିଶତ ଅର୍ଥାତ୍ ୫ ହଜାର ଟଙ୍କା ରିହାତି ଦେବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ ୩ ଚକିଆ ଯାନ ପାଇଁ ୧୫ ପ୍ରତିଶତ ଓ ସର୍ବାଧିକ ୧୦ ହଜାର ଟଙ୍କା ଏବଂ ୪ ଚକିଆ ଯାନ ପାଇଁ ୫୦ ହଜାର ଟଙ୍କା ରିହାତି ଦେବେ। ୨୦୨୫ ମଧ୍ୟରେ ଯେଉଁମାନେ ଇଲେକ୍ଟ୍ରିକ୍ ଯାନ କିଣିବେ ସେମାନଙ୍କୁ ଉକ୍ତ ରିହାତି ପ୍ରଦାନ କରାଯିବ। ଯେଉଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଯାନ ପଞ୍ଜୀକୃତ ହୋଇଥିବ ସେହି ଅଞ୍ଚଳର କ୍ରେତାଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଉକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ୨୦୨୧ ସେପ୍ଟେମ୍ବର ପହିଲା ପରେ କିଣିଥିଲେ ଉକ୍ତ ସବ୍‌ସିଡି ରାଶି ମିଳିବ।





ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ଖାଇବା ତେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ବିରୋଧରେ ସିପିଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ।

# ଓଡ଼ିଶାକୁ ୨୭୨୫ କୋଟି ଋଣ ଉଠାଣ ଅନୁମତି

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ବିଦ୍ୟୁତ୍ ସଂସ୍କାର ପାଇଁ ଓଡ଼ିଶାକୁ ୨୭୨୫ କୋଟି ଟଙ୍କାର ଋଣ ଉଠାଣ ନିମନ୍ତେ ମଞ୍ଜୁରୀ ମିଳିଛି। ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟକୁ ୨୦୨୧-୨୨ ଆର୍ଥିକ ବର୍ଷରେ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ପାଇଁ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ପକ୍ଷରୁ ଅତିରିକ୍ତ ୨୮ ହଜାର ୨୦୪ କୋଟି ଟଙ୍କାର ଋଣ ଉଠାଣ ପାଇଁ ଅନୁମତି ଦିଆଯାଇଛି। ବିଦ୍ୟୁତ୍ କ୍ଷେତ୍ରରେ ବିଭିନ୍ନ ରାଜ୍ୟଗୁଡ଼ିକ ପକ୍ଷରୁ କରାଯାଇଥିବା ସଂସ୍କାରକୁ ଆଧାର କରି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ରାଜ୍ୟ ଜିଡିପିର ୦.୫ ପ୍ରତିଶତ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦେବା ଲାଗି ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଧାର କରି ଏହି ମଞ୍ଜୁରୀ ଦେବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ଗ୍ରହଣ କରିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୨୧-୨୨ ବଜେଟ ଭାଷଣରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ବିଦ୍ୟୁତ୍ କ୍ଷେତ୍ରରେ ପରିଚାଳନା ଏବଂ ଆର୍ଥିକ ଦକ୍ଷତାରେ ସୁଧାର ଆଣିବା ସହିତ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଦୀର୍ଘସ୍ଥାୟୀ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ସକାଶେ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରୁଥିବା ରାଜ୍ୟଗୁଡ଼ିକୁ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ

**ବିଦ୍ୟୁତ୍ ସଂସ୍କାର**

୨୦୨୧ ଜୁନ୍ ୯ରେ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ପକ୍ଷରୁ ଆବଶ୍ୟକ ବିସ୍ତୃତ ମାର୍ଗଦର୍ଶିକା ଏବଂ ନିୟମାବଳୀ ଜାରି କରାଯାଇଥିଲା। ଅତିରିକ୍ତ ଋଣ ଉଠାଣ ନିମନ୍ତେ ବିଦ୍ୟୁତ୍ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କୁ ବାଧ୍ୟତାମୂଳକ ସଂସ୍କାର କାର୍ଯ୍ୟକାରୀ କରିବାକୁ ହେବ ଏବଂ ନିର୍ଦ୍ଧାରିତ ପ୍ରଦର୍ଶନ ବେଞ୍ଚମାର୍କ ପ୍ରସ୍ତୁତ କରିବାକୁ ପଡ଼ିବ। ବିଦ୍ୟୁତ୍ ବିତରଣ କମ୍ପାନୀର ଘରୋଇକରଣ ପାଇଁ ରାଜ୍ୟଗୁଡ଼ିକ ବୋନସ ପ୍ରୋତ୍ସାହନ ପାଇବା ଲାଗି ଯୋଗ୍ୟ ହୋଇପାରିବେ। ରାଜ୍ୟମାନଙ୍କର ପ୍ରଦର୍ଶନ ଏବଂ ଅତିରିକ୍ତ ଋଣ ଉଠାଣ ଅନୁମତି ପାଇଁ ଯୋଗ୍ୟତା ଆକଳନ କରିବା ଲାଗି ଶକ୍ତି ମନ୍ତ୍ରଣାଳୟକୁ ନୋଡାଲ ମନ୍ତ୍ରଣାଳୟ ଭାବେ ନିୟୋଜିତ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମଧ୍ୟ ରାଜ୍ୟଗୁଡ଼ିକ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ସହ ଜଡ଼ିତ ଅତିରିକ୍ତ ଋଣ ଉଠାଣ ସୁବିଧାର ଲାଭ ନେଇପାରିବେ। ଏଥିପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୧,୨୨,୫୫୧ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଉପଲବ୍ଧ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ସଂସ୍କାର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରି ନ ଥିବା ରାଜ୍ୟଗୁଡ଼ିକ ଚଳିତ ଆର୍ଥିକ ବର୍ଷରେ ସଂସ୍କାର କାର୍ଯ୍ୟକାରୀ କରିପାରିଲେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଋଣ ଉଠାଣର ଲାଭ ନେଇପାରିବେ।

# ତେଲଙ୍ଗାନାର ମୋଷ୍ଟ ୱାଣ୍ଟେଡ ଉମର ଫାରୁକ୍ ଗିରଫ

**କଟକ ଅଫିସ, ୭।୪**

■ **ହତ୍ୟା ମାମଲାରେ ଫେରାର ଥିଲେ**

ହତ୍ୟା ମାମଲାରେ ଫେରାର ଥିବା ତେଲଙ୍ଗାନାର ମୋଷ୍ଟ ୱାଣ୍ଟେଡ୍ ଉମର ଫାରୁକ୍‌ଙ୍କୁ କଟକ ରେଳ ଷ୍ଟେଶନରେ ଟ୍ରେନ୍ ଭିତରୁ ବୁଧବାର ରାତିରେ ରେଳବାଇ ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ ତେଲଙ୍ଗାନାରୁ ଆସିଥିବା ସ୍ୱତନ୍ତ୍ର ପୋଲିସକୁ ଗୁରୁବାର ହସ୍ତାନ୍ତର କରାଯାଇଥିବା କଟକ ରେଳବାଇ ଥାନା ଅଧିକାରୀ ପ୍ରବୀଣ କୁମାର ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଫାରୁକ୍ ଏକ ହତ୍ୟା ମାମଲାରେ ଦୁଇବର୍ଷ ହେବ ତେଲଙ୍ଗାନାର ରାଏ ଦୁର୍ଗମ ଥାନା ଅଞ୍ଚଳରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ପୋଲିସ ପାଇଁ ବଡ ଚ୍ୟାଲେଞ୍ଜ ଥିଲା। ପରେ ତେଲଙ୍ଗାନା ପୋଲିସ ଫାରୁକ୍‌ଙ୍କୁ ମୋଷ୍ଟୱାଣ୍ଟେଡ୍ ବୋଲି ଘୋଷଣା କରିଥିଲା। ଅଭିଯୁକ୍ତ ଫେରାର ହେବା ପାଇଁ ଟ୍ରେନ୍‌କୁ ମୁଖ୍ୟ ମାଧ୍ୟମ ଭାବେ ବାଛିଥିବାବେଳେ ପୋଲିସ ସିଧାସଳଖ ଆର୍‌ପିଏଫ୍‌କୁ ଏନେଇ ସୂଚନା ଦେଇଥିଲା। ଫାରୁକ୍ କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

# ଘରୁ ମିଳିଲା ନଗଦ ୨ କୋଟି ଟଙ୍କା, ୨୦ ସୁନା ବିସ୍କୁଟ୍




ଜବତ ଟଙ୍କା, ସୁନା ବିସ୍କୁଟ, କଏନ, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।



କାର୍ତ୍ତିକେଶ୍ୱର ରାଉଳ

**ଭୁବନେଶ୍ୱର,୭।୪ (ବ୍ୟୁରୋ)**

**କୁବେର ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସର ଯାଞ୍ଚ**

■ ଜବତ ନଗଦ ଟଙ୍କା ରାଜ୍ୟରେ ସର୍ବାଧିକ
■ ବୁଧବାର ୬ ସ୍ଥାନରେ ଚଢ଼ାଉ ହୋଇଥିଲା
■ ଦ୍ୱିତୀୟ ସ୍ତ୍ରୀଙ୍କୁ ନେଇ ଚର୍ଚ୍ଚା

ଗଞ୍ଜାମ ଜିଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବାରେ ଲାଗିଛି। ଗୁରୁବାର ଭୁବନେଶ୍ୱର ଆଇଗିଣିଆଠାରେ ଥିବା ଟାଟା ଆରିଆନାସ୍ଥିତ ତାଙ୍କ ଘରୁ (ଫ୍ଲାଟ୍ ନଂ.୦୫୦୫) ନଗଦ ୨ କୋଟି ଟଙ୍କା, ୫୮୦ ଗ୍ରାମର ୨୦ଟି ସୁନା ବିସ୍କୁଟ୍, କଏନ, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଯାଞ୍ଚବେଳେ ଏତେ ପରିମାଣର ଟଙ୍କା ଓ ସୁନା ଦେଖି ଭିଜିଲାନ୍ସ ଅଧିକାରୀମାନେ ଚକିତ ହୋଇଯାଇଛନ୍ତି। ଏକକାଳୀନ ଗୋଟିଏ ସ୍ଥାନରୁ ଜବତ ଟଙ୍କା ମଧ୍ୟରେ ଏହା ସର୍ବାଧିକ ବୋଲି ଭିଜିଲାନ୍ସ କହିଛି। ଉକ୍ତ ଫ୍ଲାଟ୍‌ରେ କାର୍ତ୍ତିକଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନା ପ୍ରଧାନ ରହୁଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେବେ କାର୍ତ୍ତିକଙ୍କର ଦ୍ୱିତୀୟ ସ୍ତ୍ରୀ ରହିଥିବା ଜଣାପଡିବା ପରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, କାର୍ତ୍ତିକ ଭଞ୍ଜନଗରରେ ଦୀର୍ଘବର୍ଷ ହେଲା କାର୍ଯ୍ୟରତ ଅଛନ୍ତି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଥିଲା। ବୁଧବାର ଗଞ୍ଜାମ ଜିଲା ଭଞ୍ଜନଗର ମାଇନର୍ ଇରିଗେଶନ କଲୋନୀସ୍ଥିତ ତାଙ୍କ ସରକାରୀ ବାସଭବନ, ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମରେ ଥିବା ପୈତୃକ ଘର, ଭଞ୍ଜନଗରସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମୁଡୁମାସ୍ଥିତ କସ୍ମୋପୋଲିସ୍ ରେସିଡେନ୍‌ସିରେ ଥିବା ୨ ବିଏଚ୍‌କେ ଫ୍ଲାଟ୍, ତ୍ରୁପ୍ତି ରେସିଡେନ୍‌ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ୍ ଓ ଜାଗମରାସ୍ଥିତ ଦୁଇ ମହଲା ଘର ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ତେବେ ଚଢ଼ାଉବେଳେ ଏସବୁ ସ୍ଥାନରୁ ନଗଦ ୨ ଲକ୍ଷ ୫୦ ହଜାର ୮୮୦ ଟଙ୍କା ମିଳିଥିଲା। ସେହିଭଳି ଖଲ୍ଲିକୋଟ ଲଙ୍ଗଳେଶ୍ୱରସ୍ଥିତ ପୈତୃକ ଘରର ମୂଲ୍ୟ ଆନୁମାନିକ ୨୮ ଲକ୍ଷ ଟଙ୍କାରେ ହିସାବ କରାଯାଇଥିବାବେଳେ ଭୁବନେଶ୍ୱର ଖଣ୍ଡଗିରି କସ୍ମୋପୋଲିସ୍ ରେସିଡେନ୍‌ସିର ୨ ବିଏଚ୍‌କେ ଫ୍ଲାଟ୍‌ର ମୂଲ୍ୟ ୩୩.୬୩ ଲକ୍ଷ, ତ୍ରୁପ୍ତି ରେସିଡେନ୍‌ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ୍‌କୁ ୪୦ ଲକ୍ଷ ଟଙ୍କା, ଜାଗମରାସ୍ଥିତ ଦୁଇ ମହଲା ଘରର ମୂଲ୍ୟ ୭୨ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଏଥିସହ ଗଞ୍ଜାମରେ ୫ଟି ଓ ଭୁବନେଶ୍ୱରରେ ୨ଟି ପ୍ଲଟ୍ ଠାବ ହୋଇଛି। ଯାଞ୍ଚରୁ ୩୭.୨୩ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍, ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ୍, ଘରେ ଥିବା ୧୭.୯୫ ଲକ୍ଷ ଟଙ୍କାର ସାମଗ୍ରୀ, ଗୋଟିଏ ୧୪ ଲକ୍ଷ ଟଙ୍କାର ଚାରି ଚକିଆ ଯାନ, ୨ଟି ବାଇକ୍ ଓ ୫.୭୨ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଆଦି ମିଳିଛି। ତେବେ ଯାଞ୍ଚ ଓ ହିସାବ ଜାରି ରହିଥିବାରୁ ଠାବ ହୋଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ଓ ଆୟ ବହିର୍ଭୂତ ସମ୍ପତ୍ତି ପରିମାଣ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏହି ଚଢ଼ାଉରେ ୫ଜଣ ଡିଏସ୍‌ପି, ୧୧ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି। ଚଢ଼ାଉ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହେବ ବୋଲି ଭିଜିଲାନ୍ସ ଆଶା ରଖିଛି।



# ଯୋଗୀଙ୍କୁ ବିରୋଧ କରିବାରୁ ବିଧାୟକଙ୍କ ପେଟ୍ରୋଲ ପମ୍ପ ଭଙ୍ଗାଗଲା

ବରେଲି,୭।୪

ସମାଜବାଦୀ ପାର୍ଟି ବିଧାୟକ ଶଜିଲ ଇସ୍‌ଲାମ ଅନ୍‌ସାରୀଙ୍କର ଏକ ପେଟ୍ରୋଲ ପମ୍ପକୁ ଗୁରୁବାର ଭାଙ୍ଗିଦିଆଯାଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ଏହି ବିଧାୟକଙ୍କ ବିରୋଧରେ ନିକଟରେ ମାମଲା ରୁଜୁ ହୋଇଥିଲା। ବରେଲି-ଦିଲ୍ଲୀ ଜାତୀୟ ରାଜପଥର ପର୍ସାଖେଡାଠାରେ ଥିବା ତାଙ୍କ ପେଟ୍ରୋଲ ପମ୍ପ୍ ବିନା ମଞ୍ଜୁରୀରେ



ବେଆଇନ ଭାବେ ନିର୍ମିତ ହୋଇଥିବା ଦର୍ଶାଇ ବରେଲି ଉନ୍ନୟନ କର୍ତ୍ତୃପକ୍ଷ ବୁଲ୍‌ଡୋଜର ସହାୟତାରେ ଏହାକୁ ଭାଙ୍ଗିଦେଇଛନ୍ତି। ଏନେଇ ପୂର୍ବରୁ ବିଧାୟକଙ୍କ ପାଖକୁ ନୋଟିସ ପଠାଯାଇଥିଲେ ହେଁ ସେ ଏହାର ଜବାବ ରଖି ନ ଥିଲେ ବୋଲି ବିଡିଏ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସିଂ କହିଛନ୍ତି।

ଗତ ଶୁକ୍ରବାର ଅନ୍‌ସାରୀ ନିଜ ନିର୍ବାଚନ ମଣ୍ଡଳୀରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବାବେଳେ କହିଥିଲେ, ବିଧାନସଭାରେ ତାଙ୍କ ଦଳର ଶକ୍ତି ବୃଦ୍ଧି ପାଇଛି। ଆଦିତ୍ୟନାଥ ଯଦି ପାଟି କରନ୍ତି, ତେବେ ଏସ୍‌ପି ବନ୍ଧୁକ ଧୂଆଁ ଛାଡ଼ିବ ନାହିଁ ଗୁଳି ଫୁଟାଇବ ବୋଲି ସେ କହିଥିଲେ। ଏହି ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

# ଓଡ଼ିଶାର ଭାଜପା ଏମ୍‌ପିଙ୍କୁ ମୋଦିଙ୍କ ମନ୍ତ୍ର



ନୂଆଦିଲ୍ଲୀଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ କେନ୍ଦ୍ରୀୟ ନେତାଙ୍କ ସହ ଓଡ଼ିଶାର ଭାଜପା ଏମ୍‌ପି।

ଭୁବନେଶ୍ୱର,୭।୪(ବ୍ୟୁରୋ)

ଭାଜପାର ଓଡ଼ିଶା ଏମ୍‌ପିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟରେ ଆଗକୁ ସଙ୍ଗଠନ କିପରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଓଡ଼ିଶା ଏମ୍‌ପିଙ୍କ ସହ ସେ ଆଲୋଚନା କରିଥିବା ଜଣାପଡ଼ିଛି। ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଭାଜପା ସେମିତି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବାବେଳେ ଆଗକୁ କ'ଣ ସବୁ କରାଗଲେ ଭଲ ହେବ ସେନେଇ ବିଶେଷ ଆଲୋଚନା ହୋଇଛି। ଗୁରୁବାର ସକାଳେ ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଭାଜପା ଏମ୍‌ପିମାନେ ସାକ୍ଷାତ ସହ ଜଳଖିଆ କରିଥିବା କୁହାଯାଉଛି। ତେବେ ଏମ୍‌ପିମାନଙ୍କ ଭୂମିକା ଏବଂ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ,ଏଥିସହ 'ସବ୍‌କା ସାଥ୍ ସବ୍‌କା ବିକାଶ' ବାର୍ତ୍ତା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ କହିଛନ୍ତି।

ଏହି ଅବସରରେ ଓଡ଼ିଶାର ବିଭିନ୍ନ ସାଙ୍ଗଠନିକ ସ୍ଥିତି ଏବଂ ତୃଣମୂଳସ୍ତରରେ କେଉଁସବୁ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି ତାହା ଆଲୋଚନା ହୋଇଛି। ତେବେ ଏହି ଅବସରରେ ରାଜ୍ୟ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା କଥା ନେଇ କେତେଜଣ ପରୋକ୍ଷରେ ମତ ରଖିଥିବା ଶୁଣିବାକୁ ମିଳୁଛି। ଉପନିର୍ବାଚନଠାରୁ ଆରମ୍ଭକରି ପଞ୍ଚାୟତ, ପୌର ନିର୍ବାଚନ ଫଳାଫଳ କଥା ମଧ ପ୍ରଧାନମନ୍ତ୍ରୀ ଶୁଣିଛନ୍ତି। କିଛିଦିନ ମଧ୍ୟରେ ସେ ଓଡ଼ିଶାର ଭାଜପା ବିଧାୟକଙ୍କ ସହ ସାକ୍ଷାତ କରିପାରନ୍ତି ବୋଲି ମଧ କୁହାଯାଉଛି। ହେଲେ ଓଡ଼ିଶା ନେତାଙ୍କ ଘନ ଘନ ଦିଲ୍ଲୀ ଗସ୍ତ ଏବଂ ପର୍ଯ୍ୟାୟକ୍ରମେ ବିଭିନ୍ନ ନେତାଙ୍କ ସହ ଭେଟକୁ ନେଇ ଚର୍ଚ୍ଚା ଚାଲିଛି। ପ୍ରଥମେ ସାଧାରଣ ସମ୍ପାଦକମାନେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଯାଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିବା ଏବଂ ପରେ ପରେ ୩ କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟ ବିଧାୟକଙ୍କ ସାକ୍ଷାତ ଆଲୋଚନାକୁ ଭିନ୍ନରଙ୍ଗ ଦେଇଛି। ଏହାପରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ସମସ୍ତ ଏମ୍‌ପିଙ୍କ ସହ ମୋଦିଙ୍କ ବ୍ରେକ୍‌ଫାଷ୍ଟ ଷ୍ଟ୍ରାଟେଜି ସମସ୍ତଙ୍କୁ ଚକିତ କରିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ଏକ ନୂଆ ରଣନୀତି ଆଡ଼କୁ ମୁହାଁଉଥିବା ରାଜନୈତିକ ମହଲରେ ଚର୍ଚ୍ଚାକୁ ନୂଆ ଦିଗ ଆଡ଼କୁ ନେଇଛି। ତେବେ ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ଯାହା ପଚାରିଥିଲେ ସେନେଇ କହିଥିଲୁ। ବ୍ୟକ୍ତିଗତ ଓଡ଼ିଶା ବାବଦରେ ସେମିତି କିଛି ଆଲୋଚନା ହୋଇ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଲୋକ ଏବଂ ଗରିବଙ୍କ ସହ ଯୋଡ଼ିହେବାକୁ କହିଛନ୍ତି। ଏହି ଅବସରରେ କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ହରିୟାଣା, ଉତ୍ତରାଖଣ୍ଡର ଏମ୍‌ପି ଓ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଯୋଜନାକୁ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କ ବିଶ୍ୱାସଭାଜନ ହେବା ସହ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଭାଜପା ଏମ୍‌ପିମାନଙ୍କୁ ପରାମର୍ଶ ଦିଆଯାଇଛି।

**ଚର୍ଚ୍ଚାରେ ଓଡ଼ିଶା ନେତାଙ୍କ ଦିଲ୍ଲୀରେ ଘନ ଘନ ବୈଠକ**

# ପାରାଦୀପରେ ବିଜେଡି କାଉନସିଲରଙ୍କ କ୍ରସ୍ ଭୋଟିଂ

ପାରାଦୀପ, ୭।୪(ସ୍ୱ.ପ୍ର.)

- ସ୍ୱାଧୀନ ପ୍ରାର୍ଥୀ ଛବିଲତା ହେଲେ ଉପାଧ୍ୟକ୍ଷା
- ଭୋଟଦାନରୁ ଦୂରେଇଗଲା ଭାଜପା

ପାରାଦୀପ ପୌର ଉପାଧ୍ୟକ୍ଷା ନିର୍ବାଚନ ଗୁରୁବାର ଶେଷ ହୋଇଛି। ବିଜେଡିର ଜଣେ କାଉନ୍‌ସିଲର କ୍ରସ୍ ଭୋଟିଂ କରିବା ଯୋଗୁ ୨ ନଂ. ୱାର୍ଡର ସ୍ୱାଧୀନ କାଉନ୍‌ସିଲର ଛବିଲତା ରାଉତ ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ଭାଜପା ଭୋଟିଂରୁ ଦୂରେଇ ଯାଇଛି।

ପାରାଦୀପ ପୌରାଞ୍ଚଳର ୧୯ଟି ୱାର୍ଡ ମଧ୍ୟରୁ ନିର୍ବାଚନରେ ବିଜେଡି ୭, କଂଗ୍ରେସ ୧, ଭାଜପା ୩ ଓ ଆମ ପାରାଦୀପ ଆମ ପ୍ରଗତି (ଏପିଏପି) ସଙ୍ଗଠନର ସ୍ୱାଧୀନ ଭାବେ ୮ କାଉନ୍‌ସିଲର ବିଜୟୀ ହୋଇଥିଲେ। ଏମାନେ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି) ଙ୍କ ସମର୍ଥିତ ଥିଲେ। ୮ ସ୍ୱାଧୀନ ଓ ଜଣେ କଂଗ୍ରେସ କାଉନ୍‌ସିଲରଙ୍କୁ ନେଇ ସର୍ବାଧିକ ୯ଟି ଭୋଟ ସର୍ଖେଲଙ୍କ ପାଖରେ ଥିଲା। ଉପାଧ୍ୟକ୍ଷା ନିର୍ବାଚନରେ ସ୍ୱାଧୀନ କାଉନ୍‌ସିଲର ଛବିଲତା, ଭାଜପାର ୧୭ନଂ. ୱାର୍ଡ କାଉନ୍‌ସିଲର ରୁନି ପରିଡ଼ା ଓ ବିଜେଡିର ୧୧ ନଂ. ୱାର୍ଡ କାଉନ୍‌ସିଲର ପ୍ରଭାତୀ ନାୟକ ଉପାଧ୍ୟକ୍ଷା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ନିର୍ବାଚନ କମିଶନଙ୍କ ଘୋଷଣା ମତେ କୌଣସି ପ୍ରାର୍ଥୀ ନିର୍ବାଚନ ଏଜେଣ୍ଟ ମନୋନୀତ କରି ପାରି ନ ଥିଲେ। ପରେ ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଗୁପ୍ତ ଭୋଟ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଛବିଲତାଙ୍କୁ ୯, ରୁନିଙ୍କୁ ୩ ଓ ପ୍ରଭାତୀଙ୍କୁ ଦଳୀୟ ସମର୍ଥକ ଅନୁସାରେ ୭ ଭୋଟ ମିଳିଥିଲା। ଏହାପରେ ଭାଜପା ପ୍ରାର୍ଥୀ ରୁନିଙ୍କୁ ନିର୍ବାଚନ ଅଧିକାରୀ



ଛବିଲତା ରାଉତ

ସର୍ବନିମ୍ନ ଭୋଟ ଯୋଗୁ ପ୍ରାର୍ଥୀ ତାଲିକାରୁ ବାଦ୍ ଦେଇଥିଲେ। ପରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨ ପ୍ରାର୍ଥୀ ପ୍ରଭାତୀ ଓ ଛବିଲତାଙ୍କୁ ନେଇ ହୋଇଥିଲା। ମତଦାନ ପୂର୍ବରୁ ଭାଜପାର ୩ କାଉନ୍‌ସିଲର ବିରତ ରହିଥିଲେ। ଅବଶିଷ୍ଟ ୧୬ କାଉନ୍‌ସିଲରଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ଛବିଲତାଙ୍କୁ ୧୦ ଓ ବିଜେଡିର ପ୍ରଭାତୀଙ୍କୁ ୬ ଭୋଟ ମିଳିଥିଲା। ଏଣୁ ଛବିଲତା ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହେଲେ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

ବିଜେଡିର ୭ କାଉନ୍‌ସିଲରଙ୍କ ମଧ୍ୟରୁ ୨ୟ ପର୍ଯ୍ୟାୟ ମତଦାନରେ ୬ ଭୋଟ ମିଳିଛି। ଅର୍ଥାତ୍ ଜଣେ କାଉନ୍‌ସିଲର କ୍ରସ୍ ଭୋଟିଂ କରିଥିବା ସ୍ପଷ୍ଟ ହୋଇଛି। ବିଜେଡି ଆରମ୍ଭରୁ ଏଜେଣ୍ଟ ରଖିବାରେ ବିଫଳ ହେବାରୁ କିଏ କ୍ରସ୍ ଭୋଟିଂ କରିଛି ଜାଣିବା କଷ୍ଟକର। ନିର୍ବାଚନ ବେଳେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ପହଞ୍ଚି ଦଳୀୟ କାଉନ୍‌ସିଲରଙ୍କୁ ବିଭୂତି ଛୁଆଁଇ ଶପଥ କରିବାକୁ ପ୍ରସ୍ତାବ ଦେଇଥିଲେ। ଜଣେ କାଉନ୍‌ସିଲର ଅଶୌଚ ଥିବାରୁ ମନା କରିଥିଲେ। ଏଜେଣ୍ଟ ନ ଦେବା ପ୍ରସଙ୍ଗରେ କହିଥିଲେ, ଆମେ ହେଲୁ ଶୃଙ୍ଖଳିତ ଦଳ। କେହି ଭୁଲ କରିବେ ନାହିଁ। ଫଳାଫଳ ଘୋଷଣା ପରେ ରାଉତରାୟଙ୍କୁ ପଚାରିବାରେ ଏହାର ତର୍ଜମା କରାଯିବ। ଆମର ମୁଖ୍ୟ ଅଧ୍ୟକ୍ଷ ପଦ ଦଳ ପାଇଛି ବୋଲି କହିଥିଲେ।

# ଅକବରୀଙ୍କୁ ଭୋଟ ଦେଲେ ୪ ସ୍ୱାଧୀନ କାଉନ୍‌ସିଲର

କେନ୍ଦ୍ରାପଡ଼ା ଅଫିସ, ୭।୪

**କେନ୍ଦ୍ରାପଡ଼ା ପୌର ଉପାଧ୍ୟକ୍ଷ ନିର୍ବାଚନ**

କେନ୍ଦ୍ରାପଡ଼ା ପୌର ପରିଷଦ ଉପାଧ୍ୟକ୍ଷ ନିର୍ବାଚନକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଗୁରୁବାର ଅନ୍ତ ଘଟିଛି। ବିଜେଡିରୁ ନିଲମ୍ବନ ପରେ ସ୍ୱାଧୀନ ଭାବେ ବିଜୟୀ ୪ କାଉନସିଲର ଦଳର ଉପାଧ୍ୟକ୍ଷ ପ୍ରାର୍ଥୀ ଅକବରୀ ଖାତୁନଙ୍କୁ ଭୋଟ ଦେଇଛନ୍ତି। ଫଳରେ ଅକବରୀ ବିଜେଡିର ୧୧ କାଉନସିଲର ଓ ଦଳରୁ ନିଲମ୍ବିତ ୪ କାଉନସିଲରଙ୍କ ଭୋଟକୁ ମିଶାଇ ମୋଟ୍ ୧୫ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅକବରୀଙ୍କ ସହ ମୁକାବିଲା କରୁଥିବା କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଦାସ ନିଜ ଦଳର ୫ କାଉନସିଲରଙ୍କ ଭୋଟ ପାଇ ପରାଜିତ ହୋଇଛନ୍ତି। ଭାଜପାର ଜଣେ କାଉନସିଲର ଭୋଟଦାନରୁ ବିରତ ରହିଛନ୍ତି।

ଚଳିତ ପୌର ନିର୍ବାଚନରେ ମୋଟ ୨୧ ୱାର୍ଡରୁ ୧୧ଟିରେ ବିଜେଡି, ୫ଟିରେ କଂଗ୍ରେସ, ଗୋଟିଏ ୱାର୍ଡରେ ଭାଜପା ଓ ୪ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେବେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିଥିବା କାଉନସିଲର କାଳିପ୍ରସାଦ ମିଶ୍ର, ରଶ୍ମିତା ସିଂହ, ସେକ୍ ଅସଲାମ ଓ ଶୁଭଶ୍ରୀ ନିବେଦିତା ସ୍ୱାଇଁ ପୂର୍ବରୁ ବିଜେଡିରେ ଥିଲେ। ଟିକେଟରୁ ବଞ୍ଚିତ ହେବା ପରେ ସେମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ସେମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର ନ କରିବାରୁ



ଅକବରୀ ଖାତୁନ

ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। କିନ୍ତୁ ସେମାନେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଉପାଧ୍ୟକ୍ଷ ପଦବୀ ପାଇଁ ମ୍ୟାଜିକ ନମ୍ବର ୧୧ ବିଜେଡି ହାତରେ ଥିଲା। ଏଣେ ସ୍ୱାଧୀନ କାଉନସିଲରଙ୍କ ସହିତ ବିରୋଧୀଙ୍କ ହାତରେ ମୋଟ ୧୦ ସଦସ୍ୟ ଥିଲେ। ସେମାନେ ବିଜେଡିରୁ ଜଣେ କାଉନସିଲରଙ୍କୁ କ୍ରସ ଭୋଟିଂ କରାଇବେ ବୋଲି ଆଲୋଚନା ଜୋର ଧରିଥିଲା। ଏପରି କି ଉପାଧ୍ୟକ୍ଷ ନିର୍ବାଚନ ଆରମ୍ଭ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ଦଳୀୟ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇ ନ ଥିବାରୁ ସେମାନେ ଭୋଟରେ ଭାଗ ନେବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା।

# କଂଗ୍ରେସ, ସ୍ୱାଧୀନ ସମର୍ଥନରେ ଭାଜପା ପ୍ରାର୍ଥୀ ଉପାଧ୍ୟକ୍ଷ

ଜଗତ୍‌ସିଂହପୁର ଅଫିସ, ୭।୪

**ଜଗତ୍‌ସିଂହପୁର ପୌର ପରିଷଦ**

ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ଉପାଧ୍ୟକ୍ଷ ପଦ ପାଇଁ ଗୁରୁବାର ନିର୍ବାଚନ ହୋଇଥିଲା। ଭାଜପା ପ୍ରାର୍ଥୀ ତଥା ୧୪ନଂ. ୱାର୍ଡର କାଉନସିଲର ରାଜେନ୍ଦ୍ର କୁମାର ବିଶୋଇ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପରିଷଦ ଅଧୀନ ୨୧ଟି ୱାର୍ଡ ମଧ୍ୟରୁ ଉପାଧ୍ୟକ୍ଷ ହେବାକୁ ୧୧ ଜଣ କାଉନସିଲରଙ୍କ ଆବଶ୍ୟକତା ଥିଲା। ଭାଜପା ସପକ୍ଷରେ ମାତ୍ର ୨ଜଣ କାଉନସିଲର ଥାଇ ସୁଦ୍ଧା ଦଳର ପ୍ରାର୍ଥୀ ବାଜିମାତ୍ କରିଛନ୍ତି। କଂଗ୍ରେସର ୭ ଓ ସ୍ୱାଧୀନ ୨ କାଉନ୍‌ସିଲରଙ୍କ ସହଯୋଗରେ ଭାଜପା ପ୍ରାର୍ଥୀ ବିଶୋଇ ୧୧ ଖଣ୍ଡ ଭୋଟ ପାଇ ଜିତିଥିଲେ। ବିଜେଡିର ମନୋଜ ମହାନ୍ତିଙ୍କୁ ୧୦ଟି ଭୋଟ ମିଳିଥିଲା, ଯେଉଁଥିରେ ମହାନ୍ତିଙ୍କ ସହ ଅନ୍ୟ ୮ ଦଳୀୟ ଓ ଜଣେ ସ୍ୱାଧୀନ କାଉନ୍‌ସିଲର ଥିଲେ। ଜଗତ୍‌ସିଂହପୁର ରାଜନୀତିରେ ଏହା ନୂଆ ଇତିହାସ ସୃଷ୍ଟି କରିଛି।

ଗୁରୁବାର ଜଗତ୍‌ସିଂହପୁର ପୌର



ରାଜେନ୍ଦ୍ର କୁମାର ବିଶୋଇ

ପରିଷଦ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ସମସ୍ତ ୨୧ ଜଣ କାଉନ୍‌ସିଲର ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ବିଜେଡିରୁ ମନୋଜ ଓ ଭାଜପାରୁ ରାଜେନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଯାଞ୍ଚ ହୋଇଥିଲା। ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିଲେ। ଅପରାହ୍ନ ସାଢ଼େ ୧ଟାରେ ମତଦାନ ଆରମ୍ଭ ହୋଇ ୨ଟାରେ ଗଣତି ପରେ ଫଳ ପ୍ରକାଶ ପାଇଥିଲା। ନିର୍ବାଚନରେ ବିଜେଡି ପକ୍ଷରୁ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଭାଜପା ପ୍ରାର୍ଥୀଙ୍କ ପାଇଁ ମିଡିଆ ସେଲ ମୁଖ୍ୟ ଗଣେଶ ମହାନ୍ତି ଏଜେଣ୍ଟ ରହିଥିଲେ। ଉପାଧ୍ୟକ୍ଷ ନିର୍ବାଚନ ଫଳାଫଳ କ'ଣ ହେବ ତାକୁ ନେଇ ସାଧାରଣରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଫଳ ଘୋଷଣା ପରେ ଭାଜପା, କଂଗ୍ରେସ ଓ ୨ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକମାନେ ବାଣ ଫୁଟାଇ ସେଲିବ୍ରେଶନ୍ କରିଥିଲେ। ନୂଆ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିବା ସହ ସହର ପରିକ୍ରମା କରାଇଥିଲେ।

# ଆୟୁଷ୍ମାନ ବନାମ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ

ଭୁବନେଶ୍ୱର,୭।୪(ବ୍ୟୁରୋ)

- ୬୦ଲକ୍ଷ ପରିବାର ଆୟୁଷ୍ମାନ ଯୋଜନା ସୁବିଧା ପାଇବାରୁ ବଞ୍ଚିତ: ସମୀର
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବେଶ୍ ଲାଭଦାୟକ: ବିଜେଡି

କେନ୍ଦ୍ର ସରକାର 'ୱାନ୍ ନେଶନ, ୱାନ୍ ହେଲ୍‌ଥ' କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୁଷ୍ମାନ ଯୋଜନା ଆରମ୍ଭ କରଛନ୍ତି। ପଶ୍ଚିମବଙ୍ଗ, ତେଲଙ୍ଗାନା, ଓଡ଼ିଶା, ଦିଲ୍ଲୀ ଭଳି ୪ଟି ରାଜ୍ୟର ସରକାର ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରିନାହାନ୍ତି। ଓଡ଼ିଶାର ୬୦ ଲକ୍ଷ ପରିବାରକୁ କାହିଁକି ଆୟୁଷ୍ମାନ ଭାରତ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ କରାଯାଉଛି ରାଜ୍ୟ ସରକାର ଉତ୍ତର ଦିଅନ୍ତୁ ବୋଲି ଗୁରୁବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ବିଜେଡି ଏମ୍‌ପି ମୁନା ଖାଁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାଠାରୁ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯଥେଷ୍ଟ ଗୁଣରେ ଭଲ । ମହିଳାଙ୍କ ଲାଗି ରାଜ୍ୟ ଯୋଜନାରେ ବହୁ ସୁବିଧା ଦିଆଯାଇଛି। କେନ୍ଦ୍ର ସରକାରଙ୍କୁ କିଛି ପ୍ରସ୍ତାବ ଦିଆଯାଇଥିଲା ଆୟୁଷ୍ମାନ ଯୋଜନା ସହ ଯୋଡ଼ିବା ଲାଗି, ହେଲେ ସେମାନେ କଥା ରଖିଲେ ନାହିଁ ବୋଲି ମୁନା କହିଛନ୍ତି।

# ଭୋଟ ଦେଲେନି ୪ ଭାଜପା କାଉନ୍‌ସିଲର

ବାସୁଦେବପୁର, ୭।୪ (ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଉପାଧ୍ୟକ୍ଷ ଭାବେ ୯ ନଂ. ୱାର୍ଡର ବିଜେଡି କାଉନ୍‌ସିଲର ଉତ୍ତମ କୁମାର ବାରିକ ନିର୍ବାଚିତ ହୋଇଛନ୍ତି। ୨୩ ୱାର୍ଡରୁ ବିଜେଡି ୧୦, କଂଗ୍ରେସ ୯ ଓ ଭାଜପା ୪ଟି ଦଖଲ କରିଥିଲା। ଏହି ନିର୍ବାଚନରେ ଭାଜପାର ୪ କାଉନ୍‌ସିଲର ଭୋଟଦାନରୁ ବିରତ ରହିଛନ୍ତି। ଉପାଧ୍ୟକ୍ଷ ପାଇଁ ବିଜେଡିରୁ ଉତ୍ତମ ଓ କଂଗ୍ରେସରୁ ଭକ୍ତ ରଞ୍ଜନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନ ପ୍ରକ୍ରିୟାର ଧାର୍ଯ୍ୟ ସମୟ ପରେ ନିର୍ବାଚନ ଅଧିକାରୀ ତଥା ତହସିଲଦାର ଅନିତା ନାୟକ ଫଳାଫଳ ଘୋଷଣା କରିଥିଲେ। ବିଜେଡି ପ୍ରାର୍ଥୀ ଉତ୍ତମଙ୍କ ସପକ୍ଷରେ ୧୦ ଓ ଭକ୍ତରଞ୍ଜନଙ୍କ ସପକ୍ଷରେ ୯ ଖଣ୍ଡ ଭୋଟ୍ ପଡ଼ିଥିଲା।

# ସ୍ତ୍ରୀ ଅଧ୍ୟକ୍ଷା, ସ୍ୱାମୀ ଉପାଧ୍ୟକ୍ଷ

ଗୁଣପୁର,୭।୪(ଡି.ଏନ୍.ଏ.)

**ସ୍ୱାଧୀନଙ୍କ ହାତରେ ଗୁଣପୁର ପୌର ପରିଷଦ**

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦକୁ ଦଖଲ କରିନେଲେ ସ୍ତ୍ରୀ ଏବଂ ସ୍ୱାମୀ। ସ୍ୱାଧୀନ ପ୍ରାର୍ଥିନୀ ମମତା ଗୌଡ଼ ପୌରାଧ୍ୟକ୍ଷ ହୋଇଥିବାବେଳେ ଏବେ ସ୍ୱାମୀ ଶିବ ପ୍ରସାଦ ଗୌଡ଼ ଉପାଧ୍ୟକ୍ଷ ହୋଇ ଗୁଣପୁର ରାଜନୀତିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି।

ଉପାଧ୍ୟକ୍ଷ ନିର୍ବାଚନରେ ଗୁରୁବାର ୬ନଂ. ୱାର୍ଡର ସ୍ୱାଧୀନ କାଉନସିଲର ତଥା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ଏକମାତ୍ର ପ୍ରାର୍ଥୀ ରୂପେ ନାମାଙ୍କନ ଦାଖଲ କରିଥିଲେ। ୧୯ ୱାର୍ଡରୁ ୮ଟି ୱାର୍ଡରେ ବିଜେଡି ବିଜୟୀ ହୋଇଥିଲେ ମଧ ଉପାଧ୍ୟକ୍ଷ ନିର୍ବାଚନରେ ଦଳର କୌଣସି ପ୍ରାର୍ଥୀ ସାମିଲ ହୋଇ ନ ଥିଲେ। ବିଜେଡି ସମଗ୍ର ରାଜ୍ୟରେ ପତିଆରା ଜାହିର କରିଥିବାବେଳେ ଗୁଣପୁରରେ ଦଳର ଏଭଳି ଶୋଚନୀୟ ସ୍ଥିତି ସମଗ୍ର ଜିଲା ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ପୌର ନିର୍ବାଚନରେ ଅଧ୍ୟକ୍ଷା ସମେତ ୧୯ଟି ୱାର୍ଡରୁ ୧୧ଟି ୱାର୍ଡରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବଙ୍କ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ କାଉନସିଲର ହୋଇଥିଲେ।

ଜିଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ ଏବଂ ଶିବ ଗୌଡ଼ଙ୍କ ସଫଳ ଯୋଡ଼ି ପୂର୍ବରୁ ଅନେକ ନିର୍ବାଚନରେ ବିଜେଡି ପାଇଁ ସଫଳତା ଆଣିଥିଲା। ପରେ ଉଭୟଙ୍କ ମଧ୍ୟରେ ବିବାଦ ଯୋଗୁ ଦୂରତା ବଢ଼ିଥିଲା। ରାଜ୍ୟ ନେତୃତ୍ୱ ମଧ ବିବାଦ ତୁଟାଇବାରେ ସଫଳ ହୋଇ ନ ଥିଲେ। ପରିଣାମ ସ୍ୱରୂପ ଗୁଣପୁର ବ୍ଲକ ଏବଂ ପୌର



ଉପାଧ୍ୟକ୍ଷ ଘୋଷଣା ପରେ ଶିବପ୍ରସାଦଙ୍କୁ ପୌରାଧ୍ୟକ୍ଷା ମମତା ଗୌଡ଼ ଶୁଭେଚ୍ଛା ଜଣାଉଛନ୍ତି।

ପରିଷଦ ବିଜେଡି ହାତରୁ ଖସି ମମତା ଏବଂ ଶିବ ଦମ୍ପତିଙ୍କ କବ୍‌ଜାକୁ ଚାଲିଯାଇଛି। ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଶିବପ୍ରସାଦଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗଙ୍କୁ ନିଜ ସମର୍ଥନରେ ଶିବ ସ୍ୱାଧୀନ ପ୍ରାର୍ଥୀ କରି ପ୍ରତିଦ୍ୱନ୍ଦ୍ୱିତା କରାଇଥିଲେ। ହେଲେ ତ୍ରିନାଥ ହାରିଯାଇଥିଲେ। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୂର୍ବତନ ବିଧାୟକ ତ୍ରିନାଥ ଏବଂ ଗୁଡ଼ାରିର ରାମକ୍ରିଷ୍ଣାଙ୍କୁ ପୁଣିଥରେ ବିଜେଡିରେ ସାମିଲ କରାଯାଇଥିଲା। କିନ୍ତୁ ଶିବଙ୍କୁ ଦଳରେ ସାମିଲ କରାଯାଇ ନ ଥିଲା।

**BIJU PATTANAIK**
**FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
Tel No. 0671-2413968 /2415480
email : bpftio123@gmail.com

**ADMISSION NOTICE -2022**

Biju Pattanaik Film & Television Institute of Orissa, Cuttack is the only Government Institute under SD&TE Department & Directorate of Technical Education & Training, Odisha.

ON-LINE Application forms are invited for admission 4 years Bachelor Programme in Cinematic Art and Technology in the following courses for the Academic Session 2022-23.

| Sl. No. | Course | No. of Seats | Entry Qualification |
|---|---|---|---|
| 1. | Cinematography | 20 | Intermediate (10+2) in Science from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |
| 2. | Sound Recording & Sound Design | 20 | |
| 3. | Film Editing | 20 | Intermediate (10+2) in Science/Arts/Commerce from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |

Desirous candidates may apply through OJEE (www.ojee.nic.in).
The last date of submission of online Application Form is 13.04.2022.
**For any Queries Contact :**
**8249889162, 9437069564, 9439978071**
**Sd./- Director**

Make your Career in
Film Making, Media Sectors in Govt. & Private Television Channels & Radio Stations
For Details Visit : www.bpftio.org

**NOTICE**
**IN THE DEBTS RECOVERY TRIBUNAL : CUTTACK**
**C-71, Sector-7, CDA, Cuttack- 753014**
**O.A.No. 38 of 2020**

**Utkal Grameen Bank,** Paikmal Branch .....Applicant
-Versus-
**M/s Nrusinghnath Neer** and Others ....Defendants

To,
1: **M/s Nrusinghnath Neer**, (Mineral Water Plant) a Proprietorship firm, At/PO- Paikmal, Dist. Bargarh, Represented Through its Proprietor Rajesh Kumar Patel.
2: **Mr. Rajesh Kumar Patel**, S/o Rabji Bhai Patel, At. Jharbandh Road, P.O. Paikmal, Dist. Bargarh.
3: **Mr. Ashok Kumar Agarwal**, S/o Radheshyam Agarwal, At. Jharbandh Road, P.O. Paikmal, Dist. Bargarh.
4: **Smt. Nalini Padhan**, W/o Tirupati Padhan, At. Jharbandh Road, P.O. Paikmal, Dist. Bargarh.
......Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted a suit in O.A. No.38 of 2020 in the court of Debts Recovery Tribunal at Cuttack for recovery of **Rs. 36,75,426/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorized agent, in support of their defence to show cause on **Dt.20/05/2022 at 10.30 AM** as to why the reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal, on this the 4th April, 2022.

**Sd/- Registrar**
**Debts Recovery Tribunal, Cuttack**

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**
**NOTICE INVITING TENDER**
**Tender Notice No. TPWODL/PJ/O/SU/ 004**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**For Supply of 12.5 MVA, 33/11 KV Power Transformers.**

Interested bidders to submit Tender Participation Fee and Authorization Letter through email on or before **18th April. 2022, 1500Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

> ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ

# ଓର୍ବାନ୍ କାହିଁକି ଜିତିଲେ




ଡୋରୋଥ୍ୟା ସିଜକ୍ରା
ସିନିୟର ରିସର୍ଚ୍ଚର, ସେଣ୍ଟର ଫର୍ ସୋସିଆଲ ସାଇନ୍ସ, ବୁଦାପେଷ୍ଟ

ମିଚେଲ୍ ଏ.ଓରିନ୍‌ଷ୍ଟାଇନ
ପ୍ରଫେସର, ରୁଷିଆନ ଆଣ୍ଡ ଇଷ୍ଟ ୟୁରୋପିଆନ୍ ଷ୍ଟଡିଜ, ୟୁନିଭର୍ସିଟି ଅଫ୍ ପେନ୍‌ସିଲ୍‌ଭାନିଆ

ହଙ୍ଗେରୀର ଏକଚ୍ଛତ୍ରବାଦୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ ଲଗାତର ଚତୁର୍ଥ ଥର ପାଇଁ ନିର୍ବାଚନ ଜିତିବେ ବୋଲି ଯାହା ଆଶା କରାଯାଉଥିଲା ତାହା ହିଁ ହେଲା। ଏକ ଭ୍ରଷ୍ଟ ନିର୍ବାଚନ ପଦ୍ଧତି ଏବଂ ସରକାର ନିୟନ୍ତ୍ରଣାଧୀନ ମିଡିଆ ହେତୁ ମିଳିତ ବିରୋଧୀ ମେଣ୍ଟ ଭୋଟରଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇପାରିଲା ନାହିଁ। କିନ୍ତୁ ଯେଉଁ ପରିମାଣ ଭୋଟରେ ଓର୍ବାନ ବିଜୟ ହାସଲ କଲେ ସେଥିରେ ଅଧିକାଂଶ ପର୍ଯ୍ୟବେକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ। ୟୁନାଇଟେଡ୍ ଫର୍ ହଙ୍ଗେରୀର ପ୍ରାର୍ଥୀ ପିଟର୍ ମାର୍କି ଜେ ପପୁଲାର ଭୋଟ୍ ୩୫% ପାଇଥିବାବେଳେ ଓର୍ବାନ ପାଇଛନ୍ତି ୫୩%। ଫଳରେ ଓର୍ବାନ୍‌ଙ୍କ ଫାଇଡ୍‌ଜି ପାର୍ଟି ବଡ଼ ଅନ୍ତରରେ ନିର୍ବାଚନ ଜିତି ପାର୍ଲାମେଣ୍ଟରେ ବୃହତ୍ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ଏହା ମଧ୍ୟ ୟୁରୋପୀୟ ସଂଘ ପାଇଁ ବଡ଼ ପରାଜୟ। ଓର୍ବାନଙ୍କ ସପକ୍ଷରେ ଆସିଥିବା ନିର୍ବାଚନ ପରିଣାମ ସମ୍ଭବତଃ ହଙ୍ଗେରୀର ମିଳିତ ବିରୋଧୀଙ୍କୁ ଆର୍ଥିକ କାରଣଗୁଡ଼ିକ ଉପରେ ଅଧିକ ବିଚାର କରିବାକୁ ବାଧ କରିବ। ୨୦୧୦ ନିର୍ବାଚନରେ ଫାଇଡ୍‌ଜିର ବ୍ୟାପକ ବିଜୟ ପରେ, ବର୍ଷ ବର୍ଷ ଧରି ଆର୍ଥିକ କଠିନ ସ୍ଥିତିରେ ଅଧିକାଂଶ ହଙ୍ଗେରୀବାସୀ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ହୋଇଥିବା ଅନୁଭବ କରିଥିଲେ। ୨୦୧୪ ପରେ ଆସିଥିବା ଆର୍ଥିକ ସୁଧାର ଅନେକ ହଜାର ଚାକିରି ସୃଷ୍ଟି କରିଥିଲା ଏବଂ ଏହା ଓର୍ବାନ୍‌ଙ୍କୁ ସାହାଯ୍ୟ କଲା। ତାଙ୍କ ନୀତିଗୁଡ଼ିକ ଫାଇଡ୍‌ଜି ପାଇଁ ଆର୍ଥିକ ଏବଂ ସାମାଜିକ ସ୍ତରରେ ବିଭିନ୍ନ ବର୍ଗର ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସଂଗଠିତ କରିପାରିଥିଲା। ହଙ୍ଗେରୀର ଉଦାରବାଦୀ ବିରୋଧୀ ଏହି ନୀତିଗୁଡ଼ିକୁ ଉପହାସ କରିଛି ଏବଂ ଏହାର ବିକଳ୍ପ ଯୋଗାଇଦେବାକୁ ବି ଅକ୍ଷମ ହୋଇଛି।

ନିର୍ବାଚନ ପୂର୍ବରୁ କେତେକ ମିଡିଆ ରିପୋର୍ଟ ଓର୍ବାନଙ୍କ ସ୍ଥିର ଗ୍ୟାସ୍ ଦର ଏବଂ ଖାଦ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଲୋକମାନଙ୍କୁ ଦିଆଯାଉଥିବା ବ୍ୟାପକ ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ୨୦୨୧ ଶେଷରେ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ବୃଦ୍ଧିକୁ ଦୃଷ୍ଟିରେ ରଖି ଓର୍ବାନ ଅଟା, ଚିନି, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଓ ଚିକେନ୍ ମୂଲ୍ୟକୁ ନିୟନ୍ତ୍ରଣରେ ରଖିଥିଲେ। ଏପରିକି ସରକାର ମଧ୍ୟ ଗ୍ୟାସ୍ ଷ୍ଟେଶନ୍‌ଗୁଡ଼ିକରେ ଇନ୍ଧନ କମ୍ ମୂଲ୍ୟରେ ବିକ୍ରି କରିବାକୁ ଆବଶ୍ୟକ ମଣିଲେ। ଏଥିପାଇଁ ୟୁକ୍ରେନ୍ ଯୁଦ୍ଧ ପରେ ଏକମାତ୍ର ୟୁରୋପୀୟ ଦେଶ ଭାବେ ହଙ୍ଗେରୀରେ ତୈଳ ଦର ବଢ଼ି ନ ଥିଲା। ଏହି ସବୁ କାର୍ଯ୍ୟକଳାପ ଓର୍ବାନଙ୍କ ଭାବମୂର୍ତ୍ତିକୁ ପୁଣି ଥରେ ମଜଭୁତ କଲା ଏବଂ ସାଧାରଣ ଲୋକଙ୍କ ହୃଦୟ ଜିତିପାରିଲା। କିନ୍ତୁ ଭୋଟରମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ଲାଗି ଓର୍ବାନଙ୍କ ଦୀର୍ଘମିଆଦୀ ନୀତିଗୁଡ଼ିକ ଅଧିକାଂଶ ବିଶ୍ଳେଷକଙ୍କ ନଜର ଆଢୁଆଳରେ ରହିଥିବା ଭଳି ମନେ ହେଉଛି। ଏହି ନୀତିଗୁଡ଼ିକ ଓର୍ବାନଙ୍କ ସ୍ଥାୟୀ ଲୋକପ୍ରିୟତା ଓ ସମର୍ଥନର ଆଧାର ହୋଇଥିବା ସତ୍ତ୍ୱେ ଏଗୁଡ଼ିକୁ ସେମାନେ ଅଣଦେଖା କରିଥିବା ଜଣାପଡୁଛି। ଏହିସବୁ ନୀତି ରୋଜଗାର ବୃଦ୍ଧି ଏବଂ ଟିକସ ଓ ଜୀବନବୀମା କାଟିବା ପରେ କର୍ମଚାରୀ ପାଉଥିବା ଦରମା, କାମ କରୁ ନ ଥିବା ଗରିବଙ୍କ ତୁଳନାରେ ସନ୍ତାନ ଥିବା କର୍ମଜୀବୀ ପରିବାରଗୁଡ଼ିକୁ ଅତ୍ୟଧିକ ସାମାଜିକ ସୁବିଧା ଯୋଗାଇଦେବା ଆଦି ଜାତୀୟ ପୁନର୍ଗଠନ ସମ୍ପର୍କିତ ଆଲୋଚନାରେ ଅଧିକ ପ୍ରକାଶ କରାଗଲା।

୧୯୮୯ ପରେ ନବଉଦାରବାଦର ପରିବର୍ତ୍ତିତ ନୀତିଗୁଡ଼ିକ ଯୋଗୁ ହଙ୍ଗେରୀରେ ୧୦ ଲକ୍ଷ ଚାକିରି ହ୍ରାସ ପାଇଥିଲା। ଓର୍ବାନ କ୍ଷମତାକୁ ଆସିବା ପରେ ଚାକିରି ଫେରାଇଆଣିବା ପାଇଁ ପ୍ରୟାସ ଜାରି ରଖିଲେ। ତାଙ୍କ ସରକାର ବିଭିନ୍ନ ପଦ୍ଧତିରେ ରୋଜଗାର ବଢ଼ାଇ ଏକ 'କର୍ମ ଆଧାରିତ ସମାଜ' ଗଠନ କରିବା ସହ ଅଧିକ କର୍ମଚାରୀଙ୍କ ପାଇଁ ଟିକସ ରିହାତି କରି ଏହାକୁ ସୁଧାରିବାକୁ ଚାହିଁଲେ। ଗ୍ରାମାଞ୍ଚଳରେ ଗରିବଙ୍କ ପାଇଁ ଏକ ଲୋକପ୍ରିୟ ସାର୍ବଜନୀନ ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କଲେ ଯାହା ୨ ଲକ୍ଷ ଚାକିରି ସୃଷ୍ଟି କରିପାରିଲା। ଯେଉଁମାନେ ନବଉଦାରବାଦ ଆର୍ଥିକ ପରିବର୍ତ୍ତନରେ ପଛରେ ପଡ଼ିଯାଇଥିଲେ ବୋଲି ମନେକରୁଥିଲେ ସେମାନେ ଏହି ଚାକିରି ଯୋଜନାକୁ ସମର୍ଥନ କଲେ ଓ ଏହା ଓର୍ବାନଙ୍କ ଲୋକପ୍ରିୟତା ବଢ଼ାଇଲା। ଓର୍ବାନଙ୍କ ସରକାର ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧି କରିବା ଲାଗି ଟିକସ ଓ ଅନ୍ୟ ନୀତିଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ତାହାକୁ ଲାଗୁ କରିବା ଯୋଗୁ କମ୍ ଆୟବର୍ଗର ଲୋକଙ୍କ ସହ ଅଧିକାଂଶ ହଙ୍ଗେରୀବାସୀ ସୁଖଦ ଅନୁଭବ କଲେ। ୨୦୧୦ ଦଶନ୍ଧିର ମଧ୍ୟ ଭାଗରୁ ସରକାର ଭଲ କରୁଛନ୍ତି ବୋଲି ସେମାନଙ୍କର ହୃଦ୍‌ବୋଧ ହେଲା। ଓର୍ବାନ ପ୍ରତିବର୍ଷ ଧୀରେ ଧୀରେ ବାଧ୍ୟତାମୂଳକ ସର୍ବନିମ୍ନ ମଜୁରି ବୃଦ୍ଧି କଲେ । ୨୦୧୮ରେ ଜୀବନଧାରଣ ଲାଗି ଥିବା ସର୍ବନିମ୍ନ ମଜୁରି ସ୍ତରକୁ ଅତିକ୍ରମ କରିବା ଯାଏ ସେ ଏହା କରିଚାଲିଲେ। ୧୯୮୯ ପରଠାରୁ ଏଭଳି ବୃଦ୍ଧି ପ୍ରଥମ ଥର ହୋଇପାରିଲା। ଏବକାର ନିର୍ବାଚନ ପାଇଁ ଓର୍ବାନ ସରକାର ପୁଣି ଥରେ ସର୍ବନିମ୍ନ ମଜୁରି ୨୦% ବୃଦ୍ଧି କରିଥିଲେ। ଏହାଦ୍ୱାରା ୧୦ ଲକ୍ଷ କର୍ମଚାରୀ ସିଧାସଳଖ ଉପକାର ପାଇଲେ।

ଚାକିରି ଓ ମଜୁରିରେ ଏହିସବୁ ସୁବିଧା ଯୋଗାଇଦେବା ସହ ଓର୍ବାନ ମଧ୍ୟ ପରିବାର ନୀତିଗୁଡ଼ିକ ମାଧ୍ୟମରେ ତାଙ୍କ ଲୋକପ୍ରିୟତା ବଢାଇଥିଲେ। ସେ ସନ୍ତାନ ଥିବା ପରିବାରଗୁଡ଼ିକୁ ଅଭୂତପୂର୍ବ ଭାବେ ସରକାରୀ ସଂସାଧନ ଯୋଗାଇ ଦେଇଥିଲେ। ବେରୋଜଗାର ପରିବାର, ସରକାରୀ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ଏବଂ ଅର୍ଥ ବ୍ୟବସ୍ଥାରେ ବିତ୍ତୀୟ ଓ ଅନ୍ୟ କାରବାରରେ ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ ଲୋକମାନଙ୍କୁ ବାଦ୍ ଦେଇ ଓର୍ବାନ ସଂଗଠିତ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ପରିବାରଗୁଡ଼ିକ ଉପରେ ତାଙ୍କ ସରକାରୀ ସଂସାଧନଗୁଡ଼ିକୁ କେନ୍ଦ୍ରିତ କରିଥିଲେ। ଉଦାହରଣସ୍ୱରୂପ, ତିନି କିମ୍ବା ଚାରିଟି ସନ୍ତାନ ଥିବା ପରିବାରଗୁଡ଼ିକୁ ୨୦୧୨ରୁ ବ୍ୟକ୍ତିଗତ ଆୟ କର (ପିଆଇଟି)ରୁ ମୁକ୍ତ କରାଯାଇଛି। ୨୦୧୯ରୁ ପରିବାରଗୁଡ଼ିକ କାର୍ ଏବଂ ଘର ନିର୍ମାଣ କିମ୍ବା କିଣିବା ଲାଗି ଅଧିକ ଅନୁଦାନ ଓ ଋଣ ପାଇଛନ୍ତି ଏବଂ ୨୦୨୨ର ପ୍ରାରମ୍ଭରେ ସମ୍ପୂର୍ଣ୍ଣ ପିଆଇଟି ଦାଖଲ କରିଛନ୍ତି। ୨୦୧୪ ପରେ ରୋଜଗାର ବଢ଼ିଥିବାରୁ ଅଧିକରୁ ଅଧିକ ପରିବାର ଲାଭବାନ୍ ହୋଇଛନ୍ତି। ପରିବାର ସପକ୍ଷବାଦୀ ନୀତିଗୁଡ଼ିକର ଗୁରୁତ୍ୱ ପ୍ରକାଶ କରିବାକୁ ଯାଇ ମାର୍ଚ୍ଚରେ ଫାଇଡ୍‌ଜି ନିୟନ୍ତ୍ରଣାଧୀନ ପାର୍ଲାମେଣ୍ଟ ଏହି ନୀତିଗୁଡ଼ିକୁ ଲାଗୁ କରିବା ଦାୟିତ୍ୱରେ ଥିବା ମନ୍ତ୍ରୀ କଟାଲିନ୍ ନୋଭାକଙ୍କୁ ହଙ୍ଗେରୀର ପ୍ରଥମ ରାଷ୍ଟ୍ରପତି କରିବାକୁ ଚୟନ କରିଥିଲା।

ବିଭିନ୍ନ ଶତ୍ରୁଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଓର୍ବାନ ତାଙ୍କ ସରକାରଙ୍କ ଆର୍ଥିକ ନୀତିଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ମୁଖ୍ୟତଃ ମୁସଲମାନ ଅନୁପ୍ରବେଶକାରୀ ଏବଂ ୨୦୨୦ରୁ ପ୍ରଚାର କରାଯାଉଥିବା ଏଲ୍‌ଜିବିଟିକ୍ୟୁ ସିଦ୍ଧାନ୍ତ ବିରୋଧରେ ଏହା କରାଯାଇଛି। ସେ ଲୋକମାନଙ୍କୁ ଭୟଭୀତ କରାଇବାରେ ଏବଂ ନିଜକୁ ହଙ୍ଗେରୀର ରକ୍ଷକ ଭାବେ ଉପସ୍ଥାପିତ କରିବା ଏବଂ ପାରମ୍ପରିକ ପରିବାରକୁ ମଜଭୁତ କରିବାରେ ପୂରା ଗୁରୁ। ହଙ୍ଗେରୀର ପିଲାମାନଙ୍କ ସୁରକ୍ଷାକୁ ନେଇ ଦେଶସାରା ହୋର୍ଡିଂରେ ଜଣେ ରୁଷୀୟ ମା' ଏବଂ ଝିଅର ଛବି ବ୍ୟବହାର କରି ଫାଇଡ୍‌ଜି ତା' ନିର୍ବାଚନ ପ୍ରଚାର ଚଳାଇଲା। ସମଲିଙ୍ଗୀ ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଭୋଟରମାନଙ୍କୁ ପ୍ରାର୍ଥନା କରିବା ସହ ନିର୍ବାଚନ ସମୟରେ ଏହା ଉପରେ ଜନମତ ସଂଗ୍ରହ କରିଥିଲା। କୌଣସି ଭୁଲ୍ ନ କରି ଓର୍ବାନଙ୍କ ଅର୍ଥନୈତିକ ନୀତିଗୁଡ଼ିକ ତାଙ୍କୁ ରାଜନୈତିକ ସଫଳତା ଦେବାରେ ବଡ଼ ଭୂମିକା ନେଇଛି। ତେବେ ବିରୋଧୀ ପ୍ରଭାବୀ ପ୍ରତିକ୍ରିୟା ପ୍ରକାଶ କରିବାରେ ଅକ୍ଷମ ହୋଇଛନ୍ତି। ଏହା ବ୍ୟତୀତ ଅନେକ ଭୋଟର ମାର୍କି ଜେ ଏବଂ ତାଙ୍କ ପଛରେ ଥିବା ଦଳଗୁଡ଼ିକୁ ହଙ୍ଗେରୀର କ୍ଷତି କରିଥିବା ନବଉଦାରବାଦୀ ଅର୍ଥନୈତିକ ନୀତି ଓ ୧୯୯୦ ଦଶକରେ କମ୍ୟୁନିଷ୍ଟ ଶାସନ ଥିବା ଦେଶଗୁଡ଼ିକ ସହ ଗଭୀର ସମ୍ପର୍କ ରହିଛି ବୋଲି ଭାବିଲେ। ଏଥିରୁ ବୁଝାପଡୁଛି, ହଙ୍ଗେରୀବାସୀ ୟୁରୋପୀୟ ନୀତିଗୁଡ଼ିକୁ ଉଲ୍ଲଂଘନ କରୁଥିବା ଜଣେ ଦୃଢ଼ ନେତାଙ୍କୁ ଭୋଟ ଦେବାକୁ ଚାହୁଁଛନ୍ତି। ଆର୍ଥିକ ଓ ସାମାଜିକ ନୀତିଗୁଡ଼ିକୁ ନେଇ ଅଧିକ ଭୋଟରଙ୍କୁ ଆକର୍ଷିତ କରିପାରୁଥିବା ଏକ ସମ୍ମିଳିତ ନୀତି ପ୍ରସ୍ତୁତ କରିବା ଏବେ ହଙ୍ଗେରୀ ବିରୋଧୀଙ୍କ ପାଇଁ ଆହ୍ୱାନ। ଏହାସହ ବର୍ଦ୍ଧିତ ମଧ୍ୟମ ବର୍ଗ ଓ ଯେଉଁମାନେ ଆର୍ଥିକ ପରିବର୍ତ୍ତନ ଏବଂ ଓର୍ବାନଙ୍କ ନୀତିଗୁଡ଼ିକ ଦ୍ୱାରା ପଛରେ ରହିଯାଇଛନ୍ତି, ସେମାନଙ୍କୁ ମଧ୍ୟ ଆକର୍ଷିତ କରିବାକୁ ବିରୋଧୀ ଦଳ କାର୍ଯ୍ୟ କରିବାକୁ ପଡ଼ିବ।

## ସକଳ ଶକ୍ତିର ଆଧାର



ଡ. ସୀତାଂଶୁ କୁମାର ସାମଲ

ଅତି ପୁରାତନ କାଳରୁ ବହୁ ଦୂରଦୃଷ୍ଟିସମ୍ପନ୍ନ ମନୀଷୀମାନେ ସୂର୍ଯ୍ୟଙ୍କୁ ସହସ୍ରାଂଶୁ ନାମରେ ନାମିତ କରିଛନ୍ତି। ସହସ୍ରାଂଶୁ ଶବ୍ଦର ଅର୍ଥ ହଜାର ରଶ୍ମିର ଉତ୍ସ ବା ବହୁ ଶକ୍ତିର ଉତ୍ସ। ସେହି ସମୟରେ ବିଜ୍ଞାନ ବହୁ ପଛରେ ଥିଲା ଏବଂ ଲୋକଙ୍କ ମନରେ ବିଜ୍ଞାନର ଚେତନା ପ୍ରାୟ ନ ଥିଲା। ଅଥଚ ମୁନି ଋଷି ବା ମହାପୁରୁଷମାନେ ପ୍ରକୃତି ସହିତ ନିବିଡ଼ ଭାବରେ ଜଡ଼ିତ ଥିବାରୁ ସୂର୍ଯ୍ୟ ସମସ୍ତ ଶକ୍ତିର ଆଧାର ବୋଲି ଉପଲବ୍ଧି କରିଥିଲେ। ଏହାର ବିଜ୍ଞାନ ସମ୍ମତ ଦିଗ ଉପରେ ଏବେ ଆଲୋଚନା କରିବା। ସୂର୍ଯ୍ୟ ସକଳ ଶକ୍ତିର ଆଧାର ଉକ୍ତିଟିର ଯଥାର୍ଥତା ଆଲୋଚନା କରିବା ପୂର୍ବରୁ ଶକ୍ତିର ରୂପାନ୍ତରଣ ନିୟମ ବା ଲ ଅଫ୍ କଞ୍ଜରଭେଶନ୍ ଅଫ୍ ଏନର୍ଜିକୁ ଜାଣିବା ଆବଶ୍ୟକ। ଏହି ନିୟମାନୁସାରେ ଶକ୍ତି ସୃଷ୍ଟି ହୁଏନାହିଁ ବା ଶକ୍ତିର ବିନାଶ ହୁଏନାହିଁ। ଏହା ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୋଇଥାଏ। ଗୋଟିଏ ଛୋଟ ଉଦାହରଣରୁ ଏହା ଜାଣିହେବ। କୋଇଲା ଦହନ ଦ୍ୱାରା ଜଳ ବାଷ୍ପରେ ପରିଣତ ହୁଏ ଏବଂ ତାହା ବିଦ୍ୟୁତ୍ ଶକ୍ତି ଉତ୍ପନ୍ନରେ ସହାୟକ ହୁଏ। ଏ କ୍ଷେତ୍ରରେ କୋଇଲାରେ ଗଚ୍ଛିତ ଥିବା ଶକ୍ତି, ମୁଖତଃ ସ୍ଥିତିଜ ଶକ୍ତି, ରୂପାନ୍ତରିତ ହୋଇ ଜଳୀୟ ବାଷ୍ପରେ ତାପଜ ଶକ୍ତି ଏବଂ ଗତିଜ ଶକ୍ତି ରୂପେ ଗଚ୍ଛିତ ହୋଇ ରହେ। ପରବର୍ତ୍ତୀ ଅବସ୍ଥାରେ ତାହା ବିଦ୍ୟୁତ୍ ଶକ୍ତିକୁ ରୂପାନ୍ତରିତ ହୋଇଥାଏ। ଶକ୍ତି ମୁଖ୍ୟତଃ ଦୁଇ ପ୍ରକାର। ଗୋଟିଏ ହେଲା ପାରମ୍ପରିକ ଉତ୍ସରୁ ମିଳୁଥିବା ଶକ୍ତି, ଯାହା ଥରେ ବ୍ୟବହାର ହେବାପରେ ପୁନଃ ସୃଷ୍ଟି ହୋଇପାରେ ନାହିଁ। ଏହି ଶକ୍ତି କୋଇଲା, ପ୍ରାକୃତିକ ଗ୍ୟାସ୍, ମାଟି ତଳୁ ମିଳୁଥିବା ତୈଳ ଇତ୍ୟାଦିରୁ ମିଳିଥାଏ। ଅନ୍ୟଟି ହେଲା ପୁନଃ ବ୍ୟବହାରଯୋଗ୍ୟ ଶକ୍ତି । ଏହି ଶକ୍ତି ଜଳ, ବାୟୁ, ସୂର୍ଯ୍ୟକିରଣ, ସମୁଦ୍ର ଢେଉ, ଭୂଗର୍ଭସ୍ଥ ତାପରୁ ମିଳିଥାଏ। ସୂର୍ଯ୍ୟଙ୍କର ରଶ୍ମି ବା ଶକ୍ତିର ବ୍ୟାପକତା ତିନି, ଚାରୋଟି ଉଦାହରଣରୁ ବୁଝି ହେବ।

ଜଳ ବିଦ୍ୟୁତ୍ ଶକ୍ତି ସମ୍ବନ୍ଧରେ ଆମେ ସମସ୍ତେ ପରିଚିତ। ଜଳ ସୂର୍ଯ୍ୟକିରଣ ଦ୍ୱାରା ବାଷ୍ପୀଭୂତ ହୋଇ ବାଦଲ ଆକାରରେ ଘୂରିବୁଲେ। ଏ କ୍ଷେତ୍ରରେ ସୂର୍ଯ୍ୟାଲୋକର ଶକ୍ତି ବାଷ୍ପକୁ ପ୍ରବେଶ କରିଥାଏ। ଏଣୁ ସୂର୍ଯ୍ୟଶକ୍ତି ବିନା ଜଳୀୟ ବିଦ୍ୟୁତ୍ ଶକ୍ତି ସୃଷ୍ଟି ଅସମ୍ଭବ। ଦ୍ୱିତୀୟ ପୁନଃ ବ୍ୟବହାରଯୋଗ୍ୟ ଶକ୍ତି ଉତ୍ସଟି ହେଲା ବାୟୁ। ବାୟୁ ପ୍ରବାହର ଗତିଜ ଶକ୍ତି ପବନକଳର ଟର୍ବାଇନ୍‌କୁ ଘୂର୍ଣ୍ଣନ କରାଇଥାଏ। ତହିଁରୁ ଉତ୍ପନ୍ନ ମେକାନିକାଲ ଶକ୍ତି ଶେଷରେ ବିଦ୍ୟୁତ୍ ଶକ୍ତିରେ ପରିଣତ ହୁଏ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୃଥିବୀର ସମସ୍ତ ଅଞ୍ଚଳ ଅର୍ଥାତ୍ ଜଳାଶୟ, ଜଙ୍ଗଲ, ପାହାଡ଼, ମରୁଭୂମି ଇତ୍ୟାଦି ସମାନ ମାତ୍ରାରେ ସୂର୍ଯ୍ୟାଲୋକ ବା ସୌରଶକ୍ତି ପାଇ ନ ଥାନ୍ତି। ଅଧିକ ଆଲୋକ ପାଉଥିବା ଅଞ୍ଚଳରେ ଥିବା ବାୟୁ ସୂର୍ଯ୍ୟଙ୍କର ତାପଜ ଶକ୍ତି ଦ୍ୱାରା ଉତ୍ତପ୍ତ ହୁଏ। ତାହା କମ୍ ସାନ୍ଦ୍ରତାବିଶିଷ୍ଟ ହୋଇ ଥିବାରୁ ହାଲୁକା ହୋଇ ବାୟୁମଣ୍ଡଳର ଉପର ସ୍ତରକୁ ଯାଇଥାଏ। ନିମ୍ନସ୍ତରର ଶୂନ୍ୟସ୍ଥାନ ପୂରଣ ପାଇଁ ନିକଟସ୍ଥ ଅଧିକ ଓଜନବିଶିଷ୍ଟ ଶୀତଳ ବାୟୁ ପ୍ରବାହିତ ହୁଏ। ଏଠାରେ ସ୍ପଷ୍ଟ ଅନୁମେୟ ଯେ ସୂର୍ଯ୍ୟଶକ୍ତି ବିନା ବାୟୁ ପ୍ରବାହ ଅସମ୍ଭବ ଏବଂ ବିନା ବାୟୁ ପ୍ରବାହରେ ପବନ ଶକ୍ତି ସୃଷ୍ଟି ମଧ୍ୟ ଅସମ୍ଭବ।

ଅନ୍ୟ ଏକ ଉଦାହରଣ ହେଲା ସୌରଶକ୍ତିରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି। ବିଶ୍ୱର ବୈଜ୍ଞାନିକମାନଙ୍କର କ୍ରମାଗତ ଗବେଷଣା ଓ ବିଭିନ୍ନ ଦେଶର ଏ ଦିଗରେ ଆର୍ଥିକ ପ୍ରୋତ୍ସାହନ ହେତୁ ଏହା ବିଶ୍ୱର ଶକ୍ତି ସଙ୍କଟ ଦୂର କରିବାରେ କିଛିଟା ସହାୟକ ହୋଇଛି। ଦ୍ୱିତୀୟ ଉପାୟରେ ସୂର୍ଯ୍ୟକିରଣକୁ ବଡ଼ ବଡ଼ ଦର୍ପଣ ଦ୍ୱାରା ଘନୀଭୂତ କରାଯାଏ। ଫଳରେ ତା' ଦେହରେ ସୌରଶକ୍ତିର ମାତ୍ରା ଅଧିକ ହୁଏ। ସେହି ଶକ୍ତି ଦ୍ୱାରା ତରଳପଦାର୍ଥକୁ ବାଷ୍ପରେ ପରିଣତ କରାଯାଏ। ଜଳବିଦ୍ୟୁତ୍ ଉତ୍ପନ୍ନ ହେଉଥିବା ପଦ୍ଧତି ଅନୁସାରେ ବାଷ୍ପରେ ଗଚ୍ଛିତ ଶକ୍ତି ଦ୍ୱାରା ଟର୍ବାଇନ୍ ଘୂର୍ଣ୍ଣାୟମାନ କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ। ଏହି ପଦ୍ଧତି ବଡ଼ ବଡ଼ ପାୱାର ପ୍ଲାଣ୍ଟଗୁଡ଼ିକରେ ଅନୁସରଣ କରାଯାଏ।

ସାଗରର ତାପଜ ଶକ୍ତି ରୂପାନ୍ତର ଅନ୍ୟ ଏକ ଉଦାହରଣ। ବିଷୁବ ମଣ୍ଡଳୀୟ ଅଞ୍ଚଳରେ ସୂର୍ଯ୍ୟଙ୍କ ରଶ୍ମି ପ୍ରଖର ହେତୁ ସମୁଦ୍ର ଜଳରେ ଉପରିଭାଗ ଅଧିକ ଉତ୍ତପ୍ତ ଏବଂ ନିମ୍ନଭାଗ ଶୀତଳ ଥାଏ। ଉପର ସ୍ତରର ଉତ୍ତପ୍ତ ଜଳର ତାପଜଶକ୍ତିକୁ ବ୍ୟବହାର କରି ଟର୍ବାଇନ ଏବଂ ଜେନେରେଟର ଦ୍ୱାରା ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ। ସମୁଦ୍ର ନିମ୍ନଭାଗର ଶୀତଳ ଜଳ ବ୍ୟବହାର କରି ଏଥିରେ ସଂଶ୍ଳିଷ୍ଟ ଜଳୀୟ ବାଷ୍ପକୁ ଲବଣମୁକ୍ତ ଜଳରେ ପରିଣତ କରାଯାଏ, ଯାହା ବ୍ୟବହାର ଉପଯୋଗୀ ହୋଇଥାଏ। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଏହି ପଦ୍ଧତି ଦ୍ୱାରା ଉଭୟ ବିଦ୍ୟୁତ୍ ଶକ୍ତି ଏବଂ ଲବଣମୁକ୍ତ ଜଳ ମିଳିଥାଏ।

**ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର, ମୋ: ୯୪୩୭୨୯୫୭୭୫**

## ଏଇ ଭାରତରେ

ଜଳ ଚିନ୍ତାରେ ସଦାମଗ୍ନ ମଣିକନ୍ଦନ ଆର.। ତାମିଲନାଡୁ କୋଏମ୍ବାଟୁର୍‌ର ଏହି ପରିବେଶକର୍ମୀ ଏବେସୁଦ୍ଧା ୫ ପୁଷ୍କରିଣୀ, ୪ ହ୍ରଦ ଏବଂ ୩ କେନାଲ ପୁନରୁଦ୍ଧାର କରିସାରିଲେଣି। କୋଏମ୍ବାଟୁର୍‌ର ସୁନ୍ଦରପୁରମ୍‌ରେ ଜନ୍ମିତ ମଣିକନ୍ଦନ ଆର୍ଥାଭାବ ଯୋଗୁ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ିବା ପରେ ଦୀର୍ଘ ୨୦ ବର୍ଷ ହେଲା ସାମାଜିକ କାର୍ଯ୍ୟରେ ନିଜକୁ ଜଡ଼ିତ ରଖିଛନ୍ତି। ଏହି କାର୍ଯ୍ୟ ଭିତରେ ୨୦୧୭ରେ ସେ କୋଏମ୍ବାଟୁର୍‌ରେ ଥିବା ପରିତ୍ୟକ୍ତ ଜଳାଶୟଗୁଡ଼ିକୁ ପୁନର୍ଜୀବନ ଦେବା ବିଷୟ ଚିନ୍ତା କରିଥିଲେ। ପୁନରୁଦ୍ଧାର ଲାଗି 'କୋଭାଇ କୁଲାଙ୍ଗା ପାଦୁକାପ୍ପୁ ଅମାୟିପ୍ପୁ' ବା କୋଏମ୍ବାଟୁର ପୁଷ୍କରିଣୀ ସୁରକ୍ଷା ସଂଗଠନ ଗଢ଼ିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୪ ଜଣିଆ ଟିମ୍ ଗଢ଼ି ସେ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ତାଙ୍କ ସଂଗଠନରେ ୧୦୦ ସକ୍ରିୟ ସଦସ୍ୟ ରହିଛନ୍ତି। ସେ ପ୍ରଥମେ କୋଏମ୍ବାଟୁରର ପେରୁର୍ ହ୍ରଦ ପୁନରୁଦ୍ଧାର କାର୍ଯ୍ୟ କରିଥିଲେ। ପରେ ଅନ୍ୟ ୩ ହ୍ରଦ, ୫ ପୁଷ୍କରିଣୀ, ୩ କେନାଲର ପୁନରୁଦ୍ଧାର ଶେଷ କରିଛନ୍ତି। ମୋଟ ସେ ଏହିସବୁ ଜଳାଶୟରୁ ୧୫୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ପରିଷ୍କାର କରିଛନ୍ତି। ତେବେ କୋଏମ୍ବାଟୁର୍‌ରେ ୯୦୦ରୁ ଊର୍ଦ୍ଧ୍ୱ ପୁଷ୍କରିଣୀ ରହିଛି ଓ ସେଗୁଡ଼ିକ ସମୟକ୍ରମେ ସଫା କରାଯିବ ବୋଲି କହିଛନ୍ତି ୩୯ ବର୍ଷୀୟ ମଣିକନ୍ଦନ। କେବଳ ଏତିକି ନୁହେଁ ସେ ଓ ତାଙ୍କ ଟିମ୍ ୧୦, ୦୦୦ ଗଛ ଲଗାଇସାରିଛନ୍ତି। ପ୍ରଜାପତି, ମହୁମାଛି ଓ ଭଅଁରଙ୍କ ପାଇଁ ୪୦ ପ୍ରକାର ଫୁଲଗଛ ଲଗାଇ ଏକ ବଟର୍‌ଫ୍ଲାଏ ଗାର୍ଡେନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୭

- ମ୍ୟାନ୍‌ମାରର ସାମରିକ କୁନ୍ତାର ଦ୍ୱିତୀୟ ସଚିବ ଲିଉଟନାଣ୍ଟ ଜେନେରାଲ ତିନ୍‌ଭଙ୍କ ନିକଟକୁ ଡାକରେ ପଠାଯାଉଥିବା ଏକ ପାର୍ଶଲ ବୋମା ଫୁଟି ତାଙ୍କ ଜ୍ୟେଷ୍ଠା କନ୍ୟା ନିହତ।
- ବିହାର ଗୋଖାଦ୍ୟ ଦୁର୍ନୀତିର ତଦନ୍ତ କରୁଥିବା ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ୟୁ.ଏନ୍. ବିଶ୍ୱାସଙ୍କ ଚାର୍ଜସିଟ୍‌ରେ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କ ସମେତ ବହୁ ପ୍ରମୁଖ ନେତାଙ୍କ ନାମ ରହିଥିବା ଜଣାଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 6 | | | | | | |
| 8 | 2 | | 9 | | 6 | 1 | | |
| | 3 | | | | | | | |
| | | | 7 | | | 2 | | |
| | | | | 4 | | | 5 | |
| | | | 1 | 2 | 5 | | 8 | |
| | 8 | 3 | | | | | 7 | |
| 4 | | 1 | | | | 5 | | |
| | | | | 7 | | 3 | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 3 | 1 | 9 | 5 | 8 | 2 |
| 1 | 2 | 5 | 8 | 4 | 6 | 7 | 3 | 9 |
| 3 | 8 | 9 | 2 | 5 | 7 | 4 | 1 | 6 |
| 4 | 1 | 3 | 7 | 6 | 8 | 9 | 2 | 5 |
| 2 | 7 | 6 | 1 | 9 | 5 | 8 | 4 | 3 |
| 9 | 5 | 8 | 4 | 3 | 2 | 1 | 6 | 7 |
| 8 | 6 | 4 | 5 | 7 | 3 | 2 | 9 | 1 |
| 7 | 9 | 2 | 6 | 8 | 1 | 3 | 5 | 4 |
| 5 | 3 | 1 | 9 | 2 | 4 | 6 | 7 | 8 |

ଗତକାଲିର ଉତ୍ତର

# ଡାକ୍ତରର ସମସ୍ୟା



ଡ. ବାସନ୍ତୀ ମହାନ୍ତି

ଏକଥା ସତ ଯେ ଏବେ ରୋଗ ଓ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ତଦନୁସାରେ ଅଧିକ ଡାକ୍ତର ଓ ଡାକ୍ତରଖାନାର ଆବଶ୍ୟକ ହେଉଛି। ଏହା କେବଳ ଆମ ଦେଶର ନୁହେଁ ସମଗ୍ର ବିଶ୍ୱର ସମସ୍ୟା। ମନେହେଉଛି ସାରା ପୃଥିବୀ ଏବେ ଅସୁସ୍ଥ। ରୋଗକୁ ନିପାତ ଓ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଆମ ପାଖରେ ଆବଶ୍ୟକ ପରିମାଣର ସାଧନ ନାହିଁ। ସେଥିପାଇଁ ଆମ ପିଲାମାନେ କେତେବେଳେ ଅନ୍ୟ ଦେଶକୁ ଯାଇ ପାଠ ପଢୁଛନ୍ତି ତ ଆଉ କେତେବେଳେ ଦେଶରେ ପାଠପଢ଼ି ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ପରିସର ନ ଥିବାରୁ ଓ ସେମାନଙ୍କୁ ଯଥାସମ୍ଭବ ପାରିଶ୍ରମିକ ନ ମିଳିବାରୁ ବିଦେଶମୁହାଁ ହେଉଛନ୍ତି। ଭାରତରେ ମେଡିକାଲ କଲେଜ ସଂଖ୍ୟା କମ୍। ଡାକ୍ତର ହେବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବେଶି। ଲୋକସଂଖ୍ୟା ଅନୁସାରେ ସେହି ସଂଖ୍ୟକ ଡାକ୍ତରଖାନା, ଡାକ୍ତର ଓ ଅର୍ଦ୍ଧମେଡିକାଲ କର୍ମଚାରୀ ମଧ୍ୟ ନାହାନ୍ତି। ଗୋଟିଏ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ହାରାହାରି ଚାରିଶହ କୋଟି ଟଙ୍କା ବିନିଯୋଗ କରିବାକୁ ହୋଇଥାଏ। ଜଣେ ଛାତ୍ର ପିଛା ଦଶରୁ କୋଡ଼ିଏ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୁଏ। ଘରୋଇ ମେଡିକାଲ କଲେଜଗୁଡିକ ପିଲା ପିଛା କୋଟିଏ ଟଙ୍କା ପର୍ଯ୍ୟନ୍ତ ବି ଦାବି କରନ୍ତି। ପି.ଜି. ଓ ସୁପର ସ୍ପେଶାଲ ପାଇଁ ତ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଘରୋଇ କଲେଜରେ ପିଲାମାନେ ପାଠ ପଢିଥାଆନ୍ତି। ତେଣୁ ଆର୍ଥିକ ଅସ୍ୱଚ୍ଛଳ ଅଥଚ ମେଧାବୀ ଛାତ୍ରୀଛାତ୍ର ମେଡିକାଲ ପାଠ ଅଧ୍ୟୟନ କରିପାରନ୍ତି ନାହିଁ। ପୂର୍ବରୁ ଓଡ଼ିଶାରେ ଘରୋଇ ମେଡିକାଲ କଲେଜ ନ ଥିଲା। ଯେଉଁ ତିନୋଟି ସରକାରୀ କଲେଜ ଥିଲା ସେଥିରେ ସିଟ୍ ସଂଖ୍ୟା କମ୍ ଥିଲା। ସେଥିପାଇଁ ଆଗଧାଡ଼ିର ପିଲାମାନେ ହିଁ ସେଥିରେ ପଢ଼ିବାକୁ ସୁଯୋଗ ପାଉଥିଲେ। ଉଚ୍ଚତର ଅଧ୍ୟୟନ ଓ ଗବେଷଣା ପାଇଁ ଭିତ୍ତିଭୂମି ଅଭାବରୁ ପାଠ ପଢ଼ିସାରି ସେମାନେ ଯେତେବେଳେ ବିଦେଶ ଯାଆନ୍ତି ସେଠାରେ ଖୁବ୍ ସୁନାମ ଅର୍ଜନ କରିଥାଆନ୍ତି। ଭାରତ ଅପେକ୍ଷା ବହୁଗୁଣିତ ପାରିଶ୍ରମିକ ପ୍ରଲୋଭନ ଦେଖାଇ ସେମାନେ ଏହି ଡାକ୍ତରମାନଙ୍କୁ ସେ ଦେଶଗୁଡ଼ିକରେ ନିଯୁକ୍ତି ଦେଇଦିଅନ୍ତି।

ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁ ସୁଧାର ଆସିଲାଣି। ଛାତ୍ରୀଛାତ୍ରଙ୍କ ଡାକ୍ତରୀ ବିଦ୍ୟା ପଢିବାକୁ ଆଗ୍ରହ ଅନୁଭବ କରି ଅନେକ ସରକାରୀ ଓ ବେସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଲାଣି। ଦିନ ଥିଲା ଛାତ୍ରୀଛାତ୍ର ମେଡିକାଲ ଓ ଇଞ୍ଜିନିୟରିଂ ଉଭୟ ଶିକ୍ଷାକୁ ସମ ପରିମାଣରେ ଗୁରୁତ୍ୱ ଦେଉଥିଲେ। କହିବାକୁ ଗଲେ ଦୁହିଁଙ୍କ ଭିତରେ କାହାର ଗୁରୁତ୍ୱ ବେଶି ସେଥିପାଇଁ ପ୍ରଚ୍ଛନ୍ନ ପ୍ରତିଯୋଗିତା ଚାଲୁଥିଲା। ଇଞ୍ଜିନିୟରିଂ ପାଠପଢ଼ା ସରିବା ପରେ ଆଜିକାଲିକା ପରି ଚାକିରି ପାଇଁ ସମସ୍ୟା ବା ସଙ୍କଟ ହେଉ ନ ଥିଲା । ତେଣୁ ପିଲାମାନେ ଡାକ୍ତର ହେବା ବଦଳରେ ଇଞ୍ଜିନିୟର ହେବା ପାଇଁ ପସନ୍ଦ କରୁଥିଲେ। ପାଠ ପରେ ପ୍ରଥମ ଶ୍ରେଣୀର ମେଧାମାନେ ବିଦେଶ ଯାଇ ସେଠାରେ ନିଜର ଜୀବିକା ନିର୍ବାହ କରୁଥିଲେ ତ ଦ୍ୱିତୀୟ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ର, ଯେଉଁମାନେ ବିଦେଶକୁ ଯାଇ ପାରନ୍ତି ନାହିଁ ସେମାନେ ବହୁ ରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିଲେ। ସେହିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁ ପରିମାଣରେ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହୋଇଥିଲା। ଘରେ ଘରେ ଇଞ୍ଜିନିୟରିଂ ଛାତ୍ର ବାହାରିଲେ। କିନ୍ତୁ ଖୁବ୍‌ଶୀଘ୍ର ପରିସ୍ଥିତି ବଦଳିଗଲା। ଆମେରିକାରେ ସୃଷ୍ଟି ହେଲା ଆର୍ଥିକ ମାନ୍ଦାବସ୍ଥା। ବହୁ ସଂଖ୍ୟକ ଇଞ୍ଜିନିୟର ଚାକିରି ହରାଇଲେ। ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଗଲା। ଫଳରେ ଛାତ୍ରୀଛାତ୍ରମାନେ ଏବେ ଡାକ୍ତରୀ ପଢିବା ପାଇଁ ସବୁତକ ସାମର୍ଥ୍ୟ ବିନିଯୋଗ କରୁଛନ୍ତି। ବଡ଼ କଥା ହେଲା ଡାକ୍ତର ହେବା ପାଇଁ ସେମାନେ ଯେତିକି ନିଷ୍ଠା ପ୍ରଦର୍ଶନ କରୁଛନ୍ତି, ଅଭିଭାବକଙ୍କ ଯେତିକି ସମର୍ଥନ ମିଳୁଛି ସେତିକି ଅନ୍ୟ ଯେ କୌଣସି କ୍ଷେତ୍ର ପାଇଁ ଚେଷ୍ଟା କଲେ ଛାତ୍ରୀଛାତ୍ରମାନେ ହତାଶ ହୁଅନ୍ତେ ନାହିଁ। କ୍ୟାରିୟର ଗଢ଼ିବା ପାଇଁ ଏବେ ପରିସରର ଅଭାବ ନାହିଁ। କିନ୍ତୁ ଡାକ୍ତର ହେବାର ସ୍ୱପ୍ନଭଙ୍ଗ ଯନ୍ତ୍ରଣାରେ ଛଟପଟ ହୋଇ ଯେତେ ଛାତ୍ରୀଛାତ୍ର ଅବସାଦଗ୍ରସ୍ତ ହେଉଛନ୍ତି, ଆତ୍ମହତ୍ୟା କରୁଛନ୍ତି ତାହା ଏବେ ଚିନ୍ତାଜନକ ସମସ୍ୟା ହୋଇପଡିଛି।

ରାଜସ୍ଥାନର କୋଟା ଏକ ଆତ୍ମହତ୍ୟାପ୍ରବଣ ସହର ନାମରେ କୁଖ୍ୟାତି ଅର୍ଜନ କରିଛି। ମେଡିକାଲ କୋଚିଂ ନେବା ପାଇଁ ସାରା ଭାରତବର୍ଷରୁ ଛାତ୍ରୀଛାତ୍ର ଏହି ସ୍ଥାନକୁ ଆସିଥାଆନ୍ତି। ଅନେକେ ଏଥିରେ ସଫଳତା ମଧ୍ୟ ହାସଲ କରି ଥାଆନ୍ତି, ଯେଉଁମାନେ ବିଫଳ ହୁଅନ୍ତି ସେମାନଙ୍କ ମଧ୍ୟରେ ଖୁବ୍ ହତାଶା ଭାବ ସୃଷ୍ଟି ହୋଇ ଥାଏ, ସେମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ଏହି ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ କର୍ତ୍ତୃପକ୍ଷଙ୍କ ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି। ଏ ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ବିଦେଶକୁ ନିଜ ନିଜର ସନ୍ତାନମାନଙ୍କୁ ପଠାଇ ଥାଆନ୍ତି। ସବୁଠାରୁ ବଡ଼ କଥା ହେଲା କେତେକ ରାଷ୍ଟ୍ରରେ ମେଡିକାଲ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ ପଡେ ନାହିଁ। ଭାରତର ଘରୋଇ ମେଡିକାଲ କଲେଜ ଅପେକ୍ଷା ଖୁବ୍‌କମ ଖର୍ଚ୍ଚରେ ପାଠ ପଢ଼ା ହୋଇଯାଏ। କିନ୍ତୁ ପଢିସାରିଲା ପରେ ସେମାନଙ୍କ ପାଇଁ ଆହୁରି ସମସ୍ୟା ରହିଛି ସେ କଥା ଖୁବ୍ କମ୍ ଲୋକ ଚିନ୍ତା କରନ୍ତି। ୟୁକ୍ରେନ୍, ଆର୍ମେନିଆ ଆଦି ରାଷ୍ଟ୍ରରେ ମେଡିକାଲ କଲେଜରେ ପାଠ ପଢ଼ିଥିଲେ ଛାତ୍ରୀଛାତ୍ରମାନଙ୍କୁ ସିଧାସଳଖ ଭାରତରେ ସେବା କରିବାକୁ ସୁଯୋଗ ମିଳେ ନାହିଁ। ସେଥିପାଇଁ ସେମାନଙ୍କୁ ଫରେନ ମେଡିକାଲ ଗ୍ରାଜୁଏଶନ ପରୀକ୍ଷା ଦେବାକୁ ପଡ଼େ। ସମସ୍ୟା ହେଲା ଏମାନଙ୍କ ମଧ୍ୟରୁ ପ୍ରତିବର୍ଷ ମାତ୍ର ୧୬ ପ୍ରତିଶତ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ସଫଳତା ହାସଲ କରନ୍ତି। ଏବେ ଯୁଦ୍ଧ ଆକ୍ରାନ୍ତ ୟୁକ୍ରେନ୍‌ରେ ପଢୁଥିବା ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଓ ଆମ ସରକାର କେତେ ଉଦ୍‌ବେଗଗ୍ରସ୍ତ ହୋଇଥିଲେ ସମସ୍ତଙ୍କ ଅଗୋଚର କଥା। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ବାହାର ଦେଶକୁ ପଢିବା ନିମନ୍ତେ ଯାଉଛନ୍ତି। ଆମ ଦେଶର କୋଟି କୋଟି ଟଙ୍କା ବାହାରକୁ ଯାଉଛି, ଯେଉଁ ଡାକ୍ତରମାନେ ବାହାରୁଛନ୍ତି ସେମାନେ ସମସ୍ତେ ଆମ ଦେଶକୁ ସେବା ଯୋଗାଇଦେବା ପାଇଁ ଯୋଗ୍ୟ ବିବେଚିତ ହୋଇ ପାରୁନାହାନ୍ତି। କରୋନା କାଳରେ ଆମ ଦେଶ ଭିତରେ ସୁରଟ ଫେରନ୍ତା ଦାଦନମାନଙ୍କଠାରୁ ଆମେ ଯାହା ଶିକ୍ଷା କଲୁ ଏବେ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କଠାରୁ ମଧ୍ୟ ତାହା ଶିଖିବା। ତଫାତ୍ ଏତିକି ଯେ ୟୁକ୍ରେନ୍ ଫେରନ୍ତାଙ୍କ ଦାୟିତ୍ୱ ସରକାର ନେଇଥିବା ବେଳେ ଦାଦନମାନେ ମରିପଡି ନିଜ ମାଟିକୁ ଫେରିଲେ।

ପୁନର୍ବାର ଏପରି ସଙ୍କଟ ନ ହେଉ ଏଥିପାଇଁ ଆମକୁ ସତର୍କ ରହିବାକୁ ହେବ। ଅନେକ ଜନହିତକର ପଦକ୍ଷେପ ନେବାକୁ ପଡିବ। ଆମ ଦେଶର ଚାହିଦା ଅନୁଯାୟୀ ଡାକ୍ତରୀ କଲେଜ ଖୋଲିବା, ଆବଶ୍ୟକ ସିଟ୍ ସଂଖ୍ୟା ବୃଦ୍ଧି, ପାରାମେଡିକାଲ ଛାତ୍ରୀଛାତ୍ରଙ୍କୁ ତାଲିମ ଓ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯେଉଁ ଚାରି ଶହ କୋଟି ଟଙ୍କାର ବଜେଟ ଓ ଯେଉଁ ବିସ୍ତୃତ ଭିତ୍ତିଭୂମି କଥା କୁହାଯାଉଛି, ବୈଦେଶିକ ରାଷ୍ଟ୍ରଗୁଡ଼ିକରେ ଏତେ ସବୁ ନୀତିନିୟମ ଧରା ଯାଏ ନାହିଁ। ଖୁବ୍ କମ୍ ଖର୍ଚ୍ଚରେ ସେଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇ ଥାଏ। ସେହି ହେତୁ କମ୍ ଖର୍ଚ୍ଚରେ ପିଲାମାନେ ପଢି ପାରନ୍ତି। ଆମ ଦେଶରେ ମଧ୍ୟ ଏହିପରି ମେଡିକାଲ କଲେଜ ସ୍ଥାପନ କରାଯାଇ ପାରନ୍ତା। ଆମ ଦେଶର ମେଡିକାଲ କଲେଜର ସଂଖ୍ୟା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ମେଡିକାଲ ପଢିବା ଖର୍ଚ୍ଚ କମ୍ କରିବାକୁ ହେବ। ନ ହେଲେ ଦିନ ଆସିବ କେବଳ ଧନିକ ବର୍ଗର ସନ୍ତାନମାନେ ଡାକ୍ତର ହେବେ, ଗରିବ ଲୋକଙ୍କ ପାଇଁ ଏହା ସ୍ୱପ୍ନ ହୋଇ ରହିଯିବ।

ମୋ: ୯୪୩୭୦୩୩୦୭୪
basantimohanty12@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦ ପାଳନ ଏକ ମାନସିକ ଦଣ୍ଡ

ମହାଶୟ,

୧୯୯୮ରେ ସୁପ୍ରିମକୋର୍ଟ 'ବନ୍ଦ ପାଳନ'କୁ ଆଇନତଃ ନିଷିଦ୍ଧ କରିଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ବନ୍ଦ ସବୁକୁ ଶାନ୍ତିପୂର୍ଣ୍ଣ ହରତାଳର ନାମ ଦେଇ ତଥାକଥିତ ବନ୍ଦ୍‌ଜୀବୀମାନେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରୁଛନ୍ତି। ସର୍ବସାଧାରଣଙ୍କ ଜୀବନଯାତ୍ରା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛନ୍ତି। ଏହା ଏକ ମାନସିକ ଓ ଆର୍ଥିକ ଦଣ୍ଡ ସ୍ୱରୂପ, ଯାହାକି ଗଣତନ୍ତ୍ର ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ। ଏହାଦ୍ୱାରା ଭାରତର ଅର୍ଥନୀତିରେ ହଜାର ହଜାର କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥାଏ। ଆନ୍ଦୋଳନକାରୀମାନଙ୍କ ହିଂସାତ୍ମକ ଆଚରଣଜନିତ ସରକାରୀ ଓ ବେସରକାରୀ ସମ୍ପତ୍ତିର କ୍ଷୟକ୍ଷତି ମଧ୍ୟ କମ୍ ନୁହେଁ । ଏହା କେତେଦୂର ନ୍ୟାୟୋଚିତ ଓ ଯୁକ୍ତିଯୁକ୍ତ ତାହା ସମୀକ୍ଷା କରିବା ଉଚିତ। ହେଲେ ଏହି ବନ୍ଦ ଡାକରା ଦେଇ ଜୀବନଯାତ୍ରାକୁ ଠପ୍ କରିବା ଦ୍ୱାରା ସରକାର କ'ଣ ବର୍ଦ୍ଧିତ ମୂଲ୍ୟକୁ ହଠାତ୍ କମାଇ ଦେବେ କି ? ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦିନମଜୁରିଆ ଶ୍ରମିକଟିଏ ଦୈନନ୍ଦିନ କାମକୁ ନ ଗଲେ ତା' ପରିବାର ଉପାସ ରହେ। ତେବେ ଏ ବନ୍ଦ କେଉଁ ସ୍ୱାର୍ଥରେ ଓ କାହା ପାଇଁ ? ଗଣତନ୍ତ୍ର ନାମରେ ଅଗଣତାନ୍ତ୍ରିକ ସମ୍ବିଧାନ ବିରୋଧୀ କାର୍ଯ୍ୟ ଉଭୟ ଜନ ଓ ଦେଶ ପାଇଁ ଶୁଭଙ୍କର ନୁହେଁ ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ।
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗୁଳି କରି ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୭।୪ (ଡି.ଏନ୍.ଏ.)

ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ପୋଲିସ ଇନଫର୍ମର ସନ୍ଦେହରେ ଗୁରୁବାର ଜଣଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଓଡ଼ିଶା ସୀମାଠାରୁ ମାତ୍ର ୬ କି.ମି. ଦୂରରେ ଏପରି ଘଟଣା ଘଟିଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ରର ପାଡେର ଜିଲା ଅନ୍ତର୍ଗତ ତାରାବୁ ଗ୍ରାମକୁ ଗୁରୁବାର ବିଳମ୍ବିତ ରାତିରେ କେତେ ଜଣ ସଶସ୍ତ୍ର ମାଓବାଦୀ ଆସିଥିଲେ। ସେମାନେ ଗ୍ରାମର ଲକ୍ଷ୍ମଣ ରାଓଙ୍କୁ ଘରୁ ଡାକିନେଇ ଗ୍ରାମ ଶେଷ ମୁଣ୍ଡରେ ବିଭିନ୍ନ ବିଷୟରେ ପଚରାଉଚରା କରିଥିଲେ। ପରେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ହତ୍ୟା ପଛରେ ଆନ୍ଧ୍ର-ଓଡ଼ିଶା ମାଓବାଦୀ ସଙ୍ଗଠନର ହାତଥିବା ଜଣାପଡିଛି। ତେବେ ଲକ୍ଷ୍ମଣ ପୂର୍ବରୁ ମାଓବାଦୀଙ୍କ ପାଇଁ ସୂଚନାଦାତା ଭାବେ କାର୍ଯ୍ୟ କରୁଥିଲେ। ପରେ ସେ ପୋଲିସ ଇନଫର୍ମର ଭାବେ କାର୍ଯ୍ୟ କରିବାରୁ ମାଓବାଦୀମାନେ ତାଙ୍କୁ ଟାର୍ଗେଟ କରିଥିବା ଜଣାପଡିଛି।

# ଦୁଇ ଭାଇଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## କୃଷି ଉପକରଣ ସବ୍‌ସିଡି ନାଁରେ ୬.୮୧ କୋଟି ହଡ଼ପ

- ୧୯ ଜିଲାରେ ଠକେଇ ର୍ୟାକେଟ
- ଏକାଧିକ ଡିଲରଙ୍କ ସମ୍ପୃକ୍ତି ଥିବା ସୂଚନା


ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର,୭।୪ (ବ୍ୟୁରୋ)

ଚାଷୀଙ୍କୁ କୃଷି ଉପକରଣ ବିକ୍ରି କରିଥିବା ଦର୍ଶାଇ ୬.୮୧ କୋଟି ସବ୍‌ସିଡି ଟଙ୍କା ହଡ଼ପ ମାମଲାରେ ସମ୍ପୃକ୍ତ ୨ ଭାଇଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେମାନେ ହେଲେ ଏମ୍/ଏସ୍ ଶୀତଲ ଏଗ୍ରୋ ଇନ୍‌ପୁଟ୍ସ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ ଓ ଏମ୍/ଏସ୍ ମିଶିତା ଏଣ୍ଟରପ୍ରାଇଜେସ୍ କମ୍ପାନୀର ପ୍ରୋପ୍ରାଇଟର୍ ତାପସ କୁମାର ଦାସ। ଉଭୟଙ୍କୁ ବୁଧବାର ଗିରଫ କରାଯିବା ପରେ ଗୁରୁବାର ଜଗତ୍‌ସିଂପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ଅଭିଯୁକ୍ତଙ୍କଠାରୁ ଚାଷୀଙ୍କ ଦସ୍ତାବିଜ୍, ଜାଲ୍ କାଗଜପତ୍ର, ମନି ରିସିପ୍ଟ ଓ ଗୋଟିଏ ହାର୍ଡ ଡିସ୍କକୁ ଜବତ କରିଛି। ଏହି ମାମଲାରେ ଏକାଧିକ ଡିଲରଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଏମ୍/ଏସ୍ ଶୀତଲ ଏଗ୍ରୋ ଇନ୍‌ପୁଟ୍ସ ପ୍ରାଇଭେଟ୍ ଲିଃର ଅଫିସ୍ ଜଗତ୍‌ସିଂହପୁର ଜିଲା ତରଡ଼ାପଡ଼ାସ୍ଥିତ ପୁରୋହିତପୁରରେ ରହିଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଡିବିଟି (ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ସ୍କିମ୍ ଜରିଆରେ ବିଭିନ୍ନ କୃଷି ଉପକରଣ ବିକ୍ରି କରିବାକୁ ଉକ୍ତ କମ୍ପାନୀ ପଞ୍ଜୀକୃତ ରହିଛି। ତେବେ ଅଭିଯୁକ୍ତ ମାନସ ୨୦୧୮-୨୦୧୯ ଓ ୨୦୧୯-୨୦୨୦ ଆର୍ଥିକ ବର୍ଷରେ ଏମ୍/ଏସ୍ ମିଶିତା ଏଣ୍ଟରପ୍ରାଇଜେସ୍ କମ୍ପାନୀ ସମେତ ୮ ଡିଲରଙ୍କ ଦ୍ୱାରା ୫୦୮ ଧାନରୁଆ ଯନ୍ତ୍ର ବିକ୍ରି କରିଥିବା ନେଇ ବିଭିନ୍ନ ଚାଷୀଙ୍କ ଜାଲ କାଗଜପତ୍ର ୱେବ୍‌ସାଇଟ୍ ଜରିଆରେ ଅପଲୋଡ୍ କରିଥିଲେ। ଅଭିଯୁକ୍ତମାନେ ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ଖୋର୍ଦ୍ଧା, କଳାହାଣ୍ଡି ଓ ସମ୍ବଲପୁର ଆଦି ୧୯ଟି ଜିଲାର ଚାଷୀଙ୍କୁ ଧାନରୁଆ ଯନ୍ତ୍ର ବିକ୍ରି କରିଥିବା ଦର୍ଶାଇ ୬ କୋଟି ୮୧ ଲକ୍ଷ ୫୩ ହଜାର ୪୮ ଟଙ୍କାର ସବ୍‌ସିଡି ଅର୍ଥ ହଡ଼ପ କରିଥିଲେ। ତେବେ ଏହି ସବ୍‌ସିଡି ଅର୍ଥ ବିଭିନ୍ନ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବା ପରେ ମାନସ ଓ ତାଙ୍କ ଭାଇ ତାପସ ଏବଂ ଡିଲରମାନେ ଚାଷୀଙ୍କୁ ଅଳ୍ପ ପରିମାଣର ଅର୍ଥ ଦେଇ ବାକି ଟଙ୍କା ନେଇଯାଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଡିଲର୍ ଏମ୍/ଏସ୍ ମିଶିତା ଏଣ୍ଟରପ୍ରାଇଜେସ୍‌ର ପ୍ରୋପ୍ରାଇଟର୍ ତାପସ ୨୦୧୮-୨୦୧୯ ଆର୍ଥିକ ବର୍ଷରେ ୫୦୪ ଧାନରୁଆ ଯନ୍ତ୍ରରୁ ୩୩୭ଟି ବିକ୍ରି କରିଛନ୍ତି। ଦୁଇ ଭାଇ ମାନସ ଓ ତାପସ ଡିବିଟି ପୋର୍ଟାଲରେ ଫେକ୍ କାଗଜପତ୍ର ଦେଇ ସବ୍‌ସିଡି ଅର୍ଥ ହଡ଼ପ କରିଥିଲେ। ତେବେ ୨୦୨୧ରେ ରୁଜୁ ହୋଇଥିବା ଏକ ମାମଲା (ନଂ୭)ର ତଦନ୍ତ କରୁଥିବାବେଳେ ଇଓଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ଏ.କେ. ମିଶ୍ର ଏହି ଠକେଇ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତାଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁରେ ୨୦୨୨ ଏପ୍ରିଲ୍ ୨ରେ ମାମଲା (ନଂ.୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

# ରୋଗୀ ସମ୍ପର୍କୀୟଙ୍କୁ ହତ୍ୟା

- ଲୁଟ୍ ପାଇଁ ହୋଇଥିବା ସନ୍ଦେହ: ଏସ୍‌ଡିପିଓ

ସମ୍ବଲପୁର,୭।୪(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ନେତାଜୀ ଛକଠାରୁ ଗୌଡପାଲି ରାସ୍ତାରେ ଗୁରୁବାର ଭୋର ସମୟରେ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଭିମ୍‌ସାରରେ ଚିକିତ୍ସିତ ହେଉଥିବା ରୋଗୀ ସମ୍ପର୍କୀୟ ମହୁଲପାଲି ଥାନା ମହୁଲପାଲି ଗ୍ରାମର ଲମ୍ବୋଦର ନାଏକ (୪୫)। ସେ ଶୌଚ ପାଇଁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭିମ୍‌ସାର ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ସିସିଟିଭି ଓ ଅନ୍ୟ ଦିଗକୁ ନେଇ ତଦନ୍ତ କରୁଛି। ଲୁଟ୍ ଉଦ୍ଦେଶ୍ୟ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ହୀରାକୁଦ ଏସ୍‌ଡିପିଓ ଏସ୍. ଦାଶ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଏପ୍ରିଲ ୫ ତାରିଖରେ ଲମ୍ବୋଦରଙ୍କ ବାପା କପିଳ ଭିମ୍‌ସାର ଇଏନ୍‌ଟି ବିଭାଗରେ ଭର୍ତ୍ତି ହୋଇଥିଲେ। କପିଳଙ୍କୁ ଜଗିବା ପାଇଁ ଭିଣୋଇ ଅଭିନ୍ନ ଓ ପୁଅ ଲମ୍ବୋଦର ସାଙ୍ଗରେ ରହୁଥିଲେ। ଗୁରୁବାର ଭୋର ୫ଟାରେ ସେମାନେ ଶୌଚ ପାଇଁ ନିକଟସ୍ଥ କେନାଲକୁ ଯାଇଥିଲେ। ରାସ୍ତା କଡରେ ପ୍ୟାଣ୍ଟ ଖୋଲି ଶୌଚ ହେବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଆସି ପ୍ୟାଣ୍ଟ ନେବାକୁ ଚେଷ୍ଟା କରିଥିଲେ। ପ୍ୟାଣ୍ଟ ପକେଟରେ ଟଙ୍କା ଥିବାରୁ ଲମ୍ବୋଦର ପହଞ୍ଚି ସେମାନଙ୍କୁ ବିରୋଧ କରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଲମ୍ବୋଦର ଗୁରୁତର ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିନ୍ନ ତାଙ୍କୁ ଭିମ୍‌ସାର ନେଇଥିଲେ। ଏଭଳି ଅପରାଧିକ ଘଟଣା ବାରମ୍ବାର ଘଟୁଥିବାରୁ ବୁର୍ଲା ପୋଲିସ ଉପରେ ଲୋକଙ୍କ ଭରସା ରହୁନାହିଁ। ଫେବୃୟାରୀ ୧୭ରେ ଜଣେ କିନ୍ନରଙ୍କୁ କେହି ହତ୍ୟା କରି ଜାତୀୟ ରାଜପଥ କଡରେ ଫିଙ୍ଗି ଦେଇଥିଲେ। ଘଟଣାକୁ ପ୍ରାୟ ଦେଢମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇବ ବୋଲି ଏଠାରେ ଆଲୋଚନା ହେଉଛି।

# କାର କାଚ ଭାଙ୍ଗି ୨.୪ ଲକ୍ଷ ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର,୭।୪(ବ୍ୟୁରୋ)

ଲୁଟେରା ଓ ଚୋରଙ୍କ କବ୍‌ଜାକୁ ଚାଲିଯାଉଛି ରାଜଧାନୀ ଭୁବନେଶ୍ୱର। ଦିନ ହେଉ କି ରାତି, ରାଜପଥ ହେଉ କି ସହର ରାସ୍ତା, ସବୁଠି ଉତ୍ପାତ କରୁଛନ୍ତି। ଆଖି ପିଛୁଳାକେ ଘଟଣା ଘଟାଇ ଚମ୍ପଟ ମାରୁଛନ୍ତି। ଥାନା ନିକଟରେ ଅପରାଧ ଘଟାଇ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ବି କରୁଛନ୍ତି। ଗୁରୁବାର କ୍ୟାପିଟାଲ ଥାନାଠାରୁ ମାତ୍ର ୫ଶହ ମିଟର ଦୂର ବାପୁଜୀ ନଗର ଅଞ୍ଚଳରେ ଏକ କାରର କାଚ ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ୪୦ହଜାର ଟଙ୍କା ଚୋରି କରିନେଇଛନ୍ତି। ଚୋରିର ଶିକାର ବ୍ୟକ୍ତି ଜଣକ ହେଲେ ବ୍ରହ୍ମପୁରର ରବୀନ୍ଦ୍ର ପାତ୍ର। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଜବତ କରି ତଦନ୍ତ ଚଳାଇଛି। ସୂଚନାନୁସାରେ, ଇଲେକ୍ଟ୍ରୋନିକ୍ସ ଜିନିଷପତ୍ର କିଣିବା ଲାଗି ଗୁରୁବାର ରବୀନ୍ଦ୍ର ଓ ତାଙ୍କ ଝିଅ ଜ୍ୱାଇଁ ହଂସପାଳରୁ ବାପୁଜୀ ନଗରସ୍ଥିତ ଗ୍ରେଟ୍ ଇଷ୍ଟର୍ନ ଦୋକାନକୁ ଅପରାହ୍ନ ୨ଟା ରୁ ୩ଟା ମଧ୍ୟରେ ଆସିଥିଲେ। ଦୋକାନରେ ଟିଭି, ଫ୍ରିଜ ଆଦି ଦେଖିବା ସହ କିଣିବା ଲାଗି ରେଟ ଛିଡାଇଥିଲେ। ଟଙ୍କା ନେବାକୁ ରବୀନ୍ଦ୍ରଙ୍କ ଜ୍ୱାଇଁ ଗାଡି ପାଖକୁ ଆସି କାର୍ କାଚ ଭଙ୍ଗା ହୋଇଥିବା ଓ ଭିତରେ ଟଙ୍କା ବ୍ୟାଗ୍ ନ ଥିବା ଦେଖିଥିଲେ।

# ମା’ ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚିହ୍ନଟ


ଅଗ୍ନିରୂପା ମା’ ହିଙ୍ଗୁଳାଙ୍କ ଉଭାସ୍ଥଳୀ।

ତାଳଚେର,୭।୪(ନି.ପ୍ର.)

## ୧୫ରୁ ନବଦିନବ୍ୟାପୀ ଯାତ୍ରା

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୧୮ତମ ଲୋକ ମହୋତ୍ସବ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏଥିପୂର୍ବରୁ ବୁଧବାର ମା’ଙ୍କ ଜନ୍ତାଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ମା’ଙ୍କ ଉଭାସ୍ଥଳୀ ମଧ୍ୟ ଚିହ୍ନଟ କରାଯାଇଛି। ଗୋପାଳପ୍ରସାଦସ୍ଥିତ ପୀଠର ପଶ୍ଚିମ ଦିଗରେ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଗଜରାଜ ଷ୍ଟାଡିୟମ ପଛପାର୍ଶ୍ୱ ପଡ଼ିଆରେ ମା’ ଅଗ୍ନିରୂପା ଆବିର୍ଭାବ ହୋଇଛନ୍ତି। ଜନ୍ତାଳ ପୂଜା ପରେ ରାତିରେ ଦେହୁରୀ ମା’ଙ୍କୁ ଶାବରୀ ମନ୍ତ୍ରରେ ଆରାଧନା କରି ବଶୀଭୂତ କରିଥିଲେ। ଏହାପରେ କୋଇଲା ସଂଯୋଗ କରି ଉଭାସ୍ଥଳୀ ଚିହ୍ନଟ କରିଥିଲେ। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ମା’ ଅଗ୍ନିରୂପା ସିଙ୍ଗଡା ନଦୀ ତଟଦେଶରେ ଆବିର୍ଭାବ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏଥିସହ ମା’ଙ୍କ ନବଦିନବ୍ୟାପୀ ଯାତ୍ରା ପାଇଁ ଉଭାସ୍ଥଳୀଠାରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କରୋନା କାରଣରୁ ଗତ ୨ ବର୍ଷ ହେଲା ଶ୍ରଦ୍ଧାଳୁମାନେ ମା’ଙ୍କ ଯାତ୍ରାରେ ଯୋଗଦେଇ ନ ଥିବାରୁ ଚଳିତବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ତେଣୁ ପ୍ରଶାସନ ପକ୍ଷରୁ ଏ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି। ସଫେଇଠାରୁ ଆରମ୍ଭ କରି ରାସ୍ତା, ବ୍ୟାରିକେଡ, ଆଲୋକୀକରଣ, ପାର୍କିଂ, ପାନୀୟ ଜଳ ଯୋଗାଣ ସହ ଉଠା ଦୋକାନୀଙ୍କ ପାଇଁ ସ୍ଥାନ ନିର୍ଦ୍ଧାରଣ କରାଯାଉଛି। ଏସବୁ କାର୍ଯ୍ୟ କିପରି ଠିକଣା ଭାବେ ସମ୍ପନ୍ନ ହୋଇପାରିବ ସେଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

**ODISHA STATE DISASTER MANAGEMENT AUTHORITY**
OSDMA
(A Government of Odisha Agency)
9th Floor, Rajiv Bhawan, Unit-5, Bhubaneswar - 751001, Odisha
Phone: 0674-2395398/2395376, Fax: 0674-2391871

**Expression of Interest No. 1166/OSDMA/2022-23 Dt.07.04.2022**

No. F-05: Odisha State Disaster Management Authority (OSDMA) invites eligible firms to offer their interest by providing Q&CBS for appointment of Statutory Auditor during the **financial year 2021-22**. Interested C.A. firms may obtain the detail information which can be downloaded from OSDMA website: **www.osdma.org**.

Sd./- Chief General Manager (F&A)
OIPR-24007/11/0001/2223

**ODISHA STATE SEEDS CORPORATION LTD.**
(A Government Undertaking)
Santarapur, Bhubaneswar - 751002
Tel. MD-0674-2340573, Fax: 2340096
E-mail: mdossctd456@gmail.com, Website: www.ossctd.in

**NOTICE INVITING BID**
OSSC/Engg - 74/2022

No. CAD-73: The **ODISHA STATE SEEDS CORPORATION LTD.** invites bids in offline mode in two bid system from the interested bidders, to dispose of Scrap Goods like old/obsolete/unserviceable, equipment, etc. at Ranihat Cold Storage Campus on **‘As-Is-Where-Is’** basis.
The details of Bid and the manner of submission can be seen in the website of OSSC Ltd. **www.ossctd.in**. The last date and time for submission of Bids is 05.00 P.M. of Dt.21.04.2022.

Sd./- Managing Director
OIPR-01045/11/0002/2223

**ODISHA HYDRO POWER CORPORATION LTD**
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E. PROJECT: AT/PO: BARINIPUT
DISTRICT: KORAPUT, PIN- 764 006.
PHONE: 06854 242001 FAX: 06854 242038
REGD OFFICE: ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR- 751022
TELEPHONE: 0674 – 2542802, 3542826, 2545536, FAX: 0674 2542102
CIN: U40101OR1995SGC003963

**NOTICE INVITING TENDER NO. 02 / 2022-23 date: 06/04/2022**
**No.CAD-68:** Sealed Tenders in duplicate are invited from the Registered Travel Agencies / vehicle Owners for the works mentioned below.

| Sl. No. | Description/Type of Vehicle | Cost of tender paper (Rs.) | EMD |
|---|---|---|---|
| 1 | Hiring of 01 No. Commercial Registered Light Vehicle (Bolero/B-6 Variant (White Colour) For Deployment On Valve House Shift Duty Under Generation Division, UKHEP, Bariniput | Rs.7080/- (Rs. 6000/- + GST @ 18% Rs 1080/-) | 1% of quoted value |

Sale of tender paper : From12:00 Hrs. of 19.04.2022 to 12:00 Hrs. of 04.05.2022
Last date of submission of tender : Up to 12:00 Hrs. of 04.05.2022.
Date & Time of opening of tender : At 12:30 Hrs. of 04.05.2022
For details of the tender documents, terms and conditions please visit our website www.ohpcltd.com

Sd./- C & P Head, UKHEP, Bariniput
OIPR-04002/11/0003/2223

**OFFICE OF THE GENERAL MANAGER WATCO DIVISION, CUTTACK**
WATCO
Telephone/e-mail/FAX:0671-2547115/
No.C-47: gmwatcoctc@gmail.com
**NATIONAL COMPETITIVE BIDDING THROUGH e-Procurement**
**Bid Identification No.**
**WATCO (W)-17/2021-22 Dtd.07.04.2022**

1. Name of the work :- Interim Arrangement for shifting of existing RCC Sewerage Sump with-Sewer line & Chambers for Proposed expansion for Redevelopment of SCBMCH Cuttack.
2. Estimated cost :- Rs.73.40 Lakhs (Approx.).
3. Period of completion :- 6 (Six) Calendar Months.
4. Date & time of availability of bid document in the portal :- From 11 A.M of dt.12.04.2022 to 5.00 P.M. of dt.27.04.2022
5. Last date/time of receipt of bids in the portal :- 27.04.2022 up to 05.00 P.M.
6. Date & time of opening of bids :- 28.04.2022 at 12.30 P.M.
7. Name and address of the Officer Inviting Bid :- The General Manager, WATCO Division, Cuttack-753003 Odisha, Ph.(0671)2547115, email:gmwatcoctc@gmail.com
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in
Sd./-General Manager, WATCO Division, Cuttack
OIPR-13170/11/0002/2223

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No. RDM-LAA-MBJ-0091-2017-9521/R&DM — Dated: 25 MAR 2022

No. XXI-02: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ସିନ୍ଦୁରକୁଲି, ଥାନା: ବସ୍ତା ନଂ. ୫୪, ତହସିଲ: ବସ୍ତା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚାଷିପଦା ଡିଷ୍ଟ୍ରିବ୍ୟୁଟାରୀ ଓ ପୁରୁଷୋତ୍ତମପୁର ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୭୦୧ ତା୧୦।୦୧।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୮୭୦୦ ତା୧୭।୦୩।୨୦୨୨ରିଖ ଅନୁସାରେ ଅଧିସୂଚନାର ବୈଧତା ତା୩୧।୦୩।୨୦୨୨ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ସିନ୍ଦୁରକୁଲି, ଥାନା: ବସ୍ତା ନଂ. ୫୪, ଜିଲ୍ଲା: ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବାଲେଶ୍ୱର — ତହସିଲ: ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସିନ୍ଦୁରକୁଲି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୧.୦୮ | ଏକର ୪.୬୬ | ଏଥିସହିତ ସଂଲଗ୍ନ |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବାଲେଶ୍ୱର — ତହସିଲ: ବସ୍ତା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୭।୦୩।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା: ୫୦/୨୦୧୭
ଏ.୪.୬୬ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଚାଷିପଦା ଡିଷ୍ଟ୍ରିବ୍ୟୁଟାରି ଓ ପୁରୁଷୋତ୍ତମପୁର ମାଇନର
ମୌଜା: ସିନ୍ଦୁରକୁଲି, ଥାନା: ବସ୍ତା ନଂ. ୫୪, ତହସିଲ: ବସ୍ତା, ଜିଲ୍ଲା: ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬ ରୟତି | ୪୧୧ | ୦.୦୪ | ୦.୦୪ | ଶାରଦ ଏକ | ଶ୍ରୀ ଚନ୍ଦ୍ରଶେଖର ମହାଦେବ ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ବା: ଅନନ୍ତ ପ୍ରସାଦ ସାହୁ, ପି. ରାମଚନ୍ଦ୍ର ସାହୁ, ବଂଶୀଧର ସାହୁ, ପି. କାର୍ତ୍ତିକ ସାହୁ, ଜା: ତେଲି, ନିରଞ୍ଜନ ଲେଙ୍କା, ପି. ହରିଶ୍ଚନ୍ଦ୍ର ଲେଙ୍କା, ଜା: ଖଣ୍ଡାୟତ, ବା: ନିଜଗାଁ |
| | ୪୧୩ | ୦.୩୧ | ୦.୧୬ | ଶାରଦ ଏକ | |
| ୮ ରୟତି | ୫୩୧ | ୦.୧୨ | ୦.୦୯ | ଶାରଦ ଏକ | ଅନିରୁଦ୍ଧ ସେନାପତି, ଗଙ୍ଗାଧର ସେନାପତି, ପି. ଜଗବନ୍ଧୁ ସେନାପତି, ଜା: ପାଟରା, ବା: ନିଜଗାଁ |
| ୯ ରୟତି | ୫୪୮ | ୨.୧୨ | ୦.୨୦ | ଶାରଦ ଦୁଇ | ଅନିରୁଦ୍ଧ ସେନାପତି, ଗଙ୍ଗାଧର ସେନାପତି, ପି. ଜଗବନ୍ଧୁ ସେନାପତି, ମୁରଲୀଧର ସେନାପତି, ପି. ଗଙ୍ଗାଧର ସେନାପତି, ଜା: ପାଟରା, ବା: ନିଜଗାଁ |
| ୩୧ ରୟତି | ୪୦୦ | ୦.୬୩ | ୦.୦୪ | ଶାରଦ ଏକ | ଉମାକାନ୍ତ ସାହୁ, ପି. ଶ୍ରୀହରି ସାହୁ, ଜା: କୁବେର, ବା: ନିଜଗାଁ |
| ୩୩ ରୟତି | ୪୦୮ | ୦.୦୩ | ୦.୦୩ | ଶାରଦ ଏକ | କାଙ୍ଗାଳି ସ୍ୱାଇଁ, ପି. କ୍ଷେତ୍ର ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪୮ ରୟତି | ୫୪୨ | ୦.୧୮ | ୦.୧୦ | ଶାରଦ ଦୁଇ | ଗଙ୍ଗାଧର ସେନାପତି, ପି. ଜଗବନ୍ଧୁ ସେନାପତି, ଜା: ପାଟରା, ବା: ନିଜଗାଁ |
| | ୫୪୪ | ୦.୦୭ | ୦.୦୭ | ଶାରଦ ଦୁଇ | |
| ୭୨ ରୟତି | ୪୧୬ | ୦.୦୩ | ୦.୦୧ | ଶାରଦ ଏକ | ଚନ୍ଦ୍ର ମୋହନ ଦାସ, ପି. କୃଷ୍ଣ ମୋହନ ଦାସ, ଜା: ବୈଷ୍ଣବ, ବା: ନିଜଗାଁ |
| | ୪୧୭ | ୦.୦୮ | ୦.୦୧ | ଶାରଦ ଏକ | |
| ୯୧ ରୟତି | ୩୩୧ | ୦.୭୫ | ୦.୧୧ | ଶାରଦ ଦୁଇ | ଦିଲ୍ଲୀପ କୁମାର ସାହୁ, ଅଞ୍ଜନ କୁମାର ସାହୁ, ପି. ଅନନ୍ତ ପ୍ରସାଦ ସାହୁ, ଜା: କୁବେର, ବା: ନିଜଗାଁ |
| | ୩୬୧ | ୦.୨୬ | ୦.୦୫ | ଶାରଦ ଏକ | |
| | ୪୯୮ | ୦.୦୯ | ୦.୦୯ | ଶାରଦ ଏକ | |
| | ୫୦୦ | ୦.୧୫ | ୦.୧୩ | ଶାରଦ ଏକ | |
| ୯୪ ରୟତି | ୫୨୫ | ୦.୦୫ | ୦.୦୪ | ଶାରଦ ଏକ | ନବୀନ କୁମାର ସାହୁ, ଅବନୀ କୁମାର ସାହୁ, ପି. ନାରାୟଣ ସାହୁ, ଜା: ତେଲି, ବା: ନିଜଗାଁ |
| ୧୧୦ ରୟତି | ୫୪୭ | ୦.୩୮ | ୦.୩୨ | ଶାରଦ ଦୁଇ | ପଞ୍ଚାନନ ସାହୁ, ପି. ଶ୍ରୀହରି ସାହୁ, ଜା: ତେଲି, ବା: ନିଜଗାଁ |
| ୧୨୦ ରୟତି | ୩୬୯ | ୦.୫୭ | ୦.୨୫ | ଶାରଦ ଏକ | ପ୍ରଦୀପ କୁମାର ସାହୁ, ସଞ୍ଜୀବ କୁମାର ସାହୁ, ସ୍ୱରୂପ କୁମାର ସାହୁ, ପି. ଅନନ୍ତ ପ୍ରସାଦ ସାହୁ, ଜା: କୁବେର, ବା: ନିଜଗାଁ |
| | ୩୭୧ | ୦.୧୩ | ୦.୧୩ | ଶାରଦ ଏକ | |
| | ୪୧୪ | ୦.୦୮ | ୦.୦୮ | ଶାରଦ ଏକ | |
| | ୪୯୭ | ୦.୮୨ | ୦.୨୩ | ଶାରଦ ଏକ | |
| | ୪୯୯ | ୦.୧୫ | ୦.୦୫ | ଶାରଦ ଏକ | |
| | ୫୦୧ | ୦.୦୫ | ୦.୦୫ | ଶାରଦ ଏକ | |
| ୧୨୬ ରୟତି | ୫୦୨ | ୦.୦୯ | ୦.୦୯ | ଶାରଦ ଦୁଇ | ପୁରନ୍ଦର ନାଥ ସାହୁ, ପି. ଭାଗବତ ସାହୁ, ଜା: କୁବେର, ବା: କଷାଫଳିଆ, ଥା. ମୁରୁଡା, ଜି. ମୟୂରଭଞ୍ଜ |
| ୧୩୦ ରୟତି | ୫୦୩ | ୦.୦୮ | ୦.୦୩ | ଶାରଦ ଏକ | ପୂର୍ଣ୍ଣଚନ୍ଦ୍ର ସାହୁ, ପି. ଲାଲ ମୋହନ ସାହୁ, ଜା: ତେଲି, ବା: ନିଜଗାଁ |
| ୧୪୬ ରୟତି | ୫୩୨ | ୦.୦୭ | ୦.୦୩ | ଶାରଦ ଦୁଇ | ବୃନ୍ଦାବନ ବେହେରା, ପି. ରାମଚନ୍ଦ୍ର ବେହେରା, ଜା: ପାଟରା, ବା: ନିଜଗାଁ |
| ୧୫୨ ରୟତି | ୫୧୯ | ୦.୨୮ | ୦.୧୨ | ଶାରଦ ଏକ | ଭାସ୍କର ଚନ୍ଦ୍ର ବାରିକ, ପି. ରଘୁ ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| ୧୫୩ ରୟତି | ୪୦୫ | ୦.୨୭ | ୦.୨୪ | ଶାରଦ ଦୁଇ | ଭାସ୍କର ଚନ୍ଦ୍ର ସାହୁ, ପି. ଶ୍ରୀହରି ସାହୁ, ଜା: କୁବେର, ବା: ନିଜଗାଁ |
| ୧୬୬ ରୟତି | ୪୦୩ | ୦.୦୩ | ୦.୦୩ | ଶାରଦ ଦୁଇ | ରଘୁନାଥ ସାହୁ, ପି.- କୃଷ୍ଣ ପ୍ରସାଦ ସାହୁ, ଜା: ତେଲି, ବା: ନିଜଗାଁ |
| ୧୭୫ ରୟତି | ୪୧୫ | ୦.୨୬ | ୦.୦୮ | ଶାରଦ ଏକ | ରସାନନ୍ଦ ନନ୍ଦୀ, ପି. ଦିବାକର ନନ୍ଦୀ, ଜା: ତେଲି, ବା: ନୂଆଗାଁ |
| ୧୭୮ ରୟତି | ୫୧୮ | ୦.୬୭ | ୦.୩୮ | ଶାରଦ ଏକ | ରାମଚନ୍ଦ୍ର ରଣା, ପି. ଶମ୍ଭୁନାଥ ରଣା, ଜା: ଅଷ୍ଟଲୋହି କମାର, ବା: ନିଜଗାଁ |
| ୧୮୭ ରୟତି | ୪୦୨ | ୦.୪୩ | ୦.୩୧ | ଶାରଦ ଦୁଇ | ଶଚୀନ୍ଦ୍ର ନାଥ ବାଡ଼ି, ରବୀନ୍ଦ୍ର ନାଥ ବାଡ଼ି, ପି. ସୁରେନ୍ଦ୍ର ନାଥ ବାଡ଼ି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୧୯ ରୟତି | ୫୧୭ | ୦.୪୨ | ୦.୨୯ | ଶାରଦ ଏକ | ସୁରେନ୍ଦ୍ର ନାଥ ପଣ୍ଡା, ଉପେନ୍ଦ୍ର ନାଥ ପଣ୍ଡା, ପି. ଗଙ୍ଗାଧର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୨୩୦ ରୟତି | ୪୧୨ | ୦.୦୫ | ୦.୦୫ | ଶାରଦ ଏକ | ହରିଶ୍ଚନ୍ଦ୍ର ଲେଙ୍କା, ପି. କୃଷ୍ଣ ମୋହନ ଲେଙ୍କା, ଜା: ଖଣ୍ଡାୟତ, ବା: କୁଳିପାଳ, ଥା: ମୁରୁଡ଼ା, ଜି. ମୟୂରଭଞ୍ଜ |
| ୨୪୨/୯ ରୟତି | ୪୦୪ | ୦.୦୩ | ୦.୦୩ | ଶାରଦ ଦୁଇ | ହରେକୃଷ୍ଣ ଦାସ, ରାମକୃଷ୍ଣ ଦାସ, ଜୟକୃଷ୍ଣ ଦାସ, ଚିନ୍ତାମଣି ଦାସ, ପି. ଶ୍ରୀନିବାସ ଦାସ, ଜା: ଶଙ୍ଖାରି, ବା: ନିଜଗାଁ |
| | ୪୧୦ | ୦.୦୮ | ୦.୦୧ | ଶାରଦ ଏକ | |
| ୨୪୨/୧୭ ରୟତି | ୪୦୬ | ୦.୦୭ | ୦.୦୭ | ଶାରଦ ଏକ | ଦୈତ୍ୟାରୀ ପଡ଼ିଆରୀ, ମଧୁସୂଦନ ପଡ଼ିଆରୀ, ତ୍ରିଲୋଚନ ପଡ଼ିଆରୀ, ପି. ହରେନ୍ଦ୍ର ପଡ଼ିଆରୀ, ଜା: ତେଲି, ବା: ନିଜଗାଁ |
| | ୪୦୯ | ୦.୦୫ | ୦.୦୫ | ଶାରଦ ଏକ | |
| | ୪୧୮ | ୦.୦୮ | ୦.୦୧ | ଶାରଦ ଏକ | |
| ୨୪୨/୧୮ ରୟିତି | ୫୪୫ | ୦.୧୫ | ୦.୦୬ | ଶାରଦ ଦୁଇ | ମାଳତୀ ମଣି ପୃଷ୍ଟି, ସ୍ୱା. ଦେବେନ୍ଦ୍ର ପୃଷ୍ଟି, ଜା: ପାଟରା, ବା: ନିଜଗାଁ |
| ୨୪୨/୩୭ ରୟତି | ୫୪୩ | ୦.୦୪ | ୦.୦୪ | ଶାରଦ ଦୁଇ | ହରେନ୍ଦ୍ର ପୃଷ୍ଟି, ପି. ସୁରେନ୍ଦ୍ର ପୃଷ୍ଟି, ଜା: ପାଟରା, ବା: ସୁନ୍ଦରକୁଲି |
| ୨୪୨/୩୯ ରୟତି | ୪୦୭ | ୦.୦୨ | ୦.୦୨ | ଶାରଦ ଏକ | ଦୈତାରି ପଡ଼ିଆରୀ, ପି. ହରେନ୍ଦ୍ର ପଡ଼ିଆରୀ, ଜା: ତେଲି, ବା: ସୁନ୍ଦରକୁଲି |
| ୨୪୨/୮୩ ରୟତି | ୩୬୮ | ୦.୦୭ | ୦.୦୧ | ଶାରଦ ଏକ | କମଳାକାନ୍ତ ବାଡ଼ି, ପି. ଶିବ ଚରଣ ବାଡ଼ି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨୪୨/୮୭ ରୟତି | ୪୦୧ | ୦.୧୨ | ୦.୧୨ | ଶାରଦ ଦୁଇ | ଦିବାକର ସାହୁ, ପି. ରଘୁନାଥ ସାହୁ, ଜା: କୁବେର, ବା: ନିଜଗାଁ |
| ୨୪୨/ ୧୧୩ ରୟତି | ୫୨୯ | ୦.୩୦ | ୦.୨୪ | ଘରବାରି | ନାରାୟଣ ପୃଷ୍ଟି, ରାମଚନ୍ଦ୍ର ପୃଷ୍ଟି, ପି. ହରିହର ପୃଷ୍ଟି, ଜା: ପାଟରା, ବା: ନିଜଗାଁ |
| ୨୪୨/ ୧୨୦ ରୟତି | ୫୨୮ | ୦.୨୦ | ୦.୦୩ | ଶାରଦ ଏକ | ପଦ୍ମଲୋଚନ ପୃଷ୍ଟି, ପି. ନାରାୟଣ ପୃଷ୍ଟି, ସତ୍ୟରଞ୍ଜନ ପୃଷ୍ଟି, ପି. ରାମଚନ୍ଦ୍ର ପୃଷ୍ଟି, ଜା: ପାଟରା, ବା: ନିଜଗାଁ |
| ୨୪୨/ ୧୩୪ ରୟତି | ୫୨୪ | ୦.୦୬ | ୦.୦୨ | ଶାରଦ ଏକ | ନବୀନ କୁମାର ସାହୁ, ଅବନୀ କୁମାର ସାହୁ, ପି. ନାରାୟଣ ସାହୁ, ଜା: କୁବେର, ବା: ନିଜଗାଁ |
| ୨୪୨/ ୧୩୬ ରୟତି | ୩୭୨ | ୦.୦୭ | ୦.୦୨ | ଶାରଦ ଏକ | ନାରାୟଣ ସାହୁ, ପି. ଲାଲମୋହନ ସାହୁ, ଜା: କୁବେର, ବା: ନିଜଗାଁ |
| ମୋଟ | ୪୭ ପ୍ଲଟ | ଏ.୧୧.୦୮ ଡେ.ମି. | ଏ.୪.୬୬ ଡେ.ମି. | | |

OIPR-24001/14/0008/2223

**ଶାଗୁଆନ ଗଛ କାଟି ଯୁବକ ଗିରଫ**

ଡାବୁଗାଁ, (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଡାବୁଗାଁ ବନ ବିଭାଗ କର୍ମଚାରୀ ଗଛ କାଟୁଥିବା ବେଳେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଜୟନ୍ତୀନଗର ଗ୍ରାମର ଉପେନ୍ଦ୍ର ସାନ୍ତା (୨୧)। ସୂଚନାନୁଯାୟୀ, ଡାବୁଗାଁ ବନାଞ୍ଚଳ ଅଧୀନ ସିଙ୍ଗିଲି ସଂରକ୍ଷିତ ଜଙ୍ଗଲରେ ବନ କର୍ମଚାରୀ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ଉପେନ୍ଦ୍ର ଏକ ଶାଗୁଆନ ଗଛ କାଟୁଥିବା ଦେଖି ତାଙ୍କୁ ଧରିଥିଲେ। ତାଙ୍କ ପାଖରୁ ବନ କର୍ମଚାରୀମାନେ ୧୦ ଶାଗୁଆନ ବହ୍ଲା ଜବତ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୫ ହଜାର ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗୋ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନବରଙ୍ଗପୁର ଜିଲା ଆଥଲେଟିକ୍ ଦଳର ଭୁବନେଶ୍ୱର ଗସ୍ତ

ନବରଙ୍ଗପୁର, ୭।୪ (ବି.ପ୍ର.)- ନବରଙ୍ଗପୁର କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଉପସଭାପତି ଏମ୍. ବାଳକୃଷ୍ଣ ରାଓଙ୍କ ସହଯୋଗରେ ଏକ ୨୫ଜଣିଆ ଆଥଲେଟିକ୍ ଦଳ ଭୁବନେଶ୍ୱର ଗସ୍ତ କରିଛି। ୮ରୁ ୧୧ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍ ଆଥଲେଟିକ୍ ଷ୍ଟାଡିୟମରେ ହେବାକୁ ଥିବା ୬୮ତମ ରାଜ୍ୟ ଆଥଲେଟିକ୍ ମିଟ୍‌ରେ ଖେଳାଳିମାନେ ସାମିଲ ହେବେ। ଦୁର୍ଯ୍ୟ ହରିଜନ ମ୍ୟାନେଜର ଏବଂ ଶେଷ ସାନ୍ତାଙ୍କୁ କୋଚ୍ ଦାୟିତ୍ୱ ଦିଆଯାଇଛି ବୋଲି ସଂଘ ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଭୁବନେଶ୍ୱର ଗସ୍ତ ପୂର୍ବରୁ ଜିଲା କ୍ରୀଡ଼ା ସଂଘ ଆଥଲେଟିକ୍ ସମ୍ପାଦକ ଜ୍ୟୋତି ପରିଛା ଏବଂ ଶଶାଙ୍କ ଶେଖର ବେହେରାଙ୍କ ସମେତ ନବରଙ୍ଗପୁର ଜିଲା ଦଳ ମା' ଭଣ୍ଡାରଘରଣୀଙ୍କ ଆଶୀର୍ବାଦ ପାଇଁ ମନ୍ଦିର ଯାଇଥିଲେ। ସଫଳତା ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଦଳକୁ ଜିଲାପାଳ ତଥା କ୍ରୀଡ଼ା ସଂଘ ସଭାପତି କମଳ ଲୋଚନ ମିଶ୍ର ଏବଂ ଜିଲାର ପ୍ରାକ୍ତନ ଖେଳାଳି ମାନେ ଶୁଭକାମନା ଜଣାଇଛନ୍ତି।

### ଉମରକୋଟରେ ଲାଗିଲା ୪୪ କ୍ୟାମେରା

ଉମରକୋଟ, ୭।୪(ସ୍ୱ.ପ୍ର.)- ଉମରକୋଟରେ ଟ୍ରାଫିକ ନିୟନ୍ତ୍ରଣ, ଅପରାଧକୁ ରୋକିବା ପାଇଁ ସହରର ବିଭିନ୍ନ ସ୍ଥାନରେ ଉମରକୋଟ ପୌର ପରିଷଦ ପକ୍ଷରୁ ୪୪ଟି ସିସିଟିଭି କ୍ୟାମେରା ଲାଗିଛି। ସେଥିମଧ୍ୟରୁ ୮ ଟି କ୍ୟାମେରା ଦ୍ରୁତ ଓ ବେପାରୁଆ ଭାବେ ଗାଡ଼ି ଚଲାଇବାକୁ ରୋକିବା ପାଇଁ ଲାଗିଛି। ଆବଶ୍ୟକ ସ୍ଥଳେ ଆହୁରି କ୍ୟାମେରା ଲଗାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରି ରାମଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚଳାଇଲେ ଚାଲକଙ୍କ ଜରିମାନା ପଡିବ। ତେଣୁ ବର୍ତ୍ତମାନ ଗାଡ଼ି ଚାଲକ ସାବଧାନ ହେବା ଆବଶ୍ୟକତା ରହିଛି ବୋଲି ପୋଲିସ ଉପଖଣ୍ଡ ଅଧିକାରି ଡକ୍ଟର ଦିନେଶ କୁମାର ନାୟକ ସୂଚନା ଦେଇଛନ୍ତି। ଉମରକୋଟ ଥାନରେ ଏହି କ୍ୟାମେରା ମନିଟର କରାଯାଉଛି। ପୋଲିସ ଏହା ଉପରେ ନଜର ରଖୁଛ ବୋଲି ଉପଖଣ୍ଡ ଅଧିକାରୀ କହିଛନ୍ତି।

### କାଠ ବୋଝେଇ ଟ୍ରାକ୍ଟର ଓଲଟି ଜଣେ ମୃତ

ନବରଙ୍ଗପୁର,୭।୪ (ବି.ପ୍ର.)- ନବରଙ୍ଗପୁର ଥାନା ଅଧୀନ ଡଙ୍ଗରିଗୁଡା ପିଲିକା ଛକ ନିକଟରେ ଏକ କାଠ ବୋଝେଇ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପିଲିକା ଗ୍ରାମର ତ୍ରିପାଠି ପୂଜାରୀ (୩୫)। କୋଷାଗୁମୁଡ଼ା ବ୍ଲକ ଅମଲାଭଟ୍ଟା ନିକଟ ଜୟନ୍ତୀଗିରି ଗ୍ରାମର ରଘୁ ହରିଜନଙ୍କ ଟ୍ରାକ୍ଟର ଜାଳେଣି କାଠ ଆଣିବା ପାଇଁ ଭଡା ସୂତ୍ରରେ ପିଲିକା ଗ୍ରାମକୁ ଯାଇଥିଲା। ସେଥିରେ ମୃତ ତ୍ରିପାତିଙ୍କ ସହ ଅନ୍ୟ ତିନି ଜଣ ଶ୍ରମିକ ରହିଥିଲେ। ହଠାତ୍ ଗାଡି ଓଲଟି ପଡିଥିଲା। ଏଥିରେ ୩ ଜଣ ଶ୍ରମିକ ବର୍ତ୍ତି ଯାଇଥିବାବେଳେ ଡ୍ରାଇଭର ଫେରାର ଅଛନ୍ତି। ଖବରପାଇ ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ସହ ମୃତଦେହ ଜବତ କରିଛି। ବେବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଟ୍ରାକ୍ଟର ମାଲିକ ରଘୁଙ୍କୁ ଡାକି ପୋଲିସ ପଚରାଉଚରା କରୁଛି। ଘଟଣା ପରେ ନବରଙ୍ଗପୁର ତହସିଲଦାର ରବିନ୍ଦ୍ର କୁମାର ରାଉତ ମୃତ ପରିବାରର ଲୋକଙ୍କୁ ରେଡ଼କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟରେ ଏସଆଇ ରାକେଶ ବେହେରା ଉପସ୍ଥିତ ଥିଲେ।

# ଟଲୁ କରିଦେଲେ ଆବାସ ଟଙ୍କା, ଏବେବି ଚାଳଘରେ ଯୋଗ୍ୟ ହିତାଧିକାରୀ

ନବରଙ୍ଗପୁର,୭।୪(ବି.ପ୍ର.)

■ ଆବାସ ଯୋଜନାରେ ମହାଦୁର୍ନୀତି ଅଭିଯୋଗ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବିଡିଓ

ଗରିବ ଲୋକଙ୍କ ପାଇଁ ସରକାର କଲେ ଆବାସ ଯୋଜନା। ହେଲେ ଟଙ୍କା ହଡ଼ପ କରିନେଲେ ସରକାରୀ ବାବୁ। ଜାଲିଆତି ଏମିତି ତରିକାରେ କରାଯାଇଛି ଯେ, ଜଳଜଳ ଦିଶୁଛି ଦୁର୍ନୀତି। ମିଛ ଆବାସ ଘର, ମିଛ ବିଲ୍ କରି ଲକ୍ଷ ଲକ୍ଷ ଟଙ୍କା ତୋସରପାତ କରାଯାଇଛି ହିତାଧିକାରୀଙ୍କ ଅର୍ଥ। ଏଭଳି ଦୁର୍ନୀତି ଅଭିଯୋଗ ଆସିଛି ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରୁ। ଯେଉଁଠି ଚାଳ ଛପର ଘରେ ରହୁଥିବା ଯୋଗ୍ୟ ହିତାଧିକାରୀଙ୍କ ନାମରେ ତାଙ୍କ ଅଜାଣତରେ ଟଙ୍କା ଉଠାଯାଇ ଆତ୍ମସାତ୍ କରାଯାଇଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଅଧୀନ ବରଦେଇ ଗ୍ରାମର ବଳି ଭତରା। ତାଙ୍କ ନାମରେ ସରକାରୀ କାଗଜପତ୍ରରେ ଘର ତିଆରି କରି ଟଙ୍କା ଉଠାଇଛନ୍ତି ସରକାରୀ ବାବୁ। ଅନ୍‌ଲାଇନ ତଥ୍ୟ ଅନୁଯାୟୀ ୨୦୧୯/୨୦ ଆର୍ଥିକ ବର୍ଷରେ ସରକାରୀ ତାଲିକାରେ ବଳିଙ୍କ ନାମରେ ଆସିଥିଲା ଆବାସ। ଏପରିକି ତାଙ୍କ ନାମରେ ୪ଟି ପର୍ଯ୍ୟାୟରେ ୧ ଲକ୍ଷ ୩୦ହଜାର ଟଙ୍କା ଦିଆଯାଇ ଘର କାମ ସରିଥିବା ଦର୍ଶାଯାଇଛି। କିନ୍ତୁ ବାସ୍ତବ କଥା ପୂରା ଓଲଟା। ବଳି ବୟସର ଅପରାହ୍ନରେ ଦିନ ମଜୁରିଆ ଭାବେ କାମ କରି ଯାହା ଟଙ୍କା ପାଉଛନ୍ତି ସେଥିରେ ପରିବାର ଚଳୁଥିବା ବେଳେ ପୁଅ ଘର ଖଣ୍ଡିଏ ତୋଳିବାର ସ୍ୱପ୍ନ ନେଇ ସୁଦୂର କର୍ଣାଟକ ରାଜ୍ୟରେ ଯାଇ ଦାଦନ ଖଟୁଛନ୍ତି। ସରକାରୀ ବାବୁ ତାଙ୍କ ନାମରେ ଟଙ୍କା ଆତ୍ମସାତ୍ କରିଥିବା ଜାଣିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବଳି ଭତରା ଦାବି କରିଛନ୍ତି। ସେହିଭଳି ଉକ୍ତ ପଞ୍ଚାୟତର ବଡାସର ଗ୍ରାମର ସନସାଇ ଭତରା ଚାଳ ଛପର ଘରେ ରହୁଛନ୍ତି। ତାଙ୍କ ନାମରେ ୨୦୧୮/୧୯ ଆର୍ଥିକ ବର୍ଷରେ ଆବାସ ଯୋଜନା ଆସିଥିଲା। ଏପରିକି ଚେରଚେଟା ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ତାଙ୍କ ନାମ ଉଲ୍ଲେଖ ରହିଛି। କିନ୍ତୁ, ସନସାଇଙ୍କ ଅଜାଣତରେ ୩ଟି ପର୍ଯ୍ୟାୟରେ ଆବାସ ନାମରେ ଆସିଥିବା ୧ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ତାଙ୍କୁ ଆବାସ ଘର ଯୋଗାଇଦେବା ସହ ଯିଏ ଟଙ୍କା ଆତ୍ମସାତ୍ କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସନସାଇ ଓ ପୂର୍ବତନ ୱାର୍ଡମେମ୍ବର ମତିସିଂ ଭତରା ଦାବି କରିଛନ୍ତି। ପାପଡ଼ାହାଣ୍ଡି ବ୍ଲକ ଡଙ୍ଗରା ପଞ୍ଚାୟତ ସଦର ମୁହକୁମା ଗ୍ରାମର ଡମ୍ବୁଧର ମାଝି ୨୦୧୯-୨୦ଆର୍ଥିକ ବର୍ଷରେ ଆବାସ କାର୍ଯ୍ୟାଦେଶ ପାଇଥିଲେ। ସେ ପ୍ରାୟ ୨ବର୍ଷ ତଳୁ ଘର କାମ ଆରମ୍ଭ କରି ଫାଉଣ୍ଡେସନ ପକାଇଥିଲେ। ବର୍ତ୍ତମାନ ସୁଦ୍ଧା ଉକ୍ତ ସ୍ଥିତିରେ ଘର କାମ ରହିଛି। ଆବାସ ଯୋଜନାରେ ତାଙ୍କ ନାମରେ ଆସିଥିବା ୧ ଲକ୍ଷ ୩୦ହଜାର ଟଙ୍କା ତାଙ୍କ ଅଜାଣତରେ କେହି ବ୍ୟକ୍ତି ଉଠାଇ ନେଇଥିବା ସେ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ଫଳ ଶୂନ ରହିଥିବା ଡମ୍ବୁଧର ମାଝି କହିଛନ୍ତି। ଏହି ଦୁର୍ନୀତି ସମ୍ପର୍କରେ ପାପଡ଼ାହାଣ୍ଡି ବିଡିଓ ରଞ୍ଜିତା ମଲ୍ଲିକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ଅଭିଯୋଗଗୁଡିକର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସ୍ୱାଧୀନ ସପକ୍ଷରେ ଗଲା ବିଜେଡି, ଭାଜପା ଭୋଟ

କୋଟପାଡ଼,୭।୪(ଡି.ଏନ୍.ଏ.)

କୋରପୁଟ ଜିଲା କୋଟପାଡ଼ ପୌର ପରିଷଦ ଉପାଧ୍ୟକ୍ଷ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥିନୀ ଏମ୍. ସନ୍ତୋଷୀ ବିଜୟୀ ହୋଇଛନ୍ତି। ତେବେ ଏଠାରେ ରୋଚକ କଥା ଯେ, ୧୩ ଗୋଟି ୱାର୍ଡ ମଧ୍ୟରୁ କଂଗ୍ରେସର ୬, ଭାଜପା ୩, ବିଜେଡି ୩ ଏବଂ ସ୍ୱାଧୀନ ଗୋଟିଏରେ ହାତେଇଛି। ଏଠାରେ ମ୍ୟାଜିକ ସଂଖ୍ୟା ୭ ଥିବାବେଳେ ଉପାଧ୍ୟକ୍ଷ ପଦ କିଏ ହାତେଇବ ତାହାକୁ ନେଇ ଗତ କିଛିଦିନ ହେଲା ଚର୍ଚ୍ଚା ଲାଗି ରହିଥିଲା। ଘୋଡ଼ା ବେପାର ପାଇଁ ମଧ୍ୟ ଉଦ୍ୟମ ଚାଲିଥିଲା। କିନ୍ତୁ ଦଳୀୟ ପ୍ରାର୍ଥୀ ଓପନ୍ ଭୋଟ ଦେବା ନିୟମ ଘୋଡ଼ା ବେପାର ହେଇପାରି ନ ଥିଲା। ଶେଷରେ ଏଠାରେ ଭାଜପା ଓ ବିଜେଡି ମିଳିତଭାବେ ସ୍ୱାଧୀନ ପ୍ରାଥୀଙ୍କୁ ସମର୍ଥନ କରି ବିଜୟୀ କରାଇଛନ୍ତି। କଂଗ୍ରେସ ଦଳର ସାଲିମା ବେଗମ୍ ଏବଂ ସ୍ୱାଧୀନ ପ୍ରାର୍ଥିନୀ ଏମ୍. ସନ୍ତୋଷୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। କଂଗ୍ରେସର ୬ ଭୋଟ ନିଜ ଦଳ ସପକ୍ଷରେ ପଡ଼ିଥିଲା। କିନ୍ତୁ ଭାଜପା ଓ ବିଜେଡିର ୬ ଭୋଟ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଥିଲା। ସ୍ୱାଧୀନ ପ୍ରାର୍ଥୀଙ୍କ ନିଜସ୍ୱ ଭୋଟ ସହ ମୋଟ ୭ ଭୋଟ ପାଇ ବିଜୟୀ ହୋଇଥିଲେ। ପୂର୍ବରୁ ଅଧ୍ୟକ୍ଷ ସକାଶେ କଂଗ୍ରେସ ବିଜୟ ହେଇଥିବାବେଳେ ଉପାଧ୍ୟକ୍ଷ ସକାଶେ କୋଟପାଡ଼ରେ ରାଜନୀତି ବେଶ ସରଗରମ ଲାଗି ରହିଥିଲା।

## ସ୍ୱାସ୍ଥ୍ୟ ସୁରକ୍ଷାରେ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ

ନବରଙ୍ଗପୁର,୭।୪(ବି.ପ୍ର.)


ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

ନବରଙ୍ଗପୁରରେ ଗୁରୁବାର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ସିଡିଏମ୍‌ଓ ଡା. କାଳିପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଏକ ବୈଠକ କରାଯାଇଛି। ଏଥିରେ ଡା. କାହ୍ନୁଚରଣ ପାତ୍ର ଡିଏମଓ (ଏମ୍‌ଏସ୍), ଡା. ମଳୟ କୁମାର ତ୍ରିପାଠୀ ଡି.ପି.ଏଚ.ଓ., ଡା. ନୀଳମଣି ସେନାପତି ଏ.ପି.ଏଚ.ଓ (ଟି.ବି), ଡିଆଇପିଆର୍‌ଓ ହଳଧର ନିଆଲ, ଧନୁରାମ ମୁର୍ମୁ ଏ.ଡି.ପି.ଏଚ.ସି.ଓ, ତରୁଣ କୁମାର ସାହୁ ଏ.ଏମ (ଏନ.ସି.ଡି), ଶ୍ରୀମତୀ ପ୍ରଣତି ସାହୁ ଡିଏମ୍(ଆର.ସି.ଏଚ) ପ୍ରମୁଖ ଯୋଗ ଦେଇଥିଲେ। ପୃଥିବୀ, ଆମ ପାଣି ପବନ ଓ ପରିବେଶକୁ କିପରି ସୁସ୍ଥ ରଖିବା ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତେ ସଚେତନ ହୋଇ ଏ ଦିଗରେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଏନ୍‌ସିସି ଛାତ୍ର, ଜି.ଏନ.ଏମ୍ ଛାତ୍ରୀ ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ। ଧନୁରାମ ମୁର୍ମୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ମୋ କଲେଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ମନ୍ମଥ କୁମାର ମାଝି ଅତିଥି ପରିଚୟ ପ୍ରଦାନ କରିଥଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡକ୍ଟର ଅରବିନ୍ଦ କୁମାର ଓଝା ମୁଖ୍ୟ ବକ୍ତାଭାବେ ଯୋଗଦେଇ ବୃତ୍ତ ଚିତ୍ର ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଏହି ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଏନ୍‌ଏସ୍‌ଏସ୍ ସହକାରୀ ପ୍ରଫେସର ରାଜୀବ ଜାଲ ସ୍ୱାସ୍ଥ୍ୟ ସୁରକ୍ଷାରେ ପରିବେଶ କିପରି ମୁଖ୍ୟ ଭୂମିକା ଗ୍ରହଣ କରେ ସେ ବିଷୟରେ ଆଲୋଚନା କରିଥିଲେ। ଅତିଥି ଅଧ୍ୟାପିକା ସୁଲୋଚନା ନାୟକ ଛାତ୍ରୀଛାତ୍ରଙ୍କୁ ଯୋଗ, ବ୍ୟାୟାମ ଅଭ୍ୟାସ ଲାଗି ପ୍ରେରଣା ଦେଇଥିଲେ। ସୁମନ୍ତ ବାଘେଲ୍, ଜ୍ୟୋତିର୍ମୟୀ ବେହେରା ଧନ୍ୟବାଦ ଦେଇଥିଲେ।

## ଶବାଗାରରେ ମୃତଦେହ ଖଣ୍ଡିଆଖାବରା

ଉମରକୋଟ, ୭।୪(ସ୍ୱ.ପ୍ର.)

ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ରଖାଯାଇଥିବା ଏକ ମୃତଦେହ ପରିବାର ଲୋକଙ୍କୁ ଖଣ୍ଡିଆ ଖାବରା ହୋଇ ମିଳିଛି। ମୃତଦେହକୁ ମୂଷା ଖାଇ କ୍ଷତାକ୍ତ କରିଥିବା ଅନୁମାନ କରାଯାଉଛି । ଏପରି ଦୃଶ୍ୟ ନବରଙ୍ଗପୁର ଜିଲା ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଉମରକୋଟ୍ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪ଟି ବ୍ଲକର ପ୍ରାୟ ୪ ଲକ୍ଷ ଲୋକ ନିର୍ଭର କରନ୍ତି। ଏଭଳି ଘଟଣାକୁ ନେଇ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ମଙ୍ଗଳବାର ଉମରକୋଟ୍ ସହର ଡିଏନ୍‌କେ ସାହିର ମୁନା ହରିଜନ ପୋଡ଼ାଗଡ଼ ପାହାଡ଼ ଉପରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ମୃତଦେହକୁ ସନ୍ଧ୍ୟାରେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଡାକ୍ତରଖାନାକୁ ଆଣିଥିଲା। ସନ୍ଧ୍ୟା ହୋଇଯାଇ ଥିବାରୁ ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ସମୟରେ ମୃତଦେହ ମୁହଁ ଖଣ୍ଡିଆଖାବରା ହୋଇଥିବା ଦେଖି ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଏଭଳି ଘଟଣା ମୋ ନଜରକୁ ଆସିନାହିଁ ବୋଲି କହିଛନ୍ତି। ଡାକ୍ତରଖାନାରେ ଥିବା ମୂଷାଗାତ ସବୁ ବନ୍ଦ କରିଦେଇଛୁ। ଫ୍ରିଜର ଗୋଟିଏ ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି କରିଦେଇଛୁ। ତାହା ଶୀଘ୍ର ଆସିଯିବ ବୋଲି ସେ କହିଛନ୍ତି।

## ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




ମୁନିଗୁଡ଼ା,୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ବାଳିକା ନିମନ୍ତେ ଚାଲିଥିବା ୮ ଦିନିଆ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦେବାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନି ଉତ୍ସବରେ ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ସମ୍ବିଧାନର ଧାରା-୨୧ ଏବଂ ଭାରତୀୟ ଦଣ୍ଡବିଧି ଆଇନର ଉପଧାରା ୧୦୦ ତଥା ପ୍ରାଚୀନ ମନୁସ୍ମୃତିର ଅବଧାରଣା ପୂର୍ବକ ଆତ୍ମରକ୍ଷାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ପୋଲିସ ଆଇଆଇସି ସୁନିତା ବେହେରା, ସାମାଜିକ କର୍ମୀ ଗୌରାଙ୍ଗ ରାଉତ, କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଧ୍ୟାପିକା ନିବେଦିତା ନାୟକ, ଅଧ୍ୟାପକ ଦେବବ୍ରତ ରାଜଗୁରୁ, କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବଞ୍ଚର ସମ୍ମାନିତ ଅତିଥିଭାବେ ଯୋଗଦେଇ ବାଳିକାମାନେ ନିର୍ଭିକ ଏବଂ ଦୃଢ଼ ଆତ୍ମବିଶ୍ୱାସର ସହ ପ୍ରତିପକ୍ଷଙ୍କ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କଲ୍ୟାଣୀ ପାଢ଼ୀ, ମାଷ୍ଟର ଟ୍ରେନର ଚାନ୍ଦିନୀ ପାତ୍ର, ହସ୍ତିନି କୁଶୁଲିଆ, ପୋଲିସ ଏସ୍‌ଆଇ ହେମଲତା ଶବର, ଚନ୍ଦ୍ରମା ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ ହୋଇଥିବା ଏସ୍‌ଡିପିଓଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୧୨୯ ପ୍ରଶିକ୍ଷିତ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବିଜେଡିର ବିଫଳତା ପରେ ନେତୃତ୍ୱକୁ ନେଇ ଚର୍ଚ୍ଚା

ଗୁଣପୁର,୭।୪(ଡି.ଏନ୍.ଏ.)

**ସଙ୍ଗଠନ ନ ସଜାଡ଼ିଲେ ସାଧାରଣ ନିର୍ବାଚନରେ ବି ମହଙ୍ଗା ପଡ଼ିବ**

ଜିଲା ପରିଷଦ ଏବଂ ପୌର ନିର୍ବାଚନରେ ରାୟଗଡ଼ା ଜିଲା ଗୁଣପୁରରେ ବିଜେଡିର ବଡ଼ ପରାଜୟ ପରେ ଆଗକୁ ଦଳର ମଙ୍ଗ କିଏ ଧରିବେ ତାହାକୁ ନେଇ ଏବେ ରାଜନୈତିକ ସମୀକ୍ଷକ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଗୁଣପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ସଙ୍ଗଠନର ନେତୃତ୍ୱକୁ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ଚଳିତ ଜିଲା ପରିଷଦ ନିର୍ବାଚନରେ ଗୁଣପୁର 'କ' ଜୋନ୍, 'ଖ' ଜୋନ୍ ଏବଂ ରାମନଗୁଡ଼ା 'କ' ଜୋନ୍‌ରେ ବିଜେଡି ପ୍ରାର୍ଥୀମାନେ ଜିଲା ପରିଷଦ ସଭ୍ୟ ଆସନ ହାତେଇବାରେ ବିଫଳ ହୋଇଛନ୍ତି। ଅନୁରୂପ ଭାବେ ଗୁଣପୁର ପୌର ପରିଷଦର ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ଆସନ ମଧ୍ୟ ବିଜେଡି ହାତରୁ ଖସିଯାଇଛି। ସେହିପରି ଗୁଣପୁର ବ୍ଲକ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ଆସନ ପାଇଁ ମଧ୍ୟ ବିଜେଡି ସମର୍ଥନରେ ଲଢ଼ିଥିବା ପ୍ରାର୍ଥୀ ପରାଜିତ ହୋଇଥିଲେ। ଅପରପକ୍ଷେ ପୌର ନିର୍ବାଚନରେ ବିଜେଡିର ବିଦ୍ରୋହୀ ନେତା ତଥା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ବିଜେଡିର ପରାଜୟର କାରଣ ସାଜିଛନ୍ତି। ଚଳିତ ନିର୍ବାଚନରେ ଶିବ ନିଜ ଦକ୍ଷତା ଦେଖାଇଛନ୍ତି। ଏଭଳି ପରିସ୍ଥିତିରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆଗକୁ କିଏ ମଙ୍ଗ ସମ୍ଭାଳିବେ ତାହା ବଡ଼ ପ୍ରଶ୍ନ ହୋଇଛି। ବେଳ ଥାଉ ଥାଉ ଦଳକୁ ନ ସଜାଡ଼ିଲେ ସାଧାରଣ ନିର୍ବାଚନରେ ମଧ୍ୟ ଗୁଣପୁରରେ ଦଳକୁ ଧୂଳି ଚାଟିବାକୁ ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ କୋରାପୁଟ ସଂସଦୀୟ କ୍ଷେତ୍ରରେ ଦଳର ମଙ୍ଗ ଧରିବେ ବୋଲି ଦୀର୍ଘ ଦିନ ହେଲା ଚର୍ଚ୍ଚା ଜୋର ଧରିଛି। ତେବେ ଏଥିରେ କେତେ ସତ୍ୟତା ରହିଛି ତାହାକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଯଦି ଏଭଳି ହୁଏ ତେବେ ସୁଧୀରଙ୍କ ନେତୃତ୍ୱକୁ ବିରୋଧ କରି ଗୁଣପୁର ନିର୍ବାଚନ ମଣ୍ଡଳୀର ଅନେକ ବିଜେଡି ବିଦ୍ରୋହୀ ନେତାଙ୍କୁ ସାଙ୍ଗରେ ନେଇ ସାଙ୍ଗଠନକୁ ମଜଭୁତ କରିବେ ବୋଲି ଚର୍ଚ୍ଚା ହେଉଛି।

## ରାୟଗଡ଼ା ସହରବାସୀଙ୍କ ପାଇଁ ଆମ୍ବୁଲାନ୍ସ, ସ୍ୱର୍ଗରଥ ସେବା


ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଆମ୍ବୁଲାନ୍ସ ଓ ସ୍ୱର୍ଗରଥର ଶୁଭାରମ୍ଭ କରୁଛନ୍ତି ।

ରାୟଗଡ଼ା ଅଫିସ,୭।୪

**ରାଜ୍ୟ ସଭା ସଦସ୍ୟ ପାଣ୍ଠିରୁ ପ୍ରଦାନ**

ରାୟଗଡ଼ା ସହରରେ ଆମ୍ବୁଲାନ୍ସ ଓ ସ୍ୱର୍ଗରଥ ସେବାର ଶୁଭାରମ୍ଭ ହୋଇଛି। ରାଜ୍ୟ ସଭା ସଦସ୍ୟ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଆମ୍ବୁଲାନ୍ସ ଓ ସ୍ୱର୍ଗରଥ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଏବଂ ସମ୍ମାନିତ ଅତିଥି ରୂପେ ପୌରାଧକ୍ଷ ପି. ମହେଶ ପଟ୍ଟନାୟକ ଓ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଯୋଗଦେଇ ପୌର ପରିଷଦ ପରିସରରେ ଗୁରୁବାର ଏହାର ଶୁଭାରମ୍ଭ କରିଛନ୍ତି। ସହରବାସୀ ଏହି ଆମ୍ବୁଲାନ୍ସ ସେବା ପାଇପାରିବେ। ସେହିପରି ମୃତଦେହ ସୁବିଧାରେ ନେବା ପାଇଁ ପୌର ପରିଷଦ ପକ୍ଷରୁ ସ୍ୱର୍ଗରଥ ସେବା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଗୁରୁତର ରୋଗୀଙ୍କୁ ଜିଲା ବାହାରକୁ କିମ୍ବା ରାଜ୍ୟ ବାହାରକୁ ନେବାପାଇଁ ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ମିଳୁ ନ ଥିବାରୁ ରୋଗୀ ଓ ସେମାନଙ୍କ ପରିବାର ଲୋକେ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହିପରି ରାୟଗଡ଼ା ପୌରାଞ୍ଚଳରେ ମୃତଦେହ ପରିବହନ ସକାଶେ ପୂର୍ବରୁ କୌଣସି ବ୍ୟବସ୍ଥା ନ ଥିଲା। ସ୍ୱର୍ଗରଥ ସେବା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ। ସମ୍ପ୍ରତି ରାଜ୍ୟସଭା ସାଂସଦ ପାଣ୍ଠିରୁ ୧୦ଲକ୍ଷଟଙ୍କା ବ୍ୟୟରେ ଆମ୍ବୁଲାନ୍ସ ଓ ସ୍ୱର୍ଗରଥ ଆଜି ଶୁଭାରମ୍ଭ ହୋଇଛି ।

## ଭାଜପାର ଅଧ୍ୟକ୍ଷ, ବିଜେଡିର ଉପାଧ୍ୟକ୍ଷ

ନବରଙ୍ଗପୁର,୭।୪ (ବି.ପ୍ର.)

**ବିଜେଡିର ସୌମ୍ୟା ମହାପାତ୍ର ନବରଙ୍ଗପୁର ପୌର ଉପାଧ୍ୟକ୍ଷ**

ନବରଙ୍ଗପୁର ପୌର ଅଧ୍ୟକ୍ଷଭାବେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଗୁରୁବାର ହୋଇଥିବା ପୌର ଉପାଧ୍ୟକ୍ଷ ପଦ ବିଜେଡି ହାତେଇଛି। ପୌର ଉପାଧ୍ୟକ୍ଷଭାବେ ୧୭ନମ୍ବର ୱାର୍ଡ କାଉନ୍‌ସିଲର ସୌମ୍ୟା ମହାପାତ୍ର ବିଜୟୀ ହୋଇଛନ୍ତି।

ଗୁରୁବାର ସକାଳ ୧୦ଟାରୁ ପୌର ଉପାଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୌମ୍ୟା ଓ ୪ନଂ. ୱାର୍ଡ କାଉନସିଲର ଭାଜପାର ଶର୍ମିଷ୍ଠା ଦେଓ ଉପାଧ୍ୟକ୍ଷା ପଦବୀ ପାଇଁ ନିଜ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୧୨ ଟାରୁ ୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ସମୟ ଥିଲା। ୧ଟାରୁ ୩ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ୩ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଅପରାହ୍ନ ୩.୩୦ରେ ନିର୍ବାଚନ ଅଧିକାରୀ ଅଭିମନ୍ୟୁ ମାଝି ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଭାଜପା ପ୍ରାର୍ଥୀ ଶର୍ମିଷ୍ଠା ଦେଓଙ୍କୁ ୬ ଓ ବିଜେଡି ପ୍ରାର୍ଥୀ ସୌମ୍ୟା ମହାପାତ୍ରଙ୍କୁ ୧୦ଖଣ୍ଡ ଭୋଟ ମିଳିଥିଲା। ନବରଙ୍ଗପୁର ପୌରପାଳିକା ୫ ନଂ. ୱାର୍ଡ କାଉନସିଲର ଆଇ.ମୁରଲୀକ୍ରିଷ୍ଣା ମତଦାନ ପ୍ରକ୍ରିୟାରେ ଅନୁପସ୍ଥିତ ଥିଲେ। ବିଜୟ ପରେ ପୌର ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ଶତାଧିକ ବିଜେଡି କର୍ମୀଙ୍କ ସହ ନବରଙ୍ଗପୁର ଚାମୁରିଆଗୁଡ଼ାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅବିଭକ୍ତ କୋରାପୁଟ ଜିଲା ଯୁବ ବିଜେଡି ଜୋନାଲ ସଭାପତି ତାପସ ତ୍ରିପାଠୀ, ନଗର ସଭାପତି ପ୍ରମୋଦ ରଥ, ନବରଙ୍ଗପୁର ପୌରପାଳିକାର ୧ନଂ. ୱାର୍ଡ କାଉନସିଲର ଗୀତାଞ୍ଜଳି ଯାଦବ, ୨ନଂ. ୱାର୍ଡ କାଉନସିଲର ପୁରୁଷୋତ୍ତମ ହରିଜନ, ୬ନଂ. ୱାର୍ଡ କାଉନସିଲର ପି. କେଶ, ୭ନଂ. ୱାର୍ଡ କାଉନସିଲର ପି.ଉଷାରଣୀ ରାଓ , ୮ନଂ. ୱାର୍ଡ କାଉନସିଲର ସନ୍ତୋଷୀ ଜାନି, ୯ନଂ. ୱାର୍ଡ କାଉନସିଲର ବିଷ୍ଣୁ ସୌରା, ୧୨ନମ୍ବର ୱାର୍ଡ କାଉନସିଲର ଏମ୍. ରାଜେଶ୍ୱରୀ, ୧୩ ନଂ. ୱାର୍ଡ କାଉନସିଲର ରଞ୍ଜିତା ପଣ୍ଡା, ୧୪ ନଂ. ୱାର୍ଡ କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସଞ୍ଜୟ ନାୟକ, ଲାଲୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ଦଫା ଦାବିରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ନବରଙ୍ଗପୁର (ବି.ପ୍ର.)/ ରାୟଗଡ଼ା ଅଫିସ,୭।୪



ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଦାବିପତ୍ର ଗ୍ରହଣ କରୁଛନ୍ତି।



ରାୟଗଡ଼ା ଠାରେ ସଂଘ ପକ୍ଷରୁ ବାହାରିଥିବା ଶୋଭଯାତ୍ରା।

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସେଶନ ପକ୍ଷରୁ ୧୪ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ୍ ପ୍ରଥା ଉଚ୍ଛେଦ କରି ସରକାରୀ ମାନ୍ୟତା, ମାସିକ ପାରିଶ୍ରମିକ ୨୧ ହଜାର, ମିନି ଅଙ୍ଗନୱାଡିକୁ ଅଙ୍ଗନୱାଡି ମାନ୍ୟତା ଦେଇ ସହାୟିକା ନିଯୁକ୍ତି, ଆନ୍ଦୋଳନ ସମୟରେ କାର୍ଯ୍ୟରୁ ବହିଷ୍କୃତ ୭ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି , ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ, ଅବସର ପରେ ମାସିକ ୫ହଜାର ଟଙ୍କା ପେନ୍‌ସନ ଦେବା ଭଳି ୧୪ ଦଫା ଦାବି ରହିଛି।

ନବରଙ୍ଗପୁର ଶାଖା ସଭାନେତ୍ରୀ ଭାଗ୍ୟବତୀ ଷଡ଼ଙ୍ଗୀ, ତେନ୍ତୁଲିଖୁଣ୍ଟି ବ୍ଲକ ସଭାନେତ୍ରୀ ହେମଲତା ନାୟକ, ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନୂତନ ବସ୍‌ଷ୍ଟାଣ୍ଡ ନିକଟରୁ ବାହାରିଥିଲା। ଏଥିରେ ହଜାର ହଜାର ସଂଖ୍ୟକ ଅଙ୍ଗନୱାଡି, ମିନି ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାପରେ ସଂଘ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ସଂଘ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମଛାଡ଼ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାରଙ୍କୁ ସଂଘର ଦାବି ସମ୍ପର୍କରେ ଜଣାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘରର ଆହ୍ୱାନ କ୍ରମେ ରାୟଗଡ଼ା ଜିଲାରେ ମଧ୍ୟ ମହିଳା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ତଥା ରାୟଗଡ଼ା ଜିଲା ପ୍ରଭାରୀ ଯୋଗେଶ୍ୱର ଦାସଙ୍କ ଉପସ୍ଥିତିରେ ଏବଂ ସଂଘର ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ ଓ ଜିଲା ସମ୍ପାଦିକା ଉଷାରାଣୀ ଦାଶଙ୍କ ନେତୃତ୍ୱରେ ୧୧ଟି ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ଦାବିକୁ ସରକାର ଗୁରୁତ୍ୱ ନ ଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବୁ ବୋଲି ଜିଲା ପ୍ରଭାରୀ ଚେତାବନି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଖଗେଶ୍ୱର ସିଂ, ଜିଲା ଉପସଭାପତି ମହନ ରାଓ ମାଝି, ପ୍ରଶାନ୍ତ କୁମାର ପାଳ, ପରମାନନ୍ଦ ପ୍ରଧାନ, ଅମ୍ବିକା ନିଳଗିରି, କେ.ନିଳାଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

**ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ରକ୍ତଦାନ ଶିବିର**

ନନ୍ଦାହାଣ୍ଡି,(ଡି.ଏନ୍.ଏ)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସିନ୍ଧିଗୁଡା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର କରାଯାଇଛି। ଡାକ୍ତର ବିକାଶ ବାରିକ ଏବଂ ଡାକ୍ତର ସିରାଜ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସିନ୍ଧିଗୁଡା ବାଳାଶ୍ରମରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୧୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି । ଏହି ଶିବିରକୁ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ତ୍ରିପାଠୀ ଏବଂ ଗୋଷ୍ଠୀ ତଥ୍ୟ ପରିଚାଳକ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

ଦଶମନ୍ତପୁର, ୭।୪ (ଡି.ଏନ୍.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟଠାରେ ଗୁରୁବାର ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସଂଯୋଜକ ଅଧାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଅଧ୍ୟକ୍ଷ ତ୍ରିନାଥ ପାତିକା ସମ୍ମାନିତ ଅତିଥି, ଅଧାପକ ସରୋଜ ତୁଳ, +୩ର ଅଧାପକ ଅନିଲ ଦୋରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଶିବିର ୮ ଦିନ ଧରି ଚାଲିବ। ମହାବିଦ୍ୟାଳୟର ୨ଜଣ ପୂର୍ବତନ ଛାତ୍ର ଛାତ୍ରୀମାନଙ୍କୁ ତାଲିମ ଦେଉଛନ୍ତି। ଅତିଥିମାନେ ଉପସ୍ଥିତ ଛାତ୍ରୀ ଓ ଅତିଥିମାନଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ବୁଝାଇଥିବା ଜଣାପଡ଼ିଛି।



ଛାତ୍ରୀମାନେ ତାଲିମ ନେଉଛନ୍ତି ।

### ପୋଖରୀରେ ବୁଡି ଶ୍ରମିକଙ୍କ ମୃତ୍ୟୁ

ଝରିଗାଁ, ୭।୪(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଧଡକାଝରଣ ଗ୍ରାମରେ ଚାଲିଥିବା ଗାର୍ଡୱାଲ କାମରେ ନିଯୁକ୍ତ ଜଣେ ଶ୍ରମିକଙ୍କ ପୋଖରୀରେ ବୁଡି ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ଷଣ୍ଡସା ଗ୍ରାମର ପ୍ରଭୁ ଭତରା। ସୂଚନାନୁଯାୟୀ, ପ୍ରଭୁଙ୍କ ସମେତ ୧୧ଜଣ ଶ୍ରମିକ ଗୁରୁବାର କାମ କରିବାକୁ ଧଡକାଝରଣ ଗ୍ରାମକୁ ଯାଇଥିଲେ। ୧୧ଟାବେଳେ ଶ୍ରମିକମାନେ ଖାଇବାକୁ ବସିବାବେଳେ ପ୍ରଭୁଙ୍କୁ ଖୋଜିଥିଲେ। ପ୍ରଭୁ ସେତେବେଳେ ପୋଖରିକୁ ଗାଧୋଇବାକୁ ଯାଇଥିଲେ। ଅନେକ ସମୟ ଧରି ପ୍ରଭୁ ଫେରି ନ ଥିବାରୁ ସାଥୀ ଶ୍ରମିକମାନେ ତାଙ୍କୁ ଖୋଜିବାକୁ ଯାଇଥିଲେ। ଏହି ସମୟରେପ୍ରଭୁ ପାଣିରେ ବୁଡି ଛଟପଟ ହେଉଥିବା ଦେଖି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପ୍ରାୟ ୧ଘଣ୍ଟା ବିଳମ୍ବରେ ଆସିଥିଲା। ସେତେବେଳକୁ ପ୍ରଭୁଙ୍କ ମୃତ୍ୟୁ ହୋଇ ସାରିଥିଲା। ପ୍ରଭୁଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଫିଜିଓ ଥେରାପି କ୍ଲିନିକ୍ ଉଦ୍‌ଘାଟନ କଲେ ଜିଲାପାଳ

ମାଲକାନଗିରି,୭।୪(ଡି.ଏନ୍.ଏ.)- ମାଲକାନଗିରି ସଦର ମହକୁମାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଫିଜିଓ ଥେରାପି କ୍ଲିନିକ ଗୁରୁବାର ଜିଲାପାଳ ବିଶାଳ ସିଂ ଉଦ୍‌ଘାଟନ କରିଛନ୍ତି। ଜିଲା ସଦର ମହକୁମା ଓ ବିଭିନ୍ନ ଅଞ୍ଚଳରେ ଥିବା ବରିଷ୍ଠ ନାଗରିକମାନେ ଏହାଦ୍ୱାରା ଉପକୃତ ହେବେ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଗାଡିରେ ଡାକ୍ତର ଓ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ବରିଷ୍ଠ ନାଗରିକ ମାନଙ୍କୁ ମାଗଣାରେ ସେବା ଯୋଗାଇ ଦେବେ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଏହା ପରିଚାଳନା ହେବ। ନିର୍ବାହୀ ଅଧିକାରୀ ଶ୍ରଦ୍ଧାଞ୍ଜଳି ଏହାକୁ ପରିଚାଳନା କରିବେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଜିଲା ଅଧିକାରୀ ପଦ୍ମ ରଞ୍ଜନ ଦାସ ଉପସ୍ଥିତ ଥିଲେ।

### ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଜୟପୁର,୭।୪ (ନି.ପ୍ର.)- ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରଠାରେ ଜୁନିୟର ରେଡ଼କ୍ରସ ଶାଖା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସିମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଭାତ ରଥ, ବିଶ୍ୱ ରଞ୍ଜନ ଗୌଡ଼, ରେଡ଼କ୍ରସ ପରାମର୍ଶଦାତା ସୁଜିତ ନାୟକ ଉପସ୍ଥିତ ରହି ଛାତ୍ରୀ ଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷାର ବିଭିନ୍ନ କୌଶଳ ମାର୍ଗଦର୍ଶନ କରାଇଥିଲେ। ଜିଲା ଜୁନିୟର ରେଡ଼କ୍ରସ ଅଧିକାରୀ ତଥା ରେଡ଼କ୍ରସର ଆଜୀବନ ସଦସ୍ୟ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀମାନେ ହାତଧୁଆ କୌଶଳ ପ୍ରଦର୍ଶନ କରିଥିଲେ।

# ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ ନିର୍ଦ୍ଦେଶ

■ ଗ୍ରୀଷ୍ମ ମୁକାବିଲା ପାଇଁ ଅଧିକାରୀଙ୍କୁ ତାଲିମ

■ ଖରାରେ ବାହାରକୁ ନ ବାହାରିବାକୁ ସଚେତନତା

ମାଲକାନଗିରି,୭।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତ ଦୁଇ ସପ୍ତାହ ହେଲା ପାରଦ ୪୦ ଡିଗ୍ରୀ ଡେଇଁଲାଣି। ଜିଲାବାସୀ ଅସହ୍ୟ ଗରମରେ ହନ୍ତସନ୍ତ ହେଉଛନ୍ତି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ଶୂନ୍‌ଶାନ୍ ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ପ୍ରଭାବର ମୁକାବିଲା ନିମନ୍ତେ ମାଲକାନଗିରିସ୍ଥିତ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବୁଧବାର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୂୟାଁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାର ସମସ୍ତ ୭ ବ୍ଲକର ବିଡିଓ, ତହସିଲଦାର, ଶ୍ରମ ଅଧିକାରୀ, ବିଜୁଳି ବିଭାଗ, ମଙ୍ଗଳ ବିଭାଗ, ଅଗ୍ନିଶମ ବିଭାଗ ଏବଂ ଆଇଟିଡିଏର ଅଧିକାରୀମାନଙ୍କୁ ୨ଡାକ୍ତରଙ୍କ ଦ୍ୱାରା ତାଲିମ ଦିଆଯାଇଛି। ବିଡିଓ ଏବଂ ତହସିଲଦାରମାନେ ନିଜ ଅଞ୍ଚଳରେ ଜଳଛତ୍ର ବ୍ୟବସ୍ଥା କରିବା ସହ ଶ୍ରମିକମାନଙ୍କୁ ୧୧ଟା ପରେ କାମ କରିବାକୁ ନ ଯିବା, ବୟସ୍କ ବ୍ୟକ୍ତିମାନେ ଖରାରେ ବାହାରକୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର ପ୍ରସାର କରିବାକୁ କୁହାଯାଇଛି। ସେହିପରି ଡାକ୍ତରଖାନା ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଯଥେଷ୍ଟ ପରିମାଣରେ ଓଆର୍‌ଏସ୍ ପାଉଡର ସହ ଅଂଶୁଘାତର ଆଶୁ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ନଳକୂପଗୁଡ଼ିକର ତୁରନ୍ତ ମରାମତି କରିବା ସହ ଆବଶ୍ୟକ ସ୍ଥଳେ ଟ୍ୟାଙ୍କରରେ ପାଣି ଯୋଗାଇବା ପାଇଁ ବିଡିଓ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଛି। କୌଣସି ସ୍ଥାନରେ ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ ପହଞ୍ଚିବା ନିମନ୍ତେ ପ୍ରସ୍ତୁତ ରହିବାକୁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ହୋଇଛି। ସେହିପରି ପୌର ପରିଷଦ ଓ ଏନ୍‌ଏସି ଅଞ୍ଚଳରେ ଯାତ୍ରୀ ବିଶ୍ରାମାଗାର, ବସ୍‌ଷ୍ଟାଣ୍ଡ ଏବଂ ଅଫିସଗୁଡ଼ିକରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସମସ୍ତ ବିଭାଗକୁ ପରାମର୍ଶ ଦିଆଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଡିଆର୍‌ଡିଏ ପିଡି ଓ ଅନ୍ୟ ଅଧିକାରୀମାନେ।

## ନବ ନିର୍ବାଚିତ ଉପାଧ୍ୟକ୍ଷ

ନବରଙ୍ଗପୁର ପୌରପାଳିକା



ସୌମ୍ୟା ମହାପାତ୍ର
ବିଜେଡି

ଉମରକୋଟ ପୌରପାଳିକା



ସୁଧାଂଶୁ ଦାସ
ବିଜେଡି

ରାୟଗଡ଼ା ପୌରପାଳିକା



ଶୁଭ୍ରା ପଣ୍ଡା
ବିଜେଡି

ଗୁଣପୁର ପୌରପାଳିକା



ଶିବ ପ୍ରସାଦ ଗୌଡ
ସ୍ୱାଧୀନ

ଗୁଡାରି ଏନ୍‌ଏସି



ବାରାଟି ଯୋଗେଶ୍ୱର ରାଓ
ବିଜେଡି

କୋରାପୁଟ ପୌରପାଳିକା



ସବିତା ପଣ୍ଡା
ବିଜେଡି

ଜୟପୁର ପୌରପାଳିକା



ବି. ସୁନିତା
ବିଜେଡି

କୋଟପାଡ ଏନ୍‌ଏସି



ଏମ୍. ସନ୍ତୋଷୀ
ସ୍ୱାଧୀନ

ସୁନାବେଡ଼ା ପୌରପାଳିକା



ରିତୁ କଣ୍ଡା
ବିଜେଡି

ମାଲକାନଗିରି ପୌରପାଳିକା



କବିତା ମହନ୍ତ
ବିଜେଡି

ବାଲିମେଳା ଏନ୍‌ଏସି



ରଶ୍ମିତା ବାଙ୍କା
ବିଜେଡି

# ଅନେକ ସ୍ଥାନରେ ଶିକ୍ଷକ ଅଛନ୍ତି, ବିଦ୍ୟାଳୟ ନାହିଁ

**ସ୍ୱାଭିମାନ ଅଞ୍ଚଳ**

ଚିତ୍ରକୋଣ୍ଡା,୭।୪(ଡି.ଏନ.ଏ.)

ସରକାର ଅନେକ ବିଦ୍ୟାଳୟର ଉନ୍ନତି କରି ୫–ଟି ପରିସରଭୁକ୍ତ କରୁଛନ୍ତି। ମାତ୍ର ଚିତ୍ରକୋଣ୍ଡା ବ୍ଲକରେ ଏପରି ବିଦ୍ୟାଳୟ ରହିଛି ଯେଉଁଠି ଅନେକ ଶିକ୍ଷକ ପଦ ଖାଲି ପଡିଛି। କେଉଁଠି ଅତିରିକ୍ତ ଶ୍ରେଣୀଗୃହ ନାହିଁ ତ କେଉଁଠି ଛାତ୍ରୀଛାତ୍ରମାନେ ବସିବାକୁ ଆବଶ୍ୟକ ଗୃହ ନାହିଁ। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ରାଲେଗଡା ଓ ଧୂଳିପୁଟ ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି। ଡବଲପାହାଡ଼, ସିଂଘାବାରାମ, ଢ଼ୋଣ୍ଡାଲଗନ୍ଧି, ଗୋଟେଦୂରବନ୍ଧ, ଦାଗୁଡୁପାଲି ଓ ଶୁଆପାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଥିବା ବେଳେ ବିଦ୍ୟାଳୟ ଗୃହ ନାହିଁ। ସେହିପରି ଅବିଭକ୍ତ ଅଣ୍ଡିରାପାଲି, ଯନ୍ତ୍ରୀ ପଞ୍ଚାୟତର ତୋଟାଗୁଡ଼ା ଓ ଡାବୁଗୁଡ଼ା ବିଦ୍ୟାଳୟରେ ଶିକ୍ଷକ ଥିବା ବେଳେ ବିଦ୍ୟାଳୟ ଗୃହ ନାହିଁ। ସେହିଭଳି ଉପାନ୍ତ କୁରୁମାନୁର ଓ ପାପୁଲୁର ପଞ୍ଚାୟତର ବହୁ ସ୍ଥାନରେ ବିଦ୍ୟାଳୟ ହିଁ ନାହିଁ । ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଅନେକ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି, ମାତ୍ର ବିଦ୍ୟାଳୟ ଗୃହ ନାହିଁ। କେଉଁଠି ଗ୍ରାମ ଶେଷରେ ଗ୍ରାମବାସୀଙ୍କ ଉଦ୍ୟମରେ ଅସ୍ଥାୟୀ ବିଦ୍ୟାଳୟ କରାଯାଇ ପିଲାଏ ପାଠ ପଢୁଛନ୍ତି ତ କେଉଁଠି କାହାର ବ୍ୟକ୍ତିଗତ ଘରେ ବିଦ୍ୟାଳୟ ଚାଲିଛି। କେଉଁଠି ଗାଁ ଗୋଷ୍ଠୀ ଗୃହ ପାଲଟିଛି ବିଦ୍ୟାଳୟ। କେଉଁଠି ଗଛ ମୂଳେ ବସି ଶିକ୍ଷକ ପାଠ ପଢାଉଛନ୍ତି। ଚିତ୍ରକୋଣ୍ଡାର ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ନ ଥିବା ଏବଂ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଇଓ ଗାୟତ୍ରୀ ଦେବୀଙ୍କୁ ପଚାରିବାରୁ ସେ କହିଲେ, ଚିତ୍ରକୋଣ୍ଡାର ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ନ ଥିବା ତାଙ୍କ ନଜରକୁ ଆସିଛି। ବିଦ୍ୟାଳୟ ନ ଥିବା ସମ୍ପର୍କରେ ସେ ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଦୁଧାରି, ଉପରକାଣ୍ଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କଲେ ସମୀକ୍ଷା

ସେମିଳିଗୁଡ଼ା,ସୁନାବେଡ଼ା, ୭।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦୁଧାରି ଓ ଉପରକାଣ୍ଟି ପଞ୍ଚାୟତରେ ଗୁରୁବାର ବ୍ଲକ ଅଧ୍ୟକ୍ଷା ପୂର୍ବ କାର୍ଯ୍ୟଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ନେଇ ସେ ଏକ ବୈଠକ କରିଥିଲେ। ପ୍ରାରମ୍ଭରେ ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଓ ସୁଷମା ପାଙ୍ଗୀ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଗ୍ରାମାଞ୍ଚଳରେ ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ଭଳି ସମସ୍ୟା ସମାଧାନ ଦିଗରେ ସେ ଗୁରୁତ୍ୱ ଦେବେ ବୋଲି ଏହି ଅବସରରେ ସେ ପ୍ରକାଶ କରିଛନ୍ତି। ପରେ ଦୁଧାରି ପଞ୍ଚାୟତ ସମିତିସଭ୍ୟା ସୁଷମା ପାଙ୍ଗୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ରହିଥିବା ସମସ୍ୟା ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆଙ୍କୁ ବୁଝାଇଥିଲେ। ବୈଠକରେ ଦୁଧାରି ସରପଞ୍ଚ ମାଧବ ନନ୍ଦିବାଲି, କାଣ୍ଟି ସମିତିସଭ୍ୟ ରାଜୁ ଜାନି, ପିଇଓ ମୋହନ ଖରା, ବ୍ଲକ ସଭାପତି ରାମ ଅଣ୍ଟାବିରିଆ, କନିଷ୍ଠଯନ୍ତ୍ରୀ ରାଜୀବ ସିଂ, ବ୍ରଜମୋହନ ଚୌଧୁରୀ, ଉପେନ୍ଦ୍ର ନାୟକ, ଜୟରାମ ଚୌଧୁରୀ,କାଣ୍ଟି ସରପଞ୍ଚ ଏସ୍ତ ସାନ୍ତା, ସାମୀ ତାଡିଙ୍ଗ, ଦେବଶାମ ଖରା ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର

ମାଲକାନଗିରି,୭।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ବିଭିନ୍ନ ଦାବି ନେଇ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଅଙ୍ଗନୱାଡି କର୍ମୀ ଗୁରୁବାର ଏକାଠି ହୋଇଥିଲେ। ସେମାନେ ୧୪ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ବିଶାଳ ସିଂଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଦେବା, ଚାକିରି ସର୍ତ୍ତାବଳୀ ଲାଗୁ କରିବା, ମାସିକ ପ୍ରାରିଶ୍ରମିକ ୨୧ ହଜାର ଓ ସହାୟକଙ୍କୁ ୧୫ ହଜାର ଟଙ୍କା ଦେବା, ଅବସରକାଳୀନ ସହାୟତା ପାଣ୍ଠିକୁ ୫ ଲକ୍ଷକୁ ବୃଦ୍ଧି କରିବା, ପେନସନ ରାଶି ୫ ହଜାର କରିବା, ରାଜ୍ୟ ସ୍ତରୀୟ ଆନ୍ଦୋଳନ ବେଳେ ଚାକିରିରୁ ବହିଷ୍କୃତ ହୋଇଥିବା ୭ ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ଦେବା, ସବୁ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା, ଅଙ୍ଗନୱାଡି କର୍ମୀ ଓ ସହାୟିକା ମୃତ୍ୟୁବରଣ କଲେ ୫ ଲକ୍ଷ ସହାୟତା ରାଶି ଦେବା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବା ଆଦି ଦାବି ରହିଛି। ମାଲକାନଗିରି ଜିଲା ସଭାପତି ଲକ୍ଷ୍ମୀ ମାଢି ଓ ସମ୍ପାଦିକା ରେବା ବିଶ୍ୱାସ ନେତୃତ୍ୱ ନେଇଥିଲେ।



ଶୋଭାଯାତ୍ରାରେ ଯାଉଥିବା ଅଙ୍ଗନୱାଡି କର୍ମୀ ।

### ୭ ଶିକ୍ଷା ସଚେତନତା ରଥ ଉଦ୍‌ଘାଟନ କଲେ ଅତିରିକ୍ତ ଜିଲାପାଳ

ମାଲକାନଗିରି,୭।୪(ଡି.ଏନ୍.ଏ.)

କୋଭିଡ୍ କଟକଣା ଯୋଗୁ ରାଜ୍ୟରେ ୨ ବର୍ଷ ଧରି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ବନ୍ଦ ଥିଲା। ଛାତ୍ରୀଛାତ୍ରମାନେ ପ୍ରତ୍ୟକ୍ଷ ଶିକ୍ଷାଲାଭରୁ ବଞ୍ଚିତ ହେଉଥିଲେ। ୨ବର୍ଷ ପରେ କଟକଣା କୋହଳ ହେବାରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ଖୋଲିଛି। ତେବେ ଉପସ୍ଥାନ କିପରି ବୃଦ୍ଧି ପାଇବ ଏବଂ ପ୍ରତ୍ୟେକ ଛାତ୍ରୀଛାତ୍ର ଶିକ୍ଷା ପ୍ରତି ଯେପରି ଆକୃଷ୍ଟ ହେବେ ସେନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୭ଟି ଶିକ୍ଷା ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ରଥ ପ୍ରତ୍ୟେକ ଅଞ୍ଚଳ ବୁଲି ଛାତ୍ରୀଛାତ୍ରଙ୍କୁ ସଚେତନ କରିବ। ଜିଲାର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ସଚେତନତ କରାଯିବା ଉଦ୍ଦେଶ୍ୟରେ ରଥ ୭ ବ୍ଲକ ପରିକ୍ରମା କରିବ ବୋଲି ଜିଲା ସଂଯୋଜକ ମାନସ ରଞ୍ଜନ ଜେନା କହିଛନ୍ତି।

# ସ୍କୁଲ ଛାଡ଼ି ଘରକୁ ପଳାଇଲେ ୬ ଛାତ୍ର

**ପୋକରା ଚାଉଳରୁ ଭାତ ଦିଆଯାଉଥିବା ଅଭିଯୋଗ**

ଚନ୍ଦ୍ରପୁର,୭।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତର ଅନ୍ଧାରଲିମା ଓ ପାଟଷଣ୍ଢ଼ି ଗ୍ରାମର ୬ ଛାତ୍ର ହଷ୍ଟେଲ ଛାଡ଼ି ଘରକୁ ଫେରଆସିଛନ୍ତି। ପୋକରା ଚାଉଳରୁ ପ୍ରସ୍ତୁତ ଭାତ ଦିଆଯାଉଥିବାରୁ ସେମାନେ ହଷ୍ଟେଲ ଛାଡ଼ିଥିବା କହିଛନ୍ତି। ସୂଚନା ଅନୁଯାୟୀ, ଗୁଡ଼ାରି ବ୍ଲକ କର୍ଲାଘାଟି ଗ୍ରାମରେ ରହିଥିବା ମଙ୍ଗଳ ବିଭାଗର ଆଶ୍ରମ ବିଦ୍ୟାଳୟରେ ଚନ୍ଦ୍ରପୁର ବ୍ଲକର ଅନେକ ଛାତ୍ର ପଢୁଛନ୍ତି। ହେଲେ କିଛିଦିନ ହେଲା ସେମାନଙ୍କୁ ପୋକ ପଡ଼ିଥିବା ଭାତ ଦିଆଯାଉଥିବାରୁ ତାହା ଖାଇ ନ ପାରି ୬ ଜଣ ଛାତ୍ର ଘରକୁ ପଳାଇ ଆସିଥିବା କହିଛନ୍ତି। ଅନ୍ଧାରିଲିମା ଗ୍ରାମର ଅଷ୍ଟମ ଶ୍ରେଣୀ ଛାତ୍ର ଅଭିମନ୍ୟୁ ପାଲକା, ସପ୍ତମ ଶ୍ରେଣୀର ଦୁର୍ଗା ଶବର, ସନ୍ତୋଷ ଶବର ଏବଂ ପାଟଷଣ୍ଢ଼ି ଗ୍ରାମର ଚନ୍ଦନ ଶବର, ବାପୁନ ଶବର ଏବଂ ବାମୁଣ ଶବର ଏଭଳି ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟରେ ନାମକୁ ମାତ୍ର ଉପସ୍ଥାନ ପଢୁଥିବାବେଳେ ଶିକ୍ଷକମାନେ ପାଠ ପଢ଼ାଉ ନ ଥିବା ଛାତ୍ରମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ସେମାନେ କହିଛନ୍ତି। ଅଭିଯୋଗ ନେଇ କର୍ଲାଘାଟିସ୍ଥିତ ମଙ୍ଗଳ ବିଭାଗ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏ ବିଷୟରେ ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଶୀଘ୍ର ଅଧିକାରୀଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ।



ଅଭିଯୋଗ ଜଣାଉଥିବା ସ୍କୁଲ ଛାତ୍ର ଓ ଗ୍ରାମବାସୀ ।

# ଜାତୀୟ ରାଜପଥରୁ ତେନ୍ତୁଳି ବୋଝେଇ ଟ୍ରକରୁ ମିଳିଥିଲା ଗଞ୍ଜେଇ

କାଲିମେଳା,୭।୪ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଜାତୀୟ ରାଜପଥରୁ ବୁଧବାର ସକାଳେ ତେନ୍ତୁଳି ବୁଝେଇ ହୋଇଥିବା ଏକ ଟ୍ରକରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ଘଟଣାରେ ଅଟକଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଗୁରୁବାର ସନ୍ଧ୍ୟାରେ ମାଲାକାନଗିରି କୋର୍ଟଚାଲାଣ କରାଯାଇଛି। କାଲିମେଳା ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ସୂଚନା ଅନୁଯାୟୀ, ମାଲାକାନଗିରି ଜିଲା କାଲିମେଳାର ୩୨୬ ନମ୍ବର ଜାତୀୟ ରାଜପଥ ଏମ୍‌ପିଭି– ୩୧ ଛକ ନିକଟରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ କାଲିମେଳା ପୋଲିସ ଚଢାଉ କରିଥିଲା। ଟ୍ରକ ତଲାସୀ କରିବାରୁ ସେଥିର ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ଡ୍ରାଇଭର୍ କାନାରାମ ଚୌଧୁରୀ ଓ ଗଞ୍ଜେଇର ମାଲିକ ପ୍ରଥମ ପାତ୍ରଙ୍କୁ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ରଘୁନାଥ ମାଝୀ ସୂଚନା ଦେଇଛନ୍ତି। ଚଢାଉ ବେଳେ ଟ୍ରକରୁ ୬୧ ବସ୍ତା ଗଞ୍ଜେଇ ମିଳିଥିଲା। ୧୫ କୁଇଣ୍ଟାଲ ୩୧ ଗ୍ରାମ ବୋଲି ଜଣାପଡିଛି । ତେବେ ଏତେ ପରିମାଣରେ ଗଞ୍ଜେଇ କେଉଁଠୁ ଆସିଲା ସେନେଇ ତଦନ୍ତ ଜାରି ରହିଛି।

# ଦିଗାପୁରରେ ମା’ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା

କୁନ୍ଦୁରା,୭।୪(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଗାପୁରଠାରେ ୩ଦିନ ଧରି ଚାଲିଥିବା ମା ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଶେଷ ହୋଇଛି । ଗ୍ରାମ ମଝିରେ ଥିବା ହୁଣ୍ଡି ମନ୍ଦିର ପ୍ରାଙ୍ଗଣରେ ଜୟପୁର, ବୈପାରିଗୁଡା, କୋଟପାଡ଼, ବୋରିଗୁମା, କୋରାପୁଟ, ଲମତାପୁଟ, ରାମଗିରି ଓ ମାଲକାନଗିରିରୁ ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲା । ଏହି ୩ ଦିନ ଯାତ୍ରାରେ ସବୁ ଅଞ୍ଚଳରୁ ବୀରଖମ୍ବ, ଲାଠି, ବୈଜାରିଣୀ, ବାରଦାଉଣୀ, ବାଉଡ଼ି, ମାଉଁଳି, ଭୈରବ, ବୁଢ଼ୀଠାକୁରାଣୀ, କାଳୀ, ଚଣ୍ଡୀ ଆଦି ଲାଠି ଏକାଠି ହୁଅନ୍ତି। ଘଟ ହାଣ୍ଡି ଫୁଲଚାଙ୍ଗୁଡ଼ି ସହ ସନ୍ଧ୍ୟାରେ ଗାଁ ବୁଲନ୍ତି । ପ୍ରତେକ ଘର ସମ୍ମୁଖରେ ଶୀତଳ ଭୋଗ ଗ୍ରହଣ ପରେ ଶେଷ ଦିନ ମା’ ନିଜ ପୀଠକୁ ଫେରନ୍ତି । ଗତ ୨ବର୍ଷ ହେବ କୋରନା କଟକଣା ଯୋଗୁ ମା’ଙ୍କ ଏହି ଯାତ୍ରା ବନ୍ଦ ରହିଥିଲା। ଚଳିତ ବର୍ଷ ପ୍ରଶାସନ ଅନୁମତିକ୍ରମେ ଦିଗାପୁର ଘଟଯାତ୍ରା ପୂଜା କମିଟି ରୀତିନୀତି ସହକାରେ ମା’ ଯାତ୍ରା ପାଳନ କରିଛି। ମା’ଙ୍କ ଏହି ଯାତ୍ରା ଦେଖିବାକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ କୁନ୍ଦୁରାର ନବନିର୍ବାଚିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆସିଥିଲେ। କୋରାପୁଟରୁ ମଧ୍ୟ ଜିଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଯାତ୍ରାକୁ ଆସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ବୈପାରିଗୁଡା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ ନିର୍ବାଚନ ପରେ ବୁଦ୍ଧିଜୀବୀଙ୍କୁ ସହରର ବିକାଶ ଚିନ୍ତା

ନବରଙ୍ଗପୁର,୭।୪(ବି.ପ୍ର.)

ସରିଲା ୨୦୨୨ ପୌର ନିର୍ବାଚନ ଶେଷ ପର୍ଯ୍ୟାୟ। ନବରଙ୍ଗପୁର ପୌର ପରିଷଦ ପାଇଁ ଅଧ୍ୟକ୍ଷ ପଦରେ ଭାଜପାକୁ ଏଥର ବହୁମତ ମିଳିଛି । ଉପାଧ୍ୟକ୍ଷ ଆସନ ବିଜେଡି ପ୍ରାର୍ଥୀ ହାତେଇଛନ୍ତି। ୨୦ ବର୍ଷ ବିଜେଡି ଦଖଲରେ ଥିବା ନବରଙ୍ଗପୁର ପୌର ପରିଷଦରେ ଏଥର ନିର୍ବାଚନ ଫଳାଫଳ ଓଲଟ ପାଲଟ। ଅଧ୍ୟକ୍ଷ ଭାଜପା ଓ ଉପାଧ୍ୟକ୍ଷା ବିଜେଡିର ହେବା ପରେ ବୁଦ୍ଧିଜୀବୀଙ୍କୁ ଘାରିଲାଣି ସହର ବିକାଶ ଚିନ୍ତା।

ଭାଜପାର କୁନୁ ନାୟକ ପୋରାଧ୍ୟକ୍ଷଭାବେ ବିଜୟୀ ହେଲେ। ୧୭ ୱାର୍ଡରୁ ୯ ୱାର୍ଡରେ ବିଜେଡି, ୬ ୱାର୍ଡରେ ଭାଜପା ଓ ୨ଟିରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଉପାଧ୍ୟକ୍ଷା ଭାବେ ବିଜେଡିର ସୌମ୍ୟା ମହାପାତ୍ରଙ୍କୁ ୧୦ଟି ଭୋଟ ମିଳିଛି। ଅଧ୍ୟକ୍ଷ ଭାଜପା ଓ ଉପାଧ୍ୟକ୍ଷା ବିଜେଡିର ହେବା ପରେ ଲୋକଙ୍କ ମନରେ ବିକାଶ ଓ ସେବା କାର୍ଯ୍ୟକୁ ନେଇ ଅନେକ ସନ୍ଦେହ । ପୌର ପରିଷଦରେ ବିଜେଡିର ପଲା ଭାରି ରହିବାବେଳେ ଭାଜପାର ୬ କାଉଁସିଲର ବିରୋଧୀ ଭୂମିକାନେବେ। ଅନ୍ୟପକ୍ଷରେ ୨ ସ୍ୱାଧୀନ ପ୍ରାର୍ଥୀ ବିଜେଡିକୁ ସମର୍ଥନ କରିବେ। ବିକାଶ ପାଇଁ ପରିଷଦ ପକ୍ଷରୁ ଆନେକ ପ୍ରକଳ୍ପ ପାରିତ ହୋଇଥାଏ । ପ୍ରକଳ୍ପଗୁଡିକ ଓ ପ୍ରସ୍ତାବ ବିଜେଡି ପକ୍ଷରୁ ଯାହା ରହିବ ତାହାକୁ ଭାଜପା ବିରୋଧ କଲେ ବିକାଶରେ ବାଧା ଦେଖାଦେବା ଆଶଙ୍କା ରହିଛି। ପୌର ଅଧ୍ୟକ୍ଷ ଭାଜପାର ହୋଇଥିବାରୁ ପରିଷଦକୁ କିଭଳି ପରିଚାଳନା କରିବେ ତାହା ଉପରେ ଏବେ ଲୋକଙ୍କ ନଜର ରହିଛି। ପୌର ଅଧ୍ୟକ୍ଷ କୁନୁ ନାୟକ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ସେ ରାଜନୀତିରେ ନୂଆ ପାଦ ରଖିଛନ୍ତି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀଭାବେ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ରହିଛନ୍ତି। ନିର୍ବାହୀ ଅଧିକାରୀ କାଉଁସିଲକୁ ନିଶ୍ଚିତ ଭାବେ ସରକାରୀ ନିୟମ ଅନୁଯାୟୀ ପାଳନ କରିବେ। ନବରଙ୍ଗପୁର ସହରରେ ମୁଖ୍ୟତଃ ରାସ୍ତାଘାଟ, ପାନୀୟ ଜଳ, ଡ୍ରେନେଜ ଓ ସଫେଇ ସମସ୍ୟା ରହିଛି। ଏହି ସବୁ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେବି ବୋଲି ପୌର ଅଧ୍ୟକ୍ଷ କହିଛନ୍ତି। ତେବେ ଭାଜପା ଅଧ୍ୟକ୍ଷ ଲାଗି ବିକାଶ ହୋଇପାରୁ ନାହିଁ ବୋଲି ବିଜେଡି ଅଭିଯୋଗ ଆଣି ରାଜନୀତି କରି ଘେରିବା ସମ୍ଭାବନାକୁ ଏଡାଇ ଦିଆ ନ ଯାଇପାରେ। ଦୁଇ ରାଜନୈତିକ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହେଲେ ବିକାଶରେ ବାଧା ଦେଖାଦେବା ସହ ଜନସାଧାରଣଙ୍କ ପ୍ରତି କ୍ଷତି ହେବ। କଂଗ୍ରେସ କୌଣସି ୱାର୍ଡରେ ଖାତା ଖୋଲି ନଥିଲେ ମଧ୍ୟ ଦୁଇ ଦଳର ଟଣା ଓଟରାରେ ଜନସାଧାରଙ୍କ ସହ ରହି ଦାବି, ଆନ୍ଦୋଳନ କରି ପୌର ପରିଷଦକୁ ହେରିବ।

# ୧୧ରୁ ଷୋଡ଼ଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ

ଦାମନଯୋଡି,୭।୪(ଡି.ଏନ.ଏ.)

ଏପ୍ରିଲ ୧୧ରୁ ୧୯ ପର୍ଯ୍ୟନ୍ତ ଷୋଡଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ। କରୋନା କାରଣରୁ ଗତ ଦୁଇ ବର୍ଷ ଧରି ଏହି ରାଜ୍ୟସ୍ତରୀୟ ଓଡ଼ିଆ କ୍ଷୁଦ୍ର ନାଟକ ଉତ୍ସବ ବନ୍ଦ ଥିଲା। ସେକ୍ଟର–୧ ମୁକ୍ତମଞ୍ଚରେ ନାଟକ ମହୋତ୍ସବ ସହ ଖାଦ୍ୟ ଓ ହସ୍ତଶିଳ୍ପ ମେଳା ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ କହିଛନ୍ତି ଯେ, ୧୧ ତାରିଖ ପୂର୍ବାହ୍ନରେ ଦାମନଯୋଡିର ଆରାଧ୍ୟା ଦେବୀ ମା’ କଣ୍ଟାବାଉଁଶୁଣୀଙ୍କୁ ପୂଜାର୍ଚ୍ଚନା କରାଯାଇ ସଂସ୍କୃତି ଶିଖା ଆଣି ମଞ୍ଚରେ ସ୍ଥାପନା କରାଯିବ। ସନ୍ଧ୍ୟାରେ ଉଦଘାଟନୀ ସମାରୋହ ହେବ। ଏହି ଦିନ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ନିଜସ୍ୱ ନାଟକ ‘ଆସ୍ଥା’ ମଞ୍ଚସ୍ଥ ହେବ। ମଙ୍ଗଳବାର ମିରର ଥିଏଟରର ନାଟକ ‘ଉଲପି’ ଓ କଟକ ଶ୍ରଦ୍ଧାଞ୍ଜଳି କ୍ଲବର ନାଟକ ‘ଅମର ଅଜଗର’ ପରିବେଷିତ ହେବ। ବୁଧବାର ସମ୍ବଲପୁର ‘ସ୍ୱର’ ଅନୁଷ୍ଠାନର ନାଟକ ‘କାରୁବାକୀ’ ଓ ଭୁବନେଶ୍ୱର ଉତ୍କଳ ନାଟ୍ୟମର ‘ନିନ୍ଦିତ ମହାତ୍ମା’ ମଞ୍ଚସ୍ଥ ହେବ।

ସେହିପରି ୧୫ ତାରିଖ ଶୁକ୍ରବାର ଡ୍ରାମା ଚେତନାର ନାଟକ ‘ବହି ଓ ଶବ୍ଦ’, ସମ୍ବଲପୁରର ‘ଅମୃତ ସାଗର ବିନ୍ଦୁ’ ପରିବେଷିତ ହେବ। ଶନିବାର ସାଂସ୍କୃତିକ କଳା ପରିଷଦ ରାଉରକେଲାର ନାଟକ ‘ଅନୁଭବର ଈଶ୍ୱର’ ଓ ତରଙ୍ଗ ଥିଏଟରର ନାଟକ ‘ଅମର ବର’ ମଞ୍ଚସ୍ଥ ହେବାର ରହିଛି। ରବିବାର ବାଣୀକ୍ଷେତ୍ର ନାଟ୍ୟ ପରିଷଦର ନାଟକ ‘ଦି ପଦ କଥା’ ଓ ମିତ୍ର କଳାକାର ପୁରୀ ପକ୍ଷରୁ ନାଟକ ‘ନିର୍ଜୀବ ଘୋଡ଼ା’ ପରିବେଷିତ ହେବାର ରହିଛି। ସେହିପରି ୧୮ ତାରିଖ ସୋମବାର ସାଂସ୍କୃତିକ ସମାରୋହ ଓ ପୁରସ୍କାର ବିତରଣ ହେବ। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଓ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଯୋଗୁ ନାଟକ ମଞ୍ଚସ୍ଥ ବନ୍ଦ ରହିବ। ଦିନବେଳା ପ୍ରତିବର୍ଷ ପରି ନାଟକ ଆଲୋଚନା କାର୍ଯ୍ୟକ୍ରମ ରହିବ। ସନ୍ଧ୍ୟାରେ ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହେବ। ସେହିପରି ୧୯ ତାରିଖ ଶେଷ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ୪ଟି ସ୍କୁଲର ପିଲାମାନେ ଅଧଘଣ୍ଟାରୁ କମ କ୍ଷୁଦ୍ର ନାଟକ ପରିବେଷଣ କରିବେ। ସେହିଦିନ ପୂର୍ବାହ୍ନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ କଳାକାର ପିଲାମାନଙ୍କ ସହିତ ନାଟକ ସମ୍ପର୍କିତ ଆଲୋଚନା ହେବ। ଏହି ଅବସରରେ ଚଳିତ ବର୍ଷର ନାଟ୍ୟ ଜଗତର ୨ଜଣ ବିଶିଷ୍ଟ ବ୍ୟକ୍ତି ସୁବୋଧ ପଟ୍ଟନାୟକ ଓ ଦ୍ୱାରିକାନାଥ ନାୟକଙ୍କୁ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ସମ୍ମାନ ପ୍ରଦାନ କରାଯିବ।

ଖବରଦାତା ସମ୍ମିଳନୀରେ ନାଲକୋର ସମୂହ ମହାପ୍ରବନ୍ଧକ ନେତ୍ରାନନ୍ଦ ମହାରଣା, ସଭାପତି ପି.କେ. ଦାସ, ଉପସଭାପତି ପ୍ରଶାନ୍ତ ଦାସ, ସଂପାଦକ ଶିଶିର ମିଶ୍ର, ସଂଯୋଜକ ଅଶୋକ କର, ବରିଷ୍ଠ ସଦସ୍ୟ ନିରାକାର ନାୟକଙ୍କ ସମେତ ଚିନ୍ମୟ ସାହୁ, ହେମନ୍ତ ତ୍ରିପାଠୀ, ରମେଶ ବେହେରା, ମହେଶ୍ୱର ସାହୁ, ମନୋଜ ପୃଷ୍ଟି ଓ ଶୁକଦେବ ପଟ୍ଟନାୟତ ଉପସ୍ଥିତ ଥିଲେ।

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**SPL.LAO R.I.P.-JAJ-21/2021/402/R.I.P.** **Dated: 22.03.2022**

No. V-01: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ **ମୌଜା: ସାଇଁକୁଳ, ଥାନା: ରାମଚନ୍ଦ୍ରପୁର – ୮୫, ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୩୨.୭୮୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଳି ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ – ୨, ବରପଦା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ – ୩, ଡୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, କେନ୍ଦୁଝର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ସାଇଁକୁଳ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩୨.୭୮୦ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ବାମ ପାର୍ଶ୍ୱ କେନାଲ-୨, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

## ଜମି ଅନୁସୂଚୀ

**ଗ୍ରାମର ନାମ: ସାଇଁକୁଳ, ଥାନାର ନାମ: ରାମଚନ୍ଦ୍ରପୁର ନଂ.-୮୫,**
**ତହସିଲ: ଘସିପୁରା, ଜିଲ୍ଲା: କେନ୍ଦୁଝର**

ଜମି ଅଧିଗ୍ରହଣ କେସ୍ ନଂ. ୨୧/୨୦୨୧

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪ | ୧୫୬୫ | ୧.୨୦୦ | ୦.୦୪୦ | ଅନାମ ପରିଡ଼ା, ପିତା: ଦଧି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨ | ୩୦ | ୧୭୫୩ | ୦.୩୫୦ | ୦.୨୮୦ | ଅର୍ଜୁନ ସାହୁ, ପିତା: ଜଗବନ୍ଧୁ ସାହୁ, ଜା: ତେଲି, ବା: ବେଲବାହାଲି | |
| ୩ | ୫୯ | ୧୭୭୮ | ୦.୪୨୦ | ୦.୨୭୦ | ଅର୍ଜୁନ ଖୁଣ୍ଟିଆ, ପିତା: ପୁରୀ ଖୁଣ୍ଟିଆ, ଜା: ତେଲି, ବା: ବେଲବାହାଲି | |
| ୪ | ୭୩ | ୧୯୨୭/ ୫୧୫୬ | ୦.୪୨୦ | ୦.୪୨୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫ | | ୨୧୫୦ | ୦.୪୩୦ | ୦.୧୦୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୬ | | ୨୧୫୬ | ୦.୨୫୦ | ୦.୨୫୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭ | ୧୨୮ | ୧୯୨୮ | ୧.୦୩୦ | ୦.୨୩୦ | କାର୍ତ୍ତିକ ସାହୁ, ପିତା: ମାୟାଧର ସାହୁ ଓଗେର, ଜା: ତେଲି, ବା: ବେଲବାହାଲି | |
| ୮ | ୧୩୮ | ୧୫୫୧ | ୦.୨୫୦ | ୦.୧୩୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯ | | ୧୫୫୪ | ୦.୨୫୦ | ୦.୦୭୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୦ | ୧୪୩ | ୨୧୫୪ | ୦.୦୬୦ | ୦.୦୬୦ | କୀର୍ତ୍ତନ ବିହାରୀ ଘଡ଼େଇ, ପିତା: ଯୋଗେନ୍ଦ୍ର ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୧ | ୧୪୩ | ୨୧୫୭ | ୦.୧୧୦ | ୦.୧୧୦ | କୀର୍ତ୍ତନ ବିହାରୀ ଘଡ଼େଇ, ପିତା: ଯୋଗେନ୍ଦ୍ର ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨ | ୧୪୪ | ୧୫୫୧/ ୫୧୧୦ | ୦.୨୫୦ | ୦.୧୨୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଶିର ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩ | | ୧୫୫୩ | ୦.୨୪୦ | ୦.୦୬୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଶିର ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୪ | ୧୫୪ | ୧୬୫୯/ ୫୧୨୦ | ୦.୨୮୦ | ୦.୦୩୦ | କୁଶ ପଣ୍ଡା, ପିତା: ବୈସୀମ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ବେଲବାହାଲି | |
| ୧୫ | ୧୬୧ | ୧୭୮୭ | ୦.୦୭୦ | ୦.୦୫୦ | କୃଷ୍ଣଚନ୍ଦ୍ର କର, ପିତା: ଅର୍ଜୁନ କର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୬ | ୧୬୧ | ୧୭୯୬ | ୦.୧୦୦ | ୦.୦୮୦ | କୃଷ୍ଣଚନ୍ଦ୍ର କର, ପିତା: ଅର୍ଜୁନ କର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୧୭ | ୧୮୬ | ୧୭୫୫ | ୦.୪୦୦ | ୦.୧୭୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୧୮ | ୧୮୭ | ୧୭୩୬ | ୦.୫୪୦ | ୦.୩୦୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୧୯ | | ୧୭୩୭ | ୦.୪୬୦ | ୦.୨୧୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୨୦ | | ୧୭୪୬ | ୦.୬୧୦ | ୦.୨୫୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୨୧ | | ୧୭୪୭ | ୦.୨୦୦ | ୦.୧୯୦ | ଗଙ୍ଗାଧର ସା, ପିତା: ବାଇଧର ସା, ଜା: ତେଲି, ବା: ନିଜଗାଁ | |
| ୨୨ | ୨୧୨ | ୧୬୫୮ | ୦.୫୫୦ | ୦.୨୧୦ | ଗାଣ୍ଠୁ ସେଠୀ, ପିତା: ବଇ ସେଠୀ, ଜା: ଧୋବା, ବା: ବେଲବାହାଲି | |
| ୨୩ | ୨୧୬ | ୧୭୯୩ | ୦.୦୮୦ | ୦.୦୮୦ | ଗିରିଧାରୀ ଦାସ, ପିତା: ହିନା ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୪ | ୨୪୭ | ୧୯୩୧ | ୦.୭୨୦ | ୦.୪୩୦ | ଗୋଲେଖ ଜେନା, ପିତା: ନାଭ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୫ | | ୧୯୩୩ | ୦.୩୯୦ | ୦.୨୫୦ | ଗୋଲେଖ ଜେନା, ପିତା: ନାଭ ଜେନା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୬ | ୨୫୬ | ୧୫୩୭ | ୦.୪୬୦ | ୦.୦୭୦ | ଘନଶ୍ୟାମ ପରିଡ଼ା, ପିତା: ନାଭ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨୭ | ୨୭୯ | ୧୯୬୨ | ୦.୩୦୦ | ୦.୨୬୦ | ଚିଆଁ ମହାନ୍ତି, ପିତା: ନାରଣ ମହାନ୍ତି, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୨୮ | ୨୮୫ | ୧୬୪୩ | ୦.୧୮୦ | ୦.୦୨୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୨୯ | ୨୮୫ | ୧୬୪୬ | ୦.୪୬୦ | ୦.୦୪୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୦ | | ୧୬୪୭ | ୦.୨୩୦ | ୦.୦୩୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୧ | | ୧୬୪୮ | ୦.୩୦୦ | ୦.୩୦୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୨ | | ୧୬୪୯ | ୦.୪୩୦ | ୦.୪୩୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୩ | | ୧୬୫୧ | ୦.୫୪୦ | ୦.୦୨୦ | ଶ୍ରୀ ଗୋପୀନାଥ ଜୀଉ ବିଜେ ନିଜଗାଁ ମାର୍ଫତ ଚୈତନ୍ୟ ସ୍ୱାଇଁ, ପିତା: ନେତ୍ର ସ୍ୱାଇଁ ଓଗେର, ଜା: ମସ୍ତାନି ବ୍ରାହ୍ମଣ, ବା: ନିଜଗାଁ | |
| ୩୪ | ୩୦୪ | ୧୯୫୨ | ୧.୯୫୦ | ୧.୩୩୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୫ | ୩୦୪ | ୧୯୫୩ | ୦.୫୦୦ | ୦.୪୩୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୬ | | ୧୯୫୩/ ୪୯୫୫ | ୦.୧୦୦ | ୦.୧୦୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୭ | | ୧୯୬୩ | ୦.୬୫୦ | ୦.୬୪୦ | ଜଳଧର ପରିଡ଼ା, ପିତା: ଆଦିକନ୍ଦ ପରିଡ଼ା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୩୮ | ୩୩୫ | ୧୯୨୬ | ୧.୭୩୦ | ୧.୧୭୦ | ଦଇତାରି ସାହୁ, ପିତା: ବାସୁ ସାହୁ ଓଗେର, ଜା: ତେଲି, ବା: ଟୋଲଙ୍କପଡ଼ା | |
| ୩୯ | ୩୪୨ | ୧୫୧୨ | ୦.୮୨୦ | ୦.୧୯୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୦ | | ୧୫୨୮ | ୦.୮୦୦ | ୦.୨୬୫ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୧ | | ୧୫୩୦ | ୦.୭୬୦ | ୦.୦୫୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୨ | | ୧୫୩୨ | ୦.୬୫୦ | ୦.୩୭୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୩ | | ୧୫୩୪ | ୦.୬୨୦ | ୦.୧୭୦ | ଦାମୋଦର ସା, ପିତା: ସପନ ସା ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୪୪ | ୩୭୮ | ୧୭୭୫ | ୦.୦୫୦ | ୦.୦୫୦ | ଧରଣୀଧର ସାହୁ, ପିତା: ବୋଧି ସାହୁ ଓଗେର, ଜା: ତେଲି, ବା: ବେଲବାହାଲି | |
| ୪୫ | | ୧୭୭୬ | ୦.୨୪୦ | ୦.୧୮୦ | ଧରଣୀଧର ସାହୁ, ପିତା: ବୋଧି ସାହୁ ଓଗେର, ଜା: ତେଲି, ବା: ବେଲବାହାଲି | |
| ୪୬ | | ୧୭୭୭ | ୦.୪୨୦ | ୦.୩୬୦ | ଧରଣୀଧର ସାହୁ, ପିତା: ବୋଧି ସାହୁ ଓଗେର, ଜା: ତେଲି, ବା: ବେଲବାହାଲି | |
| ୪୭ | ୩୯୬ | ୨୧୪୩ | ୦.୮୯୦ | ୦.୦୭୦ | ନସରାନ ବିବି, ସ୍ୱାମୀ: ହସୁନ ଖାଁ ଓଗେର, ଜା: ମୁସଲମାନ, ବା: ପଣ୍ଡୁଆ | |
| ୪୮ | ୪୦୬ | ୧୫୫୨ | ୦.୨୪୦ | ୦.୦୯୦ | ନଟବର ପରିଡ଼ା, ପିତା: ଯୁଜା ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪୯ | ୪୦୮ | ୨୧୪୯/ ୪୭୫୨ | ୦.୪୦୦ | ୦.୦୬୦ | ନଟବର ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୦ | ୪୨୯ | ୧୫୪୪ | ୦.୨୨୦ | ୦.୦୧୦ | ନଜିର ଖାଁ, ପିତା: ନାଦର ଖାଁ, ଜା: ମୁସଲମାନ, ବା: ପଣ୍ଡୁଆ | |
| ୫୧ | ୪୮୨ | ୧୭୬୯ | ୦.୬୨୦ | ୦.୨୨୦ | ପଞ୍ଚାନନ ବେହେରା, ପିତା: କ୍ଷେତ୍ର ବେହେରା ଓଗେର, ଜା: ତେଲି, ବା: ବେଲବାହାଲି | |
| ୫୨ | ୪୮୮ | ୧୯୫୮/ ୫୧୦୯ | ୦.୩୯୦ | ୦.୩୯୦ | ପଦ୍ମନାଭ ସାହୁ, ପିତା: କୃଷ୍ଣଚନ୍ଦ୍ର ସାହୁ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୫୩ | ୪୮୯ | ୧୯୫୪ | ୦.୫୦୦ | ୦.୨୮୦ | ପଦ୍ମନାଭ ସାହୁ, ପିତା: କୃଷ୍ଣଚନ୍ଦ୍ର ସାହୁ, ଜା: ଖଣ୍ଡାୟତ, ବା: ବେଲବାହାଲି | |
| ୫୪ | | ୧୯୫୫ | ୦.୫୪୦ | ୦.୨୫୦ | ପଦ୍ମନାଭ ସାହୁ, ପିତା: କୃଷ୍ଣଚନ୍ଦ୍ର ସାହୁ, ଜା: ଖଣ୍ଡାୟତ, ବା: ବେଲବାହାଲି | |
| ୫୫ | ୫୩୩ | ୧୫୬୬ | ୦.୪୯୦ | ୦.୩୪୦ | ଫକୀର ଦାସ, ପିତା: ବୈକୁଣ୍ଠ ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୫୬ | ୫୫୨ | ୧୭୫୪ | ୨.୯୮୦ | ୦.୫୦୦ | ବନ୍ଧୁ ବେହେରା, ପିତା: ମଣି ବେହେରା, ଜା: ରାଢ଼ି, ବା: ନିଜଗାଁ | |
| ୫୭ | ୫୫୮ | ୧୮୧୯ | ୧.୬୫୦ | ୦.୦୧୦ | ବଲ୍ଲଭ ସାମଲ, ପିତା: ଭୋଳି ସାମଲ ଓଗେର, ଜା: ଖଣ୍ଡାୟତ, ବା: କୋଠସାହି | |
| ୫୮ | ୬୦୪ | ୧୯୬୦ | ୦.୩୫୦ | ୦.୩୫୦ | ବାଇଧର ପତି, ପିତା: ଲମ୍ୱୋଦର ପତି, ଜା: ବ୍ରାହ୍ମଣ, ବା: ବାମ୍ଫିଡି | |
| ୫୯ | ୬୨୭ | ୧୯୬୪ | ୦.୪୪୦ | ୦.୪୪୦ | ବିଦ୍ୟାଧର ଦାସ, ପିତା: ବଂଶୀଧର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୦ | | ୧୯୯୨ | ୧.୪୮୦ | ୦.୧୬୦ | ବିଦ୍ୟାଧର ଦାସ, ପିତା: ବଂଶୀଧର ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୧ | ୬୩୯ | ୧୯୫୩/ ୪୯୫୬ | ୦.୬୦୦ | ୦.୪୮୦ | ବିକଳ ସାହୁ, ପିତା: କନ୍ଦ ସାହୁ ଓଗେର, ଜା: ତେଲି, ବା: ବେଲବାହାଲି | |
| ୬୨ | ୭୧୮ | ୧୭୮୬/ ୫୧୯୦ | ୦.୦୬୦ | ୦.୦୬୦ | ଭୀମ ଦାସ, ପିତା: ଗଣି ଦାସ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୩ | ୭୧୮ | ୧୭୯୫/ ୫୧୮୯ | ୦.୦୪୦ | ୦.୦୪୦ | ଭୀମ ଦାସ, ପିତା: ଗଣି ଦାସ ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୪ | ୭୪୦ | ୧୫୬୯ | ୦.୦୬୦ | ୦.୦୬୦ | ମନାନ ଖାଁ, ପିତା: ହାକିମ୍ ଖାଁ ଓଗେର, ଜା: ମୁସଲମାନ, ବା: ନିଜଗାଁ | |
| ୬୫ | | ୧୫୭୦ | ୦.୦୪୦ | ୦.୦୪୦ | ମନାନ ଖାଁ, ପିତା: ହାକିମ୍ ଖାଁ ଓଗେର, ଜା: ମୁସଲମାନ, ବା: ନିଜଗାଁ | |
| ୬୬ | ୭୪୬ | ୧୭୭୧ | ୧.୨୫୦ | ୦.୧୦୦ | ମଧୁ ବେହେରା, ପିତା: ଦାଶ ବେହେରା, ଜା: ନିଆରି, ବା: ନିଜଗାଁ | |
| ୬୭ | ୭୫୮ | ୧୬୫୭ | ୧.୨୫୦ | ୧.୧୪୦ | ମାର୍କଣ୍ଡ ପଣ୍ଡା, ପିତା: ବଇଶିମ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୮ | | ୧୬୫୯ | ୧.୦୦୦ | ୧.୦୦୦ | ମାର୍କଣ୍ଡ ପଣ୍ଡା, ପିତା: ବଇଶିମ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୬୯ | ୭୮୭ | ୧୯୫୯/ ୫୨୩୯ | ୦.୪୪୦ | ୦.୪୪୦ | ମୂର୍ଖା ବେହେରା, ପିତା: ଚଢ଼େଇ ବେହେରା, ଜା: ଖଣ୍ଡାୟତ, ବା: ବାମ୍ଫିଡି | |
| ୭୦ | ୭୯୦ | ୧୯୨୭ | ୦.୬୩୦ | ୦.୫୯୦ | ରଥ ସାହୁ, ପିତା: ଅର୍ଜୁନ ସାହୁ, ଜା: ତେଲି, ବା: ବେଲବାହାଲି | |
| ୭୧ | ୮୨୬ | ୧୫୧୩ | ୨.୭୨୦ | ୦.୦୬୦ | ରାମ ସା, ପିତା: କ୍ଷେତ୍ର ସା, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୭୨ | ୮୨୭ | ୨୧୫୧ | ୦.୧୬୦ | ୦.୦୯୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୩ | | ୨୧୫୫ | ୦.୧୮୦ | ୦.୧୮୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୪ | ୮୨୭ | ୨୧୭୪/ ୪୭୫୪ | ୦.୩୨୦ | ୦.୧୮୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୫ | | ୨୧୭୯/ ୪୭୫୧ | ୦.୭୦୦ | ୦.୦୭୦ | ରାଧାଶ୍ୟାମ ପରିଡ଼ା, ପିତା: କହ୍ନେଇ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୬ | ୮୭୩ | ୧୫୨୬ | ୦.୦୫୦ | ୦.୦୫୦ | ଶଙ୍କର୍ଷଣ ପରିଡ଼ା, ପିତା: ହରେକୃଷ୍ଣ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୭ | ୮୭୩ | ୧୫୨୭ | ୦.୨୦୦ | ୦.୧୭୦ | ଶଙ୍କର୍ଷଣ ପରିଡ଼ା, ପିତା: ହରେକୃଷ୍ଣ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୮ | | ୧୫୩୬ | ୦.୨୭୦ | ୦.୦୫୦ | ଶଙ୍କର୍ଷଣ ପରିଡ଼ା, ପିତା: ହରେକୃଷ୍ଣ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୭୯ | ୮୯୦ | ୨୧୭୪/ ୪୯୪୩ | ୦.୧୦୦ | ୦.୦୬୦ | ସନାତନ ପରିଡ଼ା, ପିତା: ରାଧାଶ୍ୟାମ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୦ | ୯୩୪ | ୧୭୩୫/ ୪୭୨୬ | ୦.୨୫୦ | ୦.୦୫୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୧ | ୯୩୬ | ୧୭୫୦/ ୫୧୦୦ | ୦.୨୨୦ | ୦.୦୩୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୨ | ୯୩୭ | ୧୭୩୫ | ୦.୩୫୦ | ୦.୨୪୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୩ | ୯୩୯ | ୧୭୪୮ | ୦.୧୬୦ | ୦.୦୮୦ | ଶିବଚରଣ ସ୍ୱାଇଁ, ପିତା: ଦାମୋଦର ସ୍ୱାଇଁ ଓଗେର, ଜା: ମସ୍ତାନିବ୍ରାହ୍ମଣ, ବା: ନିଜଗାଁ | |
| ୮୪ | ୯୪୧ | ୧୯୫୯ | ୦.୪୦୦ | ୦.୪୦୦ | ଶିବଚରଣ ପରିଡ଼ା, ପିତା: କ୍ଷେତ୍ରବାସୀ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୫ | ୯୫୧ | ୧୯୫୫/ ୫୨୧୭ | ୦.୨୭୦ | ୦.୨୭୦ | ଶ୍ରୀଧର ପରିଡ଼ା, ପିତା: ଇନ୍ଦ୍ରମଣି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୬ | | ୧୯୫୭ | ୩.୦୨୦ | ୧.୪୪୦ | ଶ୍ରୀଧର ପରିଡ଼ା, ପିତା: ଇନ୍ଦ୍ରମଣି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୭ | | ୧୯୬୬ | ୦.୫୮୦ | ୦.୩୩୦ | ଶ୍ରୀଧର ପରିଡ଼ା, ପିତା: ଇନ୍ଦ୍ରମଣି ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୮ | ୯୬୪ | ୧୭୬୮ | ୧.୫୦୦ | ୧.୦୦୦ | ଶୁକ ସାହୁ, ପିତା: ନନ୍ଦ ସାହୁ, ଜା: ତେଲି, ବା: ବେଲବାହାଲି | |
| ୮୯ | ୧୦୦୨ | ୧୯୩୪ | ୦.୭୦୦ | ୦.୫୪୦ | ହାଡ଼ିବନ୍ଧୁ ଜେନା, ପିତା: ଭାବଗ୍ରାହୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୦ | | ୧୯୪୪ | ୦.୯୮୦ | ୦.୧୦୦ | ହାଡ଼ିବନ୍ଧୁ ଜେନା, ପିତା: ଭାବଗ୍ରାହୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୧ | | ୨୧୫୩ | ୦.୧୧୦ | ୦.୧୧୦ | ହାଡ଼ିବନ୍ଧୁ ଜେନା, ପିତା: ଭାବଗ୍ରାହୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୨ | ୧୦୧୮ | ୧୫୫୦ | ୦.୨୩୦ | ୦.୧୨୦ | ହୋସେନ ଖାଁ, ପିତା: କଜର ଖାଁ ଓଗେର, ଜା: ମୁସଲମାନ, ବା: ପଣ୍ଡୁଆ | |
| ୯୩ | | ୨୧୪୪ | ୦.୧୦୦ | ୦.୧୦୦ | ହୋସେନ ଖାଁ, ପିତା: କଜର ଖାଁ ଓଗେର, ଜା: ମୁସଲମାନ, ବା: ପଣ୍ଡୁଆ | |
| ୯୪ | ୧୦୧୮/ ୩୧ | ୧୯୬୧ | ୦.୬୭୦ | ୦.୬୭୦ | ଭୀମ ପଣ୍ଡା, ପିତା: ଦରିଦ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ବେଲବାହାଲି | |
| ୯୫ | ୧୦୧୮/ ୪୭ | ୧୫୨୧ | ୦.୨୭୦ | ୦.୧୭୦ | କମଳ ଲୋଚନ ପରିଡ଼ା, ପିତା: ସନାତନ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୯୬ | ୧୦୧୮/ ୪୯ | ୧୫୩୪/ ୫୪୯୪ | ୦.୩୧୦ | ୦.୨୩୦ | ଶତ୍ରୁଘ୍ନ ସାହୁ, ପିତା: ଦଇତାରି ସାହୁ, ଜା: କୁବେରପୁତ୍ର, ବା: ବେଲବାହାଲି | |
| ୯୭ | ୧୦୧୮/ ୧୪୮ | ୧୫୪୯ | ୦.୦୮୦ | ୦.୦୭୦ | ଉମାକାନ୍ତ ଜେନା, ପିତା: ନରୋତ୍ତମ ଜେନା ଓଗେର, ଜା: ମହାଲାଏକ, ବା: ନିଜଗାଁ | |
| ୯୮ | ୧୦୧୮/ ୧୫୨ | ୧୫୫୮ | ୦.୦୫୦ | ୦.୦୪୦ | ଗୁଣନିଧି ସା, ପିତା: କପିଳ ସା, ଜା: ଗୋପାଳ, ବା: ସାଇଁକୁଳ | |
| ୯୯ | ୧୦୧୮/ ୧୯୮ | ୧୯୬୫ | ୦.୩୯୦ | ୦.୧୮୦ | ଭୀମ ପଣ୍ଡା, ପିତା: ଦରିଦ୍ର ପରିଡ଼ା, ଜା: ବ୍ରାହ୍ମଣ, ବା: ବେଲବାହାଲି | |
| ୧୦୦ | ୧୦୧୮/ ୨୧୧ | ୨୧୫୨ | ୦.୧୮୦ | ୦.୧୭୦ | ଶ୍ରୀମତୀ ଉମାରାଣୀ ଚକ୍ର, ସ୍ୱାମୀ: ରସିକ ମୋହନ ଚକ୍ର, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୧ | ୧୦୧୮/ ୨୨୭ | ୧୫୨୩ | ୦.୨୧୦ | ୦.୧୮୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୨ | ୧୦୧୮/ ୨୨୭ | ୧୫୨୪/ ୫୬୬୯ | ୦.୧୦୦ | ୦.୦୯୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୩ | ୧୦୧୮/ ୨୨୭ | ୧୫୬୮ | ୦.୧୩୦ | ୦.୧୩୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୪ | | ୨୧୭୮ | ୦.୧୨୦ | ୦.୦୬୦ | ରାମଚନ୍ଦ୍ର ଜେନା, ପିତା: ନରୋତ୍ତମ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୦୫ | ୧୦୧୮/ ୨୩୨ | ୧୯୨୫/ ୫୧୫୭ | ୦.୧୫୦ | ୦.୧୫୦ | କୀର୍ତ୍ତନ ବିହାରୀ ସାହୁ, ପିତା: ରଘୁନାଥ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୦୬ | | ୧୯୨୭/ ୫୧୫୫ | ୧.୦୯୦ | ୦.୯୨୦ | କୀର୍ତ୍ତନ ବିହାରୀ ସାହୁ, ପିତା: ରଘୁନାଥ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୦୭ | ୧୦୧୮/ ୩୩୩ | ୧୯୩୨ | ୦.୭୦୦ | ୦.୪୯୦ | ଗୋଲାପ ମଞ୍ଜରୀ ମିଶ୍ର, ସ୍ୱାମୀ: ନରେନ୍ଦ୍ର କୁମାର ମିଶ୍ର, ଜା: ବ୍ରାହ୍ମଣ, ବା: ବାମ୍ଫିଡି | |
| ୧୦୮ | ୧୦୧୮/ ୩୩୮ | ୧୬୪୪ | ୦.୪୦୦ | ୦.୨୭୦ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତା: କାହ୍ନୁ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୦୯ | ୧୦୧୮/ ୫୦୭ | ୧୭୫୨ | ୦.୨୯୦ | ୦.୨୯୦ | ସୁରେନ୍ଦ୍ର କୁମାର ମହାନ୍ତି, ପିତା: ରାମଚନ୍ଦ୍ର ମହାନ୍ତି ଓଗେର, ଜା: କରଣ, ବା: ସାଇଁକୁଳ | |
| ୧୧୦ | ୧୦୧୮/ ୫୭୦ | ୧୯୫୮ | ୦.୮୮୦ | ୦.୮୮୦ | ପଦ୍ମନାଭ ସାହୁ, ପିତା: କୃଷ୍ଣ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୧୧ | ୧୦୧୮/ ୫୯୧ | ୧୬୫୦ | ୦.୩୫୦ | ୦.୨୪୦ | ନୃସିଂହ ଚରଣ ମାଝୀ, ପିତା: ଦୀନବନ୍ଧୁ ମାଝୀ, ଜା: କୈବର୍ତ୍ତ, ବା: ସାଇଁକୁଳ | |
| ୧୧୨ | ୧୦୧୮/ ୫୯୫ | ୧୫୩୩ | ୦.୫୪୦ | ୦.୦୩୦ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତା: କାହ୍ନୁଚରଣ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୧୩ | ୧୦୧୮/ ୬୧୬ | ୧୭୭୦ | ୦.୨୭୪ | ୦.୨୬୦ | ନାରାୟଣ ବେହେରା, ପିତା: ମାଗୁଣୀ ବେହେରା ଓଗେର, ଜା: ଗୋପାଳ, ବା: ସାଇଁକୁଳ | |
| ୧୧୪ | | ୧୭୭୮/ ୫୯୮୫ | ୦.୧୫୦ | ୦.୦୬୦ | ନାରାୟଣ ବେହେରା, ପିତା: ମାଗୁଣୀ ବେହେରା ଓଗେର, ଜା: ଗୋପାଳ, ବା: ସାଇଁକୁଳ | |
| ୧୧୫ | ୧୦୧୮/ ୬୨୫ | ୧୫୨୯ | ୦.୫୦୦ | ୦.୦୩୦ | କ୍ଷୀରୋଦ କୁମାର ଚକ୍ର, ପିତା: ଯୋଗେନ୍ଦ୍ର ଚକ୍ର, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୧୬ | ୧୦୧୮/ ୬୨୯ | ୧୭୩୩ | ୦.୪୯୦ | ୦.୧୦୦ | ପ୍ରକାଶ ଚନ୍ଦ୍ର ସାହୁ, ପିତା: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ଧକୋଠା | |
| ୧୧୭ | | ୧୭୩୪ | ୦.୪୪୦ | ୦.୩୯୦ | ପ୍ରକାଶ ଚନ୍ଦ୍ର ସାହୁ, ପିତା: ରାମଚନ୍ଦ୍ର ସାହୁ, ଜା: ତେଲି, ବା: ଧକୋଠା | |
| ୧୧୮ | ୧୦୧୮/ ୬୬୩ | ୧୫୨୮/ ୫୯୮୧ | ୦.୨୪୫ | ୦.୦୩୫ | ମହେଶ୍ୱର ସାହୁ, ପିତା: ଅନାମ ସାହୁ ଓଗେର, ଜା: ତେଲି, ବା: ବେଲବାହାଲି | |
| ୧୧୯ | ୧୦୧୮/ ୭୫୩ | ୧୯୩୫/ ୫୧୫୮ | ୦.୬୦୦ | ୦.୬୦୦ | ସନାତନ ସାହୁ, ପିତା: ଡାହାଳ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୨୦ | ୧୦୧୮/ ୭୮୪ | ୧୭୭୩ | ୦.୧୨୦ | ୦.୦୪୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୧ | ୧୦୧୮/ ୭୮୪ | ୧୭୭୪ | ୦.୧୦୦ | ୦.୧୦୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୨ | | ୧୭୮୬ | ୦.୧୫୦ | ୦.୧୫୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୩ | | ୧୭୮୮ | ୦.୦୬୦ | ୦.୦୫୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୪ | | ୧୭୯୦ | ୦.୧୦୦ | ୦.୧୦୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୫ | | ୧୭୯୧ | ୦.୧୧୦ | ୦.୧୧୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୬ | | ୧୭୯୫ | ୦.୦୮୦ | ୦.୦୭୦ | ଚିନ୍ତାମଣି ବିଶ୍ୱାଳ, ପିତା: ଅଇଁଠୁ ବିଶ୍ୱାଳ ଓଗେର, ଜା: ମାଟିବଂଶତନ୍ତି, ବା: ବେଲବାହାଲି | |
| ୧୨୭ | ୧୦୧୮/ ୮୧୭ | ୨୧୫୮ | ୦.୫୨୦ | ୦.୦୩୦ | କମଳଲୋଚନ ପରିଡ଼ା, ପିତା: ସନାତନ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୮ | ୧୦୧୮/ ୮୨୪ | ୧୭୯୨ | ୦.୧୪୦ | ୦.୧୪୦ | କୃପାସିନ୍ଧୁ ପରିଡ଼ା, ପିତା: ନଟବର ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୨୯ | ୧୦୧୮/ ୮୩୯ | ୧୫୨୨ | ୦.୨୫୦ | ୦.୧୪୦ | ରବୀନ୍ଦ୍ର କୁମାର ପରିଡ଼ା, ପିତା: କୀର୍ତ୍ତନ ବିହାରୀ ପରିଡ଼ା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୦ | ୧୦୧୮/ ୮୪୭ | ୧୫୩୧ | ୦.୨୯୦ | ୦.୨୩୦ | ପୂର୍ଣ୍ଣଚନ୍ଦ୍ର ସାହୁ, ପିତା: କାହ୍ନୁ ସାହୁ, ଜା: ତେଲି, ବା: ବେଲବାହାଲି | |
| ୧୩୧ | ୧୦୧୮/ ୮୫୨ | ୧୬୫୭/ ୫୧୧୯ | ୦.୧୮୦ | ୦.୧୨୦ | ଦେବୀଦତ୍ତ ମାଝୀ, ପିତା: ନୃସିଂହ ଚରଣ ମାଝୀ, ଜା: କୈବର୍ତ୍ତ, ବା: ସାଇଁକୁଳ | |
| ୧୩୨ | ୧୦୧୮/ ୮୫୫ | ୧୭୮୯ | ୦.୦୫୦ | ୦.୦୫୦ | ଅଶୋକ କୁମାର ଘଡ଼େଇ, ପିତା: କୀର୍ତ୍ତନ ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୩ | | ୧୭୯୪ | ୦.୦୭୦ | ୦.୦୭୦ | ଅଶୋକ କୁମାର ଘଡ଼େଇ, ପିତା: କୀର୍ତ୍ତନ ଘଡ଼େଇ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୧୩୪ | ୧୦୧୮/ ୮୮୫ | ୧୫୫୯ | ୦.୨୦୦ | ୦.୦୩୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୫ | ୧୦୧୮/ ୮୯୪ | ୨୧୪୫ | ୦.୨୫୦ | ୦.୨୫୦ | ଛାୟାମଣି ପରିଡ଼ା, ସ୍ୱାମୀ: ଧରଣୀଧର ମହାପାତ୍ର, ଜା: ଖଣ୍ଡାୟତ, ବା: ସାଇଁକୁଳ | |

# ବସ୍‌ଷ୍ଟାଣ୍ଡରେ ଚାଲିଥିଲା ବାଘ ଛାଲ ମୂଲଚାଲ

## ୬ଜଣଙ୍କୁ ଗିରଫ କଲା ବନବିଭାଗ

ଠାକୁରମୁଣ୍ଡା, ୭।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଯଶୀପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ରାତି ପ୍ରାୟ ୧୧ଟା ବେଳେ କଲପତରିଆ ବାଘଛାଲ ବିକ୍ରୀ ଲାଗି ମୂଲଚାଲ ଚାଲିଥିବା ବେଳେ ବନବିଭାଗ କର୍ମଚାରୀମାନେ ଚଢାଉ କରି ୬ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ବାଘଛାଲ ସହ ଏକ କାର୍ ମଧ୍ୟ ଜବତ ହୋଇଛି। ଗିରଫ ଯୁବକଙ୍କ ମଧ୍ୟରୁ ୪ଜଣ ଯଶିପୁର ଅଞ୍ଚଳର ଓ ୨ଜଣ କେନ୍ଦୁଝରର ଜିଲାର ବୋଲି ଜଣାପଡ଼ିଛି।

ବାଘଛାଲ ମୂଲଚାଲ ଖବରପାଇ କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ବନାଞ୍ଚଳ ଯଶୀପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ବନବିଭାଗ କର୍ମଚାରୀମାନେ ସାଧା ପୋଷାକରେ ପ୍ରଥମେ ସେଠାରେ ପହଞ୍ଚିଥିଲେ। ସେମାନେ ଜିନିଷ କିଣିବା ବାହାନାରେ କଥା ହୋଇଥିଲେ। ଏହି ସମୟରେ କଲପତରିଆ ବାଘଛାଲ ବିକ୍ରୀ ଲାଗି ମୂଲଚାଲ ଚାଲିଥିବା ଜାଣିବାକୁ ପାଇ ବନ କର୍ମଚାରୀମାନେ ଉପସ୍ଥିତ ୪ଜଣଙ୍କୁ ମାଡ଼ି ବସିଥିଲେ। ସେମାନଙ୍କ ନିକଟରୁ ବାଘ ଛାଲ ସହ ଏକ କାର ମଧ୍ୟ ଜବତ କରାଯାଇ ଦୁଧିଆଣି ବନାଞ୍ଚଳ କାର୍ଯ୍ୟାଳୟଠାରେ ରଖି ଅଧିକ ତଦନ୍ତ କରାଯାଇଥିଲା। ପଚରାଉଚୁରା ପରେ ଏହି ର‍୍ୟାକେଟରେ ସମ୍ପୃକ୍ତ ଆଉ ଦୁଇଜଣଙ୍କୁ କେନ୍ଦୁଝର ଜିଲା ହରିଚନ୍ଦନପୁର ଅଞ୍ଚଳରୁ ଗିରଫ କରାଯାଇଥିବା କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରକାଶ କରିଛନ୍ତି। ଦୁଧିଆଣି ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।



ଜବତ ବାଘଛାଲ ଓ ଗିରଫ ଅଭିଯୁକ୍ତ।

## ବାଡ଼ିରୁ ମିଳିଲା ହରିଣ ମୃତଦେହ

ସାରସକଣା, ୭।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଜୋକାବିଟ୍ର ପକପକା ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଗୁରୁବାର ଏକ ହରିଣର ମୃତଦେହ ବନ ବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, ଗ୍ରାମର ବାବଲୁ ସରେନଙ୍କ ବାଡ଼ିରେ ଏକ ମୃତ ହରିଣ ଥିବା ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ହରିଣଟିର ବୟସ ୫ ବର୍ଷ ଓ ଓଜନ ୨୫ କିଲୋ ହେବ। ହରିଣ ମୃତଦେହକୁ ବାଙ୍ଗିରିପୋଷି ସ୍ଥିତ ଅଫିସକୁ ଅଣାଯାଇଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜର ଅଜୟ ଦାସ ଅଧିକାରୀ କହିଛନ୍ତି।

# ପରିବେଶ ମନ୍ତ୍ରଣାଳୟକୁ ପଠାଯିବ ସତ୍ୟପାଠ

## ଢିଙ୍କିଆରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଘଟଣା

କଟକ ଅଫିସ, ୭।୪

ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଢିଙ୍କିଆ ଗ୍ରାମବାସୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଘଟଣାକୁ ନେଇ ହାଇକୋର୍ଟରେ ଆଗତ ମାମଲାର ଗୁରୁବାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ଯେଉଁ ଉଦ୍ଦେଶ୍ୟ ରଖି ଏହିସବୁ ମାମଲା ରୁଜୁ ହୋଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇଥିବାରୁ ଆଉ ମାମଲାର ଶୁଣାଣିର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଏଥିସହିତ ଏହି ମାମଲା ସଂକ୍ରାନ୍ତୀୟ ହାଇକୋର୍ଟରେ ଦାଖଲ ହୋଇଥିବା ସମସ୍ତ ସତ୍ୟପାଠକୁ ଜଗତ୍‌ସିଂହପୁର ଜିଲାପାଳଙ୍କୁ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଉକ୍ତ ସତ୍ୟପାଠକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ତର୍ଜମା ପାଇଁ ପଠାଇବେ। ମନ୍ତ୍ରଣାଳୟ ଏସମ୍ପର୍କରେ ଯାହା ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

# କଂଗ୍ରେସର 'ମହଙ୍ଗାଇ ମୁକ୍ତ ଭାରତ' ଅଭିଯାନ

## ଦର ହ୍ରାସ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

ଭୁବନେଶ୍ୱର,୭।୪ (ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଏଆଇସିସିର ଆହ୍ୱାନକ୍ରମେ ସାରା ଦେଶରେ ଗତ ୩୧ ତାରିଖରୁ 'ମହଙ୍ଗାଇ ମୁକ୍ତ ଭାରତ' ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମଧ୍ୟାହ୍ନରେ ରାଜଭବନ ସମ୍ମୁଖରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷତା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, ଦେଶରେ ଆଚ୍ଛେଦିନର ସ୍ୱପ୍ନ ଦେଖାଇ ଶାସନକୁ ଆସିଥିବା ଭାଜପା ସରକାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ତେଲ ଓ ଗ୍ୟାସ ଦର ବାରମ୍ବାର ବଢୁଥିବାରୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଉପରୁ ଏକ୍ସସାଇଜ୍ ଡ୍ୟୁଟି ଓ ଭାଟ ହ୍ରାସ ନ କରିବାରୁ ତେଲ ଦର କ୍ରମାଗତ ରାଜ୍ୟରେ ବଢ଼ିଚାଲିଛି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତେଲ ଦର ନ କମିବା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ପଟ୍ଟନାୟକ କହିଛନ୍ତି।

ଆନ୍ଦୋଳନରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟକ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଚିନ୍ମୟ ସୁନ୍ଦର ଦାସ, ବିସ୍ମୟ ମହାପାତ୍ର, ସୁଦର୍ଶନ ଦାସ, ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ହଳଧର ସେଠୀ, ପଦ୍ମାକର ଗୁରୁ, ମଧୁସ୍ମିତା ଆଚାର୍ଯ୍ୟ, ଅଶୋକ ଦାସ, ସତ୍ୟବ୍ରତ ନାୟକ, ଅମିତା ବିଶ୍ୱାଳ, ବିଶ୍ୱଭୂଷଣ ମହାପାତ୍ର, ଅଜୟ ସାମଲ, ଇତିଶ୍ରୀ ମଲ୍ଲିକ ପ୍ରମୁଖ ସାମିଲ ହୋଇ କେନ୍ଦ୍ରର ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସବ୍‌ସିଡି ବଢ଼ାଇବା ସହିତ ଟ୍ୟାକ୍ସ କମାଇବା ପାଇଁ ସେମାନେ ଦୃଢ଼ ଦାବି କରିଛନ୍ତି।



ବିକ୍ଷୋଭ ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

## ୯ ଜିଲାରେ ଝଡ଼ବର୍ଷା

ଭୁବନେଶ୍ୱର,୭।୪(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର. ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର। ଏଥିସହିତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ଅନେକ ସ୍ଥାନରେ ପାରଦ ମଧ୍ୟ ଉପରମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।


GOVERNMENT OF ODISHA
**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
**NATIONAL COMPETITIVE BIDDING THROUGH e-Tendering**
**Corrigendum Notice No. 1 to Bid Identification No.82 of 2021-2022**

**No.O-25:** In partial modification to this office Bid Identification No. 82 of 2021-2022, the following amendment is made.
1. The last date of bid submission in online is extended up to 17.00 hours of dt.25.04.2022.
2. The last date of seeking tender clarification is extended up to 17.00 hours of dt. 20.04.2022.
3. The date of opening of the technical bid in online is extended up to 11.00 hours of dt. 26.04.2022.

All other terms and conditions remains unaltered
**Sd/- Superintending Engineer,RWS&S Division, Rairangpur**
**OIPR-25010/11/0003/2223**

**GOVERNMENT COLLEGE OF ENGINEERING, KEONJHAR**
(Formerly Orissa School of Mining Engineering [Degree Stream], Keonjhar)
At: Jamunalia, P.O.: Old Town, Dist.- Keonjhar, PIN - 758002 (Odisha)
Web: www.gcekjr.ac.in/ Mail id: principal@gcekjr.ac.in
Notice No. 475 Date: 06.04.2022
**WITHDRAWAL OF THE ADVERTISEMENT FOR REGULAR RECRUITMENT OF PROFESSOR, ASSOCIATE PROFESSOR AND ASSISTANT PROFESSOR FOR GOVERNMENT COLLEGE OF ENGINEERING, KEONJHAR**

No. KK-03: As per the instruction of the SDTE Department, Government of Odisha this is for information of all concerned that the Advertisement for recruitment of Professor, Associate Professor and Assistant Professor vide Advertisement No. 705 Dt.13.08.2021, 1242 Dt.20.12.2021 and 1244 Dt.20.12.2021 are hereby withdrawn. The application fee deposited by the applicants will be refunded in due time.
**Sd./- Principal**
**Government College of Engineering, Keonjhar**
**OIPR-14088/11/0002/2223**

**OFFICE OF THE EXECUTIVE ENGINEER MINOR IRRIGATION DIVISION, KHORDHA**
**Letter No. 926** **Date: 02.04.2022**
**3rd Corrigendum to Notice No (Online) - EE MID KHD 07/2021-22**

No. A-21: In pursuance to Letter No. 731 Dt.15.03.2022 of the Executive Engineer, MI Division, Khordha and in continuation to this office 1st Corrigendum No. 853 Dt.21.03.2022, 2nd Corrigendum No. 858 Dt.21.03.2022 and the tender ID No. EEMIDKHD 07/2021-22 Dt.15.03.2022 for civil works in different Blocks of Khordha district under critical grant for the year 2022-23 is hereby modified as detailed below.

| | | |
|---|---|---|
| 1. | Last date/time for receipt of bids in the portal | Dt.08.04.2022 upto 05.00 P.M. |
| 2. | Date/time of opening of Tehnical Bid | Dt.11.04.2022 at 11.00 A.M. |

Other terms and conditions are remains unchanged.
**Sd./- Executive Engineer cum Chairman of the Tender Committee, MI Division, Khordha**
**OIPR-32042/11/0002/2223**

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No. (0674)2395844,
E-Mail ID : olicltd123@bsnl.in, olicltd@ymail.com, www.odishalift.co.in
**NATIONAL COMPETITIVE BIDDING THROUGH e-Procurement**
**No. IT-104/2021-3493/OLIC, Dated 06.04.2022**

**No.CAD-58:** The Managing Director, OLIC Ltd., Bhubaneswar invites online percentage rate tender through e-procurement for installation of bore wells for Solar Pumping System in the State of Odisha. Interested Bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under:**
A. Brief description of Work : Installation of bore wells for Solar Pumping System in Nabarangapur, Balangir, Kandhamal, Gajapati and Kalahandi Districts (05 Packages). B. Estimated cost of works : Varies from Rs. 37.33 Lakhs to Rs. 1141.70 Lakhs. C. Date and time of availability of bid document in the portal: From dt. 08.04.2022 to dt. 28.04.2022 (up to 17.00 Hours) D. Last date / time for receipt of bid in the Portal- dt. 28.04.2022 up to 17.00 Hours. E. Last date of seeking clarification- dt. 16.04.2022 up to 17.00 Hours F. Technical Bid will be opened on - dt. 29.04.2022 at 11.00 Hours. Any Addendum/ corrigendum/ Cancellation of tender will be available in the said website.
Authority reserves the right to accept /reject any or all the tenders, increase or decrease the quantities of work put to bidding without assigning any reason thereof.
**Sd/-MANAGING DIRECTOR, OLIC LTD., BHUBANESWAR**
**OIPR-32432/11/0004/2223**

**TENDER NOTICE**
**Notice No. 1824** **Dt.05.04.2022**
**Last date for sale of tender Paper : 11.04.2022 (By 05.00 P.M.)**
**Last date for submission of tender paper : 12.04.2022 (By 02.00 P.M.)**

No. MM-04: Sealed tenders are invited by the undersigned from the Transport Contractors for transportation of Car timbers for Car Festival of Lord Shree Jagannath, Puri for 2022 from different truckable points of Kantamal, Manamunda & Madhapur Ranges coming under the jurisdiction of Boudh Forest Division to Ratha Khala, Puri and Saw Mill, Khapuria, Cuttack. The last date for sale of tender paper is 11.04.2022 upto 05.00 P.M. and the last date for submission of tender paper in this Office is Dt. 12.04.2022 upto 02.00 P.M. The tender paper received after 02.00 P.M. on Dt.12.04.2022 will be rejected. The tender paper will be opened on 12.04.2022 at 05.00 P.M. The tender paper can be obtained from this Office by paying Rs.200/- (Rupees two hundred) only for each paper from the date of publication of this advertisement in all working days upto Dt.11.04.2022 upto 5.00 P.M. The bidders are required to submit E.M.D. in shape of Bank Draft/Bankers Cheque worth of Rs.1,00,000/- (Rupees one lakh) only drawn in any Nationalized Bank in favour of the **Divisional Forest Officer, Boudh payable at State Bank of India, Main Branch, Boudh** only along with the tender paper. The tender paper without E.M.D. will be rejected. For further details, the undersigned may be contacted during office hours or working days. **The undersigned reserves the right to cancel any or all tenders without assigning any reason thereof**.

**CAR TIMBER**

| Sl. No. | Name of the Species | Length & Girth of the Logs to be transported | No. of logs to be transported to Khapuria Saw Mill, Cuttack | 0No. of logs to be transported to Ratha Khala, Puri | Total No. of logs |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Asana | 12' × 3' | 166 | 0 | 166 |
| 2 | Dhaura | 12' × 3' | 68 | 0 | 68 |
| 3 | Asana | 20' × 3' | 30 | 16 | 46 |
| 4 | Dhaura | 20' × 3' | 0 | 25 | 25 |
| 5 | Dhaura | 20' × 4' | 0 | 0 | 0 |
| 6 | Dhaura | 20' × 6' | 0 | 5 | 5 |
| 7 | Asana | 40' × 3' | 0 | 21 | 21 |
| 8 | Dhaura | 40' × 3' | 0 | 10 | 10 |
| 9 | Dhaura | 40' × 3.6' | 0 | 10 | 10 |
| 10 | Dhaura | 40' × 4' | 0 | 0 | 0 |
| 11 | Phasi | 14' × 6' | 0 | 0 | 0 |
| 12 | Simuli | 14' × 6' | 0 | 0 | 0 |
| **Total** | | | **264** | **87** | **351** |

**Sd./- Divisional Forest Officer**
**Boudh Forest Division**
**OIPR-08090/11/0001/2223**

**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT**
କୋରାପୁଟ ବନଖଣ୍ଡ ଅଧିକାରୀ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ
ଦୂରଭାଷ ନଂ.୦୬୮୫୨-୨୫୧୨୭୦,ଫ୍ୟାକ୍ସ ନଂ.୦୬୮୫୨ ୨୫୧୨୭୦,
ଇମେଲ ID:dfo.koraput@odisha.gov.in. ଅଭିଯୋଗ କକ୍ଷ (SMS) ନଂ.୯୪୩୭୦୧୧୨୭୦
**No.33 /1F (Accounts), Dated, Koraput, the 05th April, 2022**

**ADVERTISEMENT**

**No.MM-03:** Applications are invited from the interested eligible local unemployed youth candidates for the post of Site Manager for Eco tourism destinations of this Division to be engaged through Service Provider at a monthly consolidated remuneration of Rs. 22000/- per month as per following terms and conditions.
- **Eligibility Criteria:** Should be a graduate in Tourism/Travel/Hotel/Hospitality Management with good communication skill with experience Minimum 2 Years in Hotel/Travel/Hospitality/ Tourism Sector.
- **No. of Post:** 1 (One)
- **Last date for receipt of Application:** 20.04.2022
- **Job Description of Site Manager:**

➢To remain overall charges of the Nature Camp and supervise the activities i.e. sanitation, Housekeeping, food & beverages and maintenance of other infrastructures with due approval of the authority. To receive the visitors and ensure their comfortable stay at site. ➢ To maintain the records/ registers of the ecotourism destinations. ➢ To supervise the Accounts, Stock & Store articles at the site. ➢Training of village community members. ➢ Capacity Building and coordination among all stake holders of Ecotourism. ➢ Publicity & advertisement of the site. ➢ Any other assignment as per direction of Authority.

• **Terms & conditions:**
• **Period of Engagement:** The period of engagement of Site Managers through Service provider at Pine Resort, Koraput up to 31.3.2023.• **Emoluments & perquisites:** Monthly consolidated remuneration for the post of site Manager @ Rs.22000/- per month in consideration of their qualification and experience. • **Place of posting:** Ecotourism destinations at Koraput Nature Camp, Pine Resort of Koraput Forest Range of Koraput Forest Division. • **Basis of engagement:** Selection of candidates for engagement is purely temporary basis and terminable at any time without notice or assigning any reason thereof. • **Authenticity of information & documents:** If the submission of any incorrect/false information, certificates, documents or suppression of material fact(s) is detected during course of selection, the candidature of the concerned candidate will be cancelled. Even after engagement if the same is/ are detected, his/ her engagement will be terminated by the authority without any notice or assigning any reason thereof. • Mere submission of application does not confer any right for the engagement. The authority reserves the right to cancel the advertisement at any point of time without assigning any reason thereof. • **Procedure for selection:** A walk-in-interview will be conducted in the O/o the Divisional Forest Officer, Koraput or in the O/o the Regional Chief Conservator of Forests, Koraput Circle, Koraput for verification of their testimonials, experience and proficiency of the candidate by the committee formed for the purpose. The exact date & time/ venue of said interview will be intimated to the applicants over their phone/ e-mail address of the candidates in due course. While attending interview, the candidate should bring all original documents/ certificates for verification along with one set of certified /attested copies of document with 3 nos of passport size photographs duly attested. The candidates are required to apply for the post in the following format.

1. Name of the Applicant
2. Father's name
3. Present Address:
4. Permanent Address.
5. Mobile Number & Correct e-mail address
6. Date of Birth ( Candidate must accompany copy of HSC or equivalent certificate in support of date of birth)
7. Educational Qualification from 10th onwards (Attach attested copies of relevant certificate)
8. State details of qualification showing graduate in Tourism/Travel/Hotel/Hospitality Management (Attach Certificate as Proof)
9. Experience minimum two years in Hotel/Travel/Hospitality/Tourism Sector (Attach Proof)

**Place:**
**Date** **Signature of the candidate**

**Undertakings**

I do here by undertake that the information/ documents furnished above are true to the best of my knowledge and belief. If later on at any stage the said information/document found to be false/ incorrect, then I will be liable for punishment as per rule. I have gone through in detail of advertisement and hence I have no objection to work through Service Provider.

**Place:**
**Date** **Signature of the candidate**
**Sd./- Divisional Forest Officer, Koraput Forest Division**
**OIPR-08067/11/0002/2223**

GOVT. OF ODISHA
**FOREST, ENVIRONMENT & CLIMATE CHANGE DEPT.**
**OFFICE OF THE INTERNAL VIGILANCE WING FLYING SQUAD, SAMBALPUR**
**Letter No.009, Date:02.04.2022**
**SHORT TENDER NOTICE**

**No.MM-06:** Sealed tenders are invited from Interested reputed travel agencies/ privet individual/ Tour operator for providing one number of suitable vehicle (Bolero) to be engaged by internal vigilance Wing Flying Squad, Sambalpur for there field visit through out the state. The vehicle shall be in good condition and shall not be older than three years.
General bid information forms, terms and condition for hiring of vehicle etc will be available with ACF Internal Vigilance Wing, Flying Squad, Sambalpur of this on payment of Rs. 200/-(Rupees Two Hundred)0nly from dated 04.04.2022 to 12.04.2022.
The last date of submission of tender paper in the Tender box is on dated. 12.04.2022 at 04.00 P.M and shall be opened at 05.00 P.M on the same day.
**Sd./- Asst. Conservation of Forest**
**Internal Vigilance Wing, Flying Squad, Sambalpur**
**OIPR-08132/11/0001/2223**

WATCO
**OFFICE OF THE MANAGING DIRECTOR, WATCO**
**Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India**
**Telefax: -+91-674-2391444**
**E-mail - mail@watcoodisha.in, md@watcoodisha.in**
**INVITATION FOR BID (IFB)**
**Bid Identification No. WATCO (W) - 45 /2022-23, Dtd.06.04.2022**
**WATCO No.1293, Date:06.04.2022**

**No.C-33:** 1. Name of the work:- (1) Request for Proposal (RFP) for Consultancy Services for Planning, Designing and Supervision of the Work "Construction of 2nd & 3rd floor and Addition and Alteration of Odisha Water Academy at Basuaghai,Bhubaneswar. (2) Request for Proposal (RFP) for Consultancy Services for Planning, Designing and Supervision of the Work "Construction of 2nd floor and Addition and Alteration of A & B type quarters at STP Basuaghai, Bhubaneswar" 2. Estimated cost of the Projects:- Rs.9.20 Crore & 7.07 Crore. 3. Period of completion :- 6 (Six) Months. 4. Date & time of availability of bid document in the portal:- From 11.00 AM of Dt.16.04.2022 to 5.00 PM of 30.04.2022.5. Last date/time of receipt of bids in the portal :-5.00 PM of 30.04.2022. 6.Date & time of opening of technical bids :-11.00 AM of 02.05.2022. 7.Name and address of the Officer Inviting Bid :- Managing Director, WATCO, Telefax:-0674-2391444, E-Mail: mail@watcoodisha.in, md@watcoodisha.in. 8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**
**Sd/- Chief Executive Officer, WATCO, Bhubaneswar**
CIN No.U41000OR2015NPL019598,
Registered Office:WATCO, Ground Floor, Unnati Bhawan H.B. Colony, Satyanagar, Bhubaneswar-751007,Odisha, India, Telefax: -+91-674-2391444, e-mail:mail@watcoodisha.in
**OIPR-13194/11/0005/2223**


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୩୬ | ୧୦୧୮/୮୯୮ | ୧୫୨୪ | ୦.୦୯୦ | ୦.୦୯୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୭ | | ୧୫୪୮ | ୦.୧୯୦ | ୦.୦୧୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୮ | | ୧୫୬୭ | ୦.୦୨୦ | ୦.୦୨୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୩୯ | ୧୦୧୮/୯୯୩ | ୧୫୫୫ | ୦.୨୮୦ | ୦.୦୬୦ | କୀର୍ତ୍ତନ ବିହାରୀ ପରିଡ଼ା, ପିତା: ଅନାମ ପରିଡ଼ା ଓଗେର, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| ୧୪୦ | ୧୦୧୮/୧୦୩୮ | ୧୫୨୫ | ୦.୧୦୦ | ୦.୧୦୦ | ଗୀତାଞ୍ଜଳି ପଟ୍ଟନାୟକ, ସ୍ୱାମୀ: ରାଜୀବ ଲୋଚନ ପଟ୍ଟନାୟକ ଓଗେର, ଜା: କରଣ, ବା: ଆଟପୁର, ଥାନା: ଗୋଲକୁଣ୍ଡା, ହାଇଦ୍ରାବାଦ | |
| ୧୪୧ | ୧୦୧୮/୧୦୬୪ | ୧୫୭୧ | ୦.୪୬୦ | ୦.୩୮୦ | ସୁବ୍ରତ କୁମାର ଜେନା, ପିତା: ଉମାକାନ୍ତ ଜେନା, ଜା: ଖଣ୍ଡାୟତ, ବା: ସାଇଁକୁଳ | |
| | | | ମୋଟ | ୩୨.୭୮୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୪୧ (ଏକ ଶହ ଏକଚାଳିଶ), ମୋଟ ଅଧିଗୃହୀତ ଜମି: ୩୨.୭୮୦ ଏକର।

OIPR-24045/14/0002/2223

## ଟାଟା ଗ୍ରୁପ୍‌ର 'ଟାଟା ନ୍ୟୁ' ଲଞ୍ଚ

**ନୂଆଦିଲ୍ଲୀ:** ଟାଟା ଗ୍ରୁପ୍ ପକ୍ଷରୁ ଗୁରୁବାର ଏହାର ସୁପର ଆପ୍ 'ଟାଟା ନ୍ୟୁ'ର ଶୁଭାରମ୍ଭ କରାଯାଇଛି। ଏହି ଆପ୍ ଗ୍ରାହକଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ କମ୍ପାନୀର ସମସ୍ତ ସୁବିଧା ପ୍ରଦାନ କରିବ। ଏହା ଜରିଆରେ ଗ୍ରୋସରି ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ କ୍ରୟ, ହୋଟେଲ ଏବଂ ଫ୍ଲାଇଟ୍ ବୁକିଂ ଭଳି ବିଭିନ୍ନ କାର୍ଯ୍ୟ କରାଯାଇପାରିବ। ଏ ସମ୍ପର୍କରେ ଟାଟା ସନ୍ସର ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ୍ କହିଛନ୍ତି, ଏହା ଏକ ରୋମାଞ୍ଚକର ପ୍ଲାଟ୍‌ଫର୍ମ। ଭାରତୀୟ ଗ୍ରାହକଙ୍କ ଜୀବନକୁ ସରଳ ଏବଂ ସୁବିଧାଜନକ କରିବା ଆମର କର୍ତ୍ତବ୍ୟ ବୋଲି ଚନ୍ଦ୍ରଶେଖରନ୍ କହିଛନ୍ତି।

## ସଂକ୍ଷେପରେ

### ମେଡ୍‌ସିସ୍ ପ୍ୟାଥ୍‌ଲାବ୍‌କୁ ଅଧିଗ୍ରହଣ କଲା ମଣିପାଲ ହେଲ୍‌ଥମ୍ୟାପ୍

**ନୂଆଦିଲ୍ଲୀ,୭।୪:** ଦେଶର ଏକ ଅଗ୍ରଣୀ ଇଣ୍ଟିଗ୍ରେଟେଡ୍ ଡାଇଗ୍ନୋଷ୍ଟିକ ସେବା ପ୍ରଦାନକାରୀ ସଂସ୍ଥା ମଣିପାଲ ହେଲ୍‌ଥମ୍ୟାପ ନିକଟରେ ହାଇଦ୍ରାବାଦସ୍ଥିତ ପ୍ୟାଥ୍‌ଲାବ ପ୍ରାଇଭେଟ୍ ଲିମିଟେଡ୍‌କୁ ଅଧିଗ୍ରହଣ କରିଛି। ଏ ନେଇ ଉଭୟ କମ୍ପାନୀ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଉକ୍ତ ଚୁକ୍ତି ଅନୁସାରେ ମଣିପାଲ ହେଲ୍‌ଥମ୍ୟାପ୍ ଏହାର ପାଦଚିହ୍ନକୁ ୧୯ ଅତିରିକ୍ତ କେନ୍ଦ୍ରକୁ ବିସ୍ତାର କରିଛି। ଏହାର ସମୁଦାୟ ସଂଖ୍ୟା ବର୍ତ୍ତମାନ ୧୪ଟି ରାଜ୍ୟରେ ୬୦କୁ ବୃଦ୍ଧି ପାଇଛି। ଏହାଦ୍ୱାରା ଇଣ୍ଟିଗ୍ରେଟେଡ୍ ଡାଇଗ୍ନୋଷ୍ଟିକ ସେବା ବ୍ରାଣ୍ଡ ଭାବେ ଏହାର ସ୍ଥିତି ସୁଦୃଢ଼ ହୋଇପାରିଛି। ଏହି ଚୁକ୍ତି ଦ୍ୱାରା ମଣିପାଲ ହେଲ୍‌ଥମ୍ୟାପ୍ ଆଉ ୧୯ଟି ଲାବରେଟୋରିକୁ ଅଧିଗ୍ରହଣ କରିବ। ସେଥିମଧ୍ୟରେ ଗୋଟିଏ ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରୀୟ ଲାବରେଟୋରି ହାଇଦ୍ରାବାଦରେ ଅବସ୍ଥିତ। ଏ ସମ୍ପର୍କରେ ମଣିପାଲ ହେଲ୍‌ଥମ୍ୟାପ୍‌ର ସିଇଓ ଡାକ୍ତର (କ୍ୟାପ୍‌ଟେନ) ସନ୍ଦୀପ ଶର୍ମା କହିଛନ୍ତି, ମଣିପାଲ ହେଲ୍‌ଥମ୍ୟାପ୍ ମେଡ୍‌ସିସ୍ ପ୍ୟାଥ୍‌ଲାବ୍‌କୁ ଅଧିଗ୍ରହଣ କରିଥିବାରୁ ଆମେ ବେଶ୍ ଉତ୍ସାହିତ। ଏହାଦ୍ୱାରା ଦେଶରେ ଏକୀକୃତ ଡାଇଗ୍ନୋଷ୍ଟିକ ସେବାର ଉନ୍ନତ ମାନ ଆସିପାରିବ। ସେହିଭଳି ମେଡ୍‌ସିସ୍ ପ୍ୟାଥ୍‌ଲାବର ସିଇଓ ଭରତ କୁମାର ଅନାଗାନି କହିଥିଲେ, ମଣିପାଲ ହେଲ୍‌ଥମ୍ୟାପ୍ ସହ ମିଳିତ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ। ଏହାର ଭାରତରେ ଡାଇଗ୍ନୋଷ୍ଟିକ ସେବାରେ ଉଚ୍ଚ କ୍ଲିନିକାଲ ଏବଂ ସେବା ଉତ୍କର୍ଷ ପ୍ରଦାନ କରିବାର ଦୀର୍ଘ ଇତିହାସ ରହିଛି।

### ଶ୍ରୀସିଟିରେ ଡାଇକ୍‌ଇନ୍‌ର ୩ୟ କାରଖାନା

**ନୂଆଦିଲ୍ଲୀ, ୭।୪:** ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିରେ ଡାଇକ୍‌ଇନ୍ ଇଣ୍ଡିଆ ତୃତୀୟ ବିନିର୍ମାଣ ସୁବିଧା ନିମନ୍ତେ ଏକ ନୂଆ କାରଖାନା ତିଆରି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛି। ଏହି ନୂଆ କାରଖାନାର ନିର୍ମାଣ ୨୦୨୩ ସୁଦ୍ଧା ଶେଷ ହୋଇଯିବ ଏବଂ ଏହା ଡାଇକ୍‌ଇନ୍‌କୁ ଏୟାର କଣ୍ଡିସନିଂ ଉପକରଣ ନିର୍ମାଣ ଦିଗରେ ଦେଶର ଏକ ଏକ ଅଗ୍ରଣୀ ନିର୍ମାତା ଭାବରେ ଗଢ଼ିବାରେ ସହଯୋଗ କରିବ। ଏହି କାରଖାନା ଆଧୁନିକ ଭାରତର ଚାହିଦା ସହିତ ତାଳ ଦେଇ ଦେଶକୁ ଏୟାର କଣ୍ଡିସନିଂ ଉପକରଣ ଯୋଗାଇବ। ୨୦୫୦ ସୁଦ୍ଧା ଜିରୋ କାର୍ବନ୍ ଡାଇ ଅକ୍ସାଇଡ୍ ନିର୍ଗମନ କରୁଥିବା ଏବଂ ପରିବେଶ ଅନୁକୂଳ ଉପକରଣ ନିର୍ମାଣ ଦିଗରେ କାର୍ଯ୍ୟ କରିବ।

# ସ୍ଥାନାନ୍ତର ହୋଇପାରିଲାନି ୫୦ ହଜାର କୋଟିର ବ୍ୟାଡ୍ ଲୋନ୍

ନୂଆଦିଲ୍ଲୀ, ୭।୪

■ ଏପ୍ରିଲ୍ ଶେଷ ସୁଦ୍ଧା ଶେଷ ହେବ ୧୫ ଆକାଉଣ୍ଟ ସ୍ଥାନାନ୍ତର କାର୍ଯ୍ୟ

■ ମାର୍ଚ୍ଚ ୩୧ ରହିଥିଲା ଡେଡ୍ ଲାଇନ

୫୦,୦୦୦ କୋଟି ଟଙ୍କାର ବ୍ୟାଡ୍ ଲୋନ୍‌କୁ ନ୍ୟାଶନାଲ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ କୋ(ଏନ୍‌ଏଆର୍‌ସିଏଲ୍)କୁ ସ୍ଥାନାନ୍ତର ପାଇଁ ଦେଶର ବ୍ୟାଙ୍କ୍‌ଗୁଡ଼ିକ ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଦ୍ୱାରା ଧାର୍ଯ୍ୟ ହୋଇଥିବା ଦିନ ଅତିକ୍ରମ କରିଯାଇଛି। ଏସ୍‌ବିଆଇ ପକ୍ଷରୁ ବ୍ୟାଡ୍ ଲୋନ୍ ହସ୍ତାନ୍ତରର ସମୟସୀମା ମାର୍ଚ୍ଚ ୩୧ ସ୍ଥିର କରାଯାଇଥିଲା। ଆର୍ଥିକ ଦେୟରେ ବିଳମ୍ବ ହେତୁ ଏହି କାର୍ଯ୍ୟ ଶେଷ ହୋଇପାରିନାହିଁ। ୮୨,୮୪୫ କୋଟି ଟଙ୍କାର ସର୍ବମୋଟ୍ ୩୮ଟି ନନ୍ ପର୍‌ଫର୍ମିଂ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ଏନ୍‌ଏଆର୍‌ସିଏଲ୍‌କୁ ହସ୍ତାନ୍ତର ପାଇଁ ଚିହ୍ନଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦,୩୩୫ କୋଟି ଟଙ୍କାର ୧୫ଟି ଆକାଉଣ୍ଟକୁ ମାର୍ଚ୍ଚ ଶେଷ ସୁଦ୍ଧା ଏନ୍‌ଏଆର୍‌ସିଏଲ୍‌କୁ ସ୍ଥାନାନ୍ତର


ୟୁନିୟନ୍ ବ୍ୟାଙ୍କ ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ରାଜକିରଣ ରାୟ

କରାଯିବ ବୋଲି ଗତ ଜାନୁୟାରୀରେ ଏସ୍‌ବିଆଇ ପକ୍ଷରୁ କୁହାଯାଇଥିଲା। ଘଟଣା ସମ୍ପର୍କରେ ଅବଗତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କିଛି ଆକାଉଣ୍ଟର ବିତ୍ତୀୟ ଯାଞ୍ଚରେ ସମୟ ଲାଗିଥିଲା। ତେବେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ହୋଇଥିବା ସେ କହିଛନ୍ତି। ଏହା ଏକ ପର୍ଯ୍ୟାୟଯୁକ୍ତ ପଦକ୍ଷେପ। ଏହି ପ୍ରକ୍ରିୟାରେ ଅନେକ ହିତାଧିକାରୀ ଜଡ଼ିତ ଅଛନ୍ତି। ଏନେଇ ସରକାରଙ୍କ ସମସ୍ତ ନିୟମ ପୂରଣ କରିବାକୁ ପଡ଼ିବ, ପରେ ଆର୍‌ବିଆଇ ଏହାକୁ ଅନୁମୋଦନ କରିବ। ଏହି ସମସ୍ତ ନିୟମ ପୂରଣ କରିବାକୁ ସମୟ ଲାଗିଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି। ଏହାଛଡ଼ା ୧୪ଟି ଆକାଉଣ୍ଟ ପାଇଁ ଧାର୍ଯ୍ୟ ସମୟସୀମା ଶେଷ ହୋଇଛି। ତେଣୁ ବ୍ୟାଙ୍କଗୁଡ଼ିକ ଏକମାସ ମଧ୍ୟରେ ଏହି ସମସ୍ତ ଆକାଉଣ୍ଟ ପାଇଁ ବାଇଣ୍ଡିଂ ଅଫର ନେଇ ଆସିବେ।

ତେବେ ପ୍ରଥମ ଥର ପାଇଁ ଆମେ ଏହିଭଳି ସଂରଚନା କରିଛୁ। ଏଥିପାଇଁ ଆମକୁ ବିଭିନ୍ନ ପ୍ରକାର ନିୟମ ଏବଂ ପ୍ରକ୍ରିୟା ପାଳନ କରିବାକୁ ପଡ଼ିଥାଏ। ମାର୍ଚ୍ଚ ଶେଷ ସୁଦ୍ଧା ଏହି କ୍ୟାପିଟାଲାଇଜେଶନ ଶେଷ ହେବାର ଯୋଜନା ରହିଥିଲେ ମଧ୍ୟ ଏହି ସମସ୍ତ ପ୍ରକ୍ରିୟା ଭିତରକୁ ଆସିବା ପାଇଁ ଘରୋଇ ବ୍ୟାଙ୍କ୍‌ଗୁଡ଼ିକୁ ବିଭିନ୍ନ ପ୍ରକାର ଔପଚାରିକତା ପୂରଣ କରିବାର ଥିଲା। ତେବେ ବର୍ତ୍ତମାନ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ପ୍ରାୟ ହୋଇଗଲାଣି। ତେଣୁ ଏପ୍ରିଲ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଆକାଉଣ୍ଟର ହସ୍ତାନ୍ତର କାର୍ଯ୍ୟ ଶେଷ କରିବୁ ବୋଲି ୟୁନିୟନ ବ୍ୟାଙ୍କ ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ରାଜକିରଣ ରାୟ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାଛଡ଼ା ଖୁବ୍‌ଶୀଘ୍ର ଏନ୍‌ଏଆର୍‌ସିଏଲ୍‌ର ପୂର୍ଣ୍ଣକାଳିକ ସିଇଓ ନିଯୁକ୍ତ କରାଯିବ ବୋଲି ରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏସ୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ପି.ଏମ୍. ନାୟାର ଏନ୍‌ଏଆର୍‌ସିଏଲ୍‌ର ଦାୟିତ୍ୱ ତୁଲାଉଛନ୍ତି।

# ଯୁଗଳ କିଶୋରଙ୍କୁ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ, ୭।୪

ବରିଷ୍ଠ ପ୍ରଶାସକ ଯୁଗଳ କିଶୋର ଜୋଷୀଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ (ଆର୍‌ପିଏଫ୍)ର ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ ଭାବେ ଜୋଷୀ ଇତିମଧ୍ୟରେ ଯୋଗଦାନ କରିଛନ୍ତି। ସେ ୧୯୯୭ ମସିହା ଭାରତୀୟ ରେଳପଥ ସୁରକ୍ଷା ବଳ ସେବା ଅଧିକାରୀ । ଏହା ପୂର୍ବରୁ ଜୋଷୀ ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଭାବେ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ଡେପୁଟେଶନରେ ଥାଇ କାର୍ଯ୍ୟ ତୁଲାଉଥିଲେ। ସେ ମଧ୍ୟ ବିଭିନ୍ନ ରେଳପଥରେ ଭିନ୍ନ ଭିନ୍ନ ପଦପଦବୀରେ ଥାଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ଅପରାଧ ଅନ୍ୱେଷଣ କ୍ଷେତ୍ରରେ ପ୍ରଗାଢ଼ ଦକ୍ଷତା ରଖିଛନ୍ତି। ଜୋଷୀ ୨୦୧୪ରୁ ୨୦୧୬ ମଧ୍ୟରେ ରେଳପଥ ବୋର୍ଡରେ ଆର୍‌ପିଏଫ୍ ନିର୍ଦ୍ଦେଶକ, ଉତ୍ତର ରେଳପଥର ଦିଲ୍ଲୀ ଏବଂ ପୂର୍ବ ରେଳପଥର ହାଓଡା ରେଳ ମଣ୍ଡଳରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଭାବେ କାର୍ଯ୍ୟ ତୁଲାଇଛନ୍ତି। ସେ ମଧ୍ୟ ପୂର୍ବତଟ ରେଳପଥରେ ଉପମୁଖ୍ୟ ସୁରକ୍ଷା ଆୟୁକ୍ତ ଭାବେ ୨୦୦୮ରୁ ୨୦୧୧ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଜୋଷୀ ସ୍ୱଚ୍ଛ ଭାରତ ମିଶନ ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ।


ଯୁଗଳ କିଶୋର ଜୋଷୀ

# ଜୀ ସାର୍ଥକରେ ରଜ କୁଇନ-୨୨ ଉତ୍ସବ ୧୦ବର୍ଷର

ଭୁବନେଶ୍ୱର, ୭।୪

ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଜୀ ସାର୍ଥକ ପୁଣିଥରେ ନେଇ ଆସିଛି ପ୍ରତିଭା ପ୍ରଦର୍ଶନର ବଡ଼ ପ୍ଲାଟ୍‌ଫର୍ମ ରଜ କୁଇନ୍ ୨୦୨୨-ଉତ୍ସବ ୧୦ବର୍ଷର। ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପର୍ବ ରଜକୁ ନେଇ ଏହି ରିଆଲିଟି ଶୋ' ରଜ କୁଇନର ଅଡିସନ ଏପ୍ରିଲ ୩ରୁ ରାଜ୍ୟର ବିଭିନ୍ନ ସହରରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ଟେଲିଭିଜନ ଇତିହାସରେ ପ୍ରଥମ ରିଆଲିଟି ଶୋ ଯାହା ଦୀର୍ଘ ୧୦ବର୍ଷ ଧରି ଚାଲିଆସିଛି। ଅଡିସନ ରାଉଣ୍ଡରେ ତମନ୍ନା, ଦିବ୍ୟା, ସୂର୍ଯ୍ୟମୟୀ, ଶ୍ରୀତମ ଦାସ, ରାକେଶ, ରିଷି ଓ ହରିହରଙ୍କ ଭଳି ଓଲିଉଡ୍ ଅଭିନେତା ଓ ଆଗ ଧାଡ଼ିର କଳାକାରମାନେ ଏହାର ଜଜ୍ ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ଗାଲା ରାଉଣ୍ଡ ପାଇଁ ବାଛିବେ ବୋଲି ଜୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜୀ ସାର୍ଥକର




ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି, ଜୀ ସାର୍ଥକ ତା'ର ଅଗଣିତ ଦର୍ଶକଙ୍କ ପାଇଁ ସଦାସର୍ବଦା ମନୋରଞ୍ଜନ ଭରା କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛି ଏବଂ ଏହି ପ୍ରୟାସକୁ ଜାରି ରଖି ରଜ କୁଇନ୨୦୨୨-ଉତ୍ସବ ୧୦ବର୍ଷର ପ୍ରସାରଣ କରିବାକୁ ଯାଉଛି। ସେହିଭଳି ଏହି କାର୍ଯ୍ୟକ୍ରମ ଦର୍ଶକମାନଙ୍କ ଭଲ ପାଇବା ସହ ମନକୁ ନିଶ୍ଚୟ ଛୁଇଁବ। ତେଣୁ ଅଡିସନରେ ଭାଗ ନିଅନ୍ତୁ ଓ ନିଜର ପ୍ରତିଭା ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶାର ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମ ରଜ କୁଇନ ୨୦୨୨- ଉତ୍ସବ ୧୦ ବର୍ଷର ଅଡିସନ ରାଉଣ୍ଡରେ ପ୍ରତିଯୋଗୀଙ୍କ ପ୍ରତିଭା, ଦୂରଦୃଷ୍ଟି ଓ ସ୍ମାର୍ଟନେସ୍ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଅଡିସନ ପାଇଁ ପ୍ରତିଯୋଗୀଙ୍କ ବୟସ ସୀମା ପ୍ରାୟ ୫ରୁ ୨୫ବର୍ଷ ପର୍ଯ୍ୟନ୍ତ ରହିଛି। ଉକ୍ତ କାର୍ଯ୍ୟକ୍ରମର ଅଡିସନ୍ ରାଉଣ୍ଡଗୁଡ଼ିକର ପ୍ରସାରଣ ୧୮ଏପ୍ରିଲରୁ ପ୍ରତି ସୋମବାରରୁ ଶନିବାର ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ଚଳିତ ବର୍ଷ ରଜ କୁଇନ୍‌ର ଅଡିସନ୍ କେନ୍ଦ୍ରାପଡ଼ା ଓ ପୁରୀ ଏପ୍ରିଲ ୧୬, କଟକ ଓ ଜଗତ୍‌ସିଂହପୁର ଏପ୍ରିଲ ୧୭, ଭୁବନେଶ୍ୱର ଓ ବ୍ରହ୍ମପୁର ଏପ୍ରିଲ ୨୪, କେନ୍ଦୁଝର ଓ ସମ୍ବଲପୁର ଏପ୍ରିଲ ୩୦ ଏବଂ ଅନୁଗୋଳ ଓ ରାଉରକେଲାରେ ମେ ୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି।

# ଲଗାତର ୩ୟ ଦିନ ପାଇଁ ଶେୟାର ବଜାରରେ ହ୍ରାସ

ନୂଆଦିଲ୍ଲୀ, ୭।୪

ସପ୍ତାହର ୪ର୍ଥ କାରବାର ଦିନରେ ତଥା ଲଗାତର ୩ୟ ଦିନ ପାଇଁ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହ୍ରାସ ଦେଖିବାକୁ ମିଳିଛି। ଗୁରୁବାର ଶେୟାର ବଜାରରେ ପ୍ରାୟ ୧% ହ୍ରାସ ହୋଇଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୫୭୫.୪୬ ଅଙ୍କ (୦.୯୭%) ହ୍ରାସ ଘଟି ୫୯.୦୩୪ ଇନ୍‌ଡେକ୍ସରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ୧୬୮.୧୦ ଅଙ୍କ (୦.୯୪%) ହ୍ରାସ ଘଟି ୧୭,୬୩୯.୫୫ ଇନ୍‌ଡେକ୍ସରେ ବନ୍ଦ ହୋଇଛି। ଦିନରେ ଭାରତ ଇଲେକ୍ଟ୍ରୋନିକ୍ସ, ଗୋଦ୍‌ରେଜ କଞ୍ଜ୍ୟୁମର ପ୍ରଡକ୍ଟସ୍, ପିରାମଲ୍ ଏଣ୍ଟରପ୍ରାଇଜେସ୍, ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍, ଆକ୍ସିସ୍ ବ୍ୟାଙ୍କ୍, ଏଲ୍‌ଆଇସି ହାଉସିଂ ଫାଇନାନ୍ସ, ଆଇସିଆଇସିଆଇ ବ୍ୟାଙ୍କ ପ୍ରଭୃତି ଷ୍ଟକ୍‌ରେ ବୃଦ୍ଧି ଘଟିଥିଲା।

# ନୂଆ ଅବତାରରେ ଆସିବ ଜେଟ୍ ଏୟାରୱେଜ୍

ନୂଆଦିଲ୍ଲୀ, ୭।୪

ଚଳିତ ବର୍ଷ ସୁଦ୍ଧା ଜେଟ୍ ଏୟାରୱେଜ୍ ଏକ ନୂଆ ଅବତାରରେ ଫେରିବ। କମ୍ପାନୀ ପ୍ରିମିୟମ ଏବଂ ନୋ ଫ୍ରିଲ୍ସ ସୁବିଧା ସହିତ ଫେରିବାକୁ ଯୋଜନା କରୁଛି। ଏହାଦ୍ୱାରା ଏୟାରୱେଜ୍ ଭାରତୀୟ ଏୟାରଲାଇନ୍ ବଜାରରେ ନିଜର ପୂର୍ବ ଅଂଶଧନ ଫେରିପାଇବାକୁ ଲକ୍ଷ୍ୟ ରଖିଛି। ଜେଟ୍ ଏୟାରୱେଜ୍ ବର୍ତ୍ତମାନ ଏକ ନୂଆ ମାଲିକ ଗ୍ରୁପ୍ ଦ୍ୱାରା ସଞ୍ଚାଳିତ ହେଉଛି। ଏହାର ନୂଆ ମାଲିକ ହେଉଛନ୍ତି ଦୁବାଇରେ ରହୁଥିବା ଭାରତୀୟ ବ୍ୟବସାୟୀ ମୁରାରୀ ଲାଲ୍ ଜଲାନ୍ ଏବଂ ଲଣ୍ଡନର ଫ୍ଲୋରିୟନ୍ ଫିଟ୍‌ଚ। ଫିଟ୍‌ଚ ଜଣେ ଲଣ୍ଡନ ବେସ୍‌ଡ ବିତ୍ତୀୟ ପରାମର୍ଶଦାତା ଏବଂ କାଲ୍‌ରକ୍ କ୍ୟାପିଟାଲ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ନୂଆ ମାଲିକ ଏୟାରୱେଜ୍‌ରେ ୧୨ କୋଟି ଡଲାର ନିବେଶ ପାଇଁ ଯୋଜନା ରଖିଛନ୍ତି। ଏୟାରୱେଜ୍‌ର ସିଇଓ କହିଛନ୍ତି, କମ୍ପାନୀର ନୂଆ ଜେଟ୍‌ରେ ଦୁଇଟି କ୍ଲାସ୍ ରହିବ। ଗୋଟିଏ ବିଜ୍‌ନେଟ୍ କ୍ଲାସ୍ ଏବଂ ଅନ୍ୟଟି ଇକୋନୋମୀ କ୍ଲାସ୍। ବିଜ୍‌ନେସ୍ କ୍ଲାସ୍‌ରେ ଯାତ୍ରୀଙ୍କୁ ମାଗଣା ଭୋଜନ ସହ ବିଭିନ୍ନ ସେବା ମିଳିବାକୁ ଥିବା ବେଳେ ଇକୋନୋମୀ କ୍ଲାସ୍‌ରେ ଖାଦ୍ୟ ଏବଂ ଅନ୍ୟ ସୁବିଧା ପାଇଁ ଅର୍ଥ ଦେବାକୁ ପଡ଼ିବ।

# ରେକର୍ଡ ପରିମାଣରେ କୃଷି ଉତ୍ପାଦ ରପ୍ତାନି

ନୂଆଦିଲ୍ଲୀ,୭।୪

କୃଷି ଉତ୍ପାଦ ରପ୍ତାନି କରି ଭାରତ ଏକ ବିରଳ ରେକର୍ଡ କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପରିମାଣ ୫୦ ବିଲିୟନ ବା ୫ ହଜାର କୋଟି ଡଲାର ଟପିଛି। ଏହା ହେଉଛି ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ପରିମାଣର କୃଷି ଉତ୍ପାଦ ରପ୍ତାନି। ବାଣିଜ୍ୟିକ ସୂଚନା ଏବଂ ପରିସଂଖ୍ୟାନ ମହାନିର୍ଦ୍ଦେଶାଳୟ (ଡିଜିସିଆଇ ଆଣ୍ଡ ଏସ୍) ଏ ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ମହାନିର୍ଦ୍ଦେଶାଳୟର ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ କୃଷି ରପ୍ତାନି ପରିମାଣ ୧୯.୯୨% ବୃଦ୍ଧି ପାଇ ୫୦.୨୧ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ବର୍ଷ ଚାଉଳ (୯୬୫ କୋଟି ଡଲାର), ଗହମ (୨୧୯ କୋଟି ଡଲାର), ଚିନି (୪୬୦ କୋଟି ଡଲାର) ଏବଂ ଅନ୍ୟାନ୍ୟ ଶସ୍ୟ (୧୦୮ କୋଟି ଡଲାର) ରପ୍ତାନି ହୋଇଛି। ସେହିଭଳି ସାମୁଦ୍ରିକ ଉତ୍ପାଦ ରପ୍ତାନି ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ୭୭୧ କୋଟି ଡଲାର ରହିଥିବା ବେଳେ ମସଲା ରପ୍ତାନି ଲଗାତର ଦ୍ୱିତୀୟ ବର୍ଷ ବୃଦ୍ଧି ପାଇ ୪୦୦ କୋଟି ଡଲାରରେ ପହଞ୍ଚିଛି। ସେହିପରି ଯୋଗାଣ କ୍ଷେତ୍ରରେ ବାଧା ସତ୍ତ୍ୱେ କଫି ରପ୍ତାନି ପ୍ରଥମ ଥର ପାଇଁ ୧୦୦ କୋଟି ଡଲାର ଅତିକ୍ରମ କରିଛି।

# ୨.୫ ଟଙ୍କା ବଢ଼ିଛି ସିଏନ୍‌ଜି

ନୂଆଦିଲ୍ଲୀ,୭।୪

କ୍ରମାଗତ ୨ୟ ଦିନ ଲାଗି କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ମୂଲ୍ୟ ପରିବର୍ତ୍ତନ ହୋଇଛି। ଏପରିକି ନୂଆଦିଲ୍ଲୀରେ ଗୁରୁବାର ସିଏନ୍‌ଜି ମୂଲ୍ୟ କିଲୋଗ୍ରାମ ପିଛା ୨.୫୦ ଟଙ୍କା ବୃଦ୍ଧି ପାଇଛି। ଗତ ମାର୍ଚ୍ଚଠାରୁ ମୋଟ ୧୨.୫ ଟଙ୍କା କିଲୋଗ୍ରାମ ପିଛା ଦର ବୃଦ୍ଧି ଘଟିଛି। ନୂଆଦିଲ୍ଲୀରେ ସିଏନ୍‌ଜି ମୂଲ୍ୟ କିଲୋଗ୍ରାମ ପିଛା ୬୯.୧୧ ଟଙ୍କା ରହିଛି। ଏ ନେଇ ସିଏନ୍‌ଜି ରିଟେଲ ଏବଂ ପାଇପ୍ ରନ୍ଧନ ଗ୍ୟାସ୍ ସଂସ୍ଥା ଇନ୍ଦ୍ରପ୍ରଥା ଗ୍ୟାସ୍ ଲିମିଟେଡ୍ (ଆଇଜିଏଲ୍) ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବୁଧବାର ସିଏନ୍‌ଜି କିଲୋଗ୍ରାମର ମୂଲ୍ୟ୨.୫୦ ଟଙ୍କା ବୃଦ୍ଧି ପାଇଥିଲା। ତେବେ ପାଇପ୍ ରନ୍ଧନ ଗ୍ୟାସ୍ (ପିଏନ୍‌ଜି) ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।

## ଫୁରସତ୍


ଭୂମି ପେଡନେକର

# ଆକ୍ସନ ଫିଲ୍ମରେ ରୁଚି

**ମୁମ୍ବାଇ:** ଏକାଧିକ ବଲିଉଡ୍ ଫିଲ୍ମରେ କାମ କରି ନିଜ ଅଭିନୟ ଜଲୱାରେ ଦର୍ଶକଙ୍କ ମନ କିଣିଥିବା ଭୂମି ପେଡନେକର ଏବେ ଆକ୍ସନ ଫିଲ୍ମ କରିବା ପାଇଁ ମନ ବଳାଇଛନ୍ତି। ଏକ ସାକ୍ଷାତକାରରେ ଭୂମି କହିଛନ୍ତି ଯେ, ମୁଁ ବର୍ତ୍ତମାନ ଆକ୍ସନ ଫିଲ୍ମରେ ଅଭିନୟ କରିବାକୁ ଚାହୁଁଛି। ବର୍ତ୍ତମାନ ସୁଦ୍ଧା ଏ ପ୍ରକାର ଫିଲ୍ମରେ କାମ କରି ନ ଥିବାବେଳେ ଆଗାମୀ ଦିନରେ ଯଦି ମୋତେ ଆକ୍ସନ ଫିଲ୍ମ କରିବାକୁ ସୁଯୋଗ ମିଳେ ତେବେ ମୁଁ ନିହାତି ଭାବେ ଫିଲ୍ମରେ କାମ କରିବି ବୋଲି ସେ କହିଛନ୍ତି। ହଲିଉଡ୍ ଫିଲ୍ମ 'ଲାରା କ୍ରୋଫ୍ଟ', 'ମାଟ୍ରିକ୍ସ' ପରି ଆକ୍ସନ ଫିଲ୍ମରେ ନିଜକୁ ଦେଖିବାକୁ ତାଙ୍କର ଇଚ୍ଛା ଥିବା ସେ ସାକ୍ଷାତକାରରେ କହିଛନ୍ତି। ଫିଲ୍ମି ଦୁନିଆରେ ଅନେକ କିଛି ନୂଆ ଜିନିଷ ଜାଣିବାକୁ ଥିବାବେଳେ ଏଥିରୁ ଅନେକ ଜିନିଷ ଆବିଷ୍କାର ମଧ୍ୟ କରାଯାଇ ପାରିବ। ବି.ଟାଉନ୍‌ରେ ଭୂମି ନିଜ ଟ୍ୟାଲେଣ୍ଟ ଜରିଆରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିସାରିଛନ୍ତି। 'ଦମ୍ ଲଗାକେ ହଇସା'ରୁ ନିଜ ଫିଲ୍ମି କ୍ୟାରିୟର ସେ ଆରମ୍ଭ କରିଥିଲେ, ଯେଉଁଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଆୟୁଷ୍ମାନ ଖୁରାନା। ବର୍ତ୍ତମାନ ସୁଦ୍ଧା ଭୂମି ରୋମାଣ୍ଟିକ୍, ଫ୍ୟାମିଲି ଡ୍ରାମା ଏବଂ କମେଡି ଫିଲ୍ମ ଜରିଆରେ ନଜରକୁ ଆସିଛନ୍ତି। ଅଗଷ୍ଟ ୧୧ରେ ଭୂମି ଓ ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ରକ୍ଷା ବନ୍ଧନ' ରିଲିଜ୍ ହେବ। ଏହା ଏକ କମେଡି ଡ୍ରାମା ଫିଲ୍ମ ହୋଇଥିବାବେଳେ ଆନନ୍ଦ ଏଲ୍. ରାଏ ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି।

# ପ୍ରେମରେ ନାହିଁ ବୟସ ସୀମା



**କୋଲକାତା:** ପଶ୍ଚିମବଙ୍ଗ ନଦିଆ ଜିଲାର ସୁବ୍ରତ ସେନଗୁପ୍ତା ଓ ଅପର୍ଣ୍ଣା ଚକ୍ରବର୍ତ୍ତୀଙ୍କ ପ୍ରେମ କାହାଣୀକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ପ୍ରେମ ପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ ନ ଥିବାବେଳେ ବୃଦ୍ଧ ବୟସରେ ପ୍ରେମ ସମ୍ଭବ ବୋଲି ସୁବ୍ରତ ପ୍ରମାଣ କରି ଦେଖାଇଛନ୍ତି। ୨୦୧୯ରେ ଅପର୍ଣ୍ଣାଙ୍କୁ ବିବାହ ପାଇଁ ସେ ନିବେଦନ କରିଥିଲେ। କିନ୍ତୁ ଅପର୍ଣ୍ଣା ରାଜି ହୋଇ ନ ଥିଲେ। ଦୁହିଁଙ୍କ ପ୍ରେମ କାହାଣୀ ସାଧାରଣ ପ୍ରେମ କାହାଣୀଠାରୁ ସାମାନ୍ୟ ଭିନ୍ନ। ସୁବ୍ରତଙ୍କ ବୟସ ୭୦ ହୋଇଥିବାବେଳେ ଅପର୍ଣ୍ଣାଙ୍କ ବୟସ ୬୫ ବର୍ଷ। ଷ୍ଟେଟ୍ ଟ୍ରାନ୍ସପୋର୍ଟ କର୍ପୋରେଶନ୍ ଚାକିରି କରିଥିବା ସୁବ୍ରତ ଅବସର ପରେ ନିଜ ଭାଇଙ୍କ ଘରେ ରହୁଥିଲେ। ପରିବାର ଉପରେ ସେ ଏକ ବୋଝ ବୋଲି ଭାବି ଘର ଛାଡ଼ି ନଦିଆ ସ୍ଥିତ ବୃଦ୍ଧାଶ୍ରମରେ ଆସି ରହିଥିଲେ ; ଯେଉଁଠାରେ ତାଙ୍କର ସାକ୍ଷାତ ଅପର୍ଣ୍ଣାଙ୍କ ସହ ହୋଇଥିଲା। ଅପର୍ଣ୍ଣାଙ୍କୁ ଦେଖିବାମାତ୍ରରେ ସେ ତାଙ୍କୁ ମନ ଦେଇ ବସିଥିଲେ। ସୁବ୍ରତ ଚାହୁଁଥିରେ ଜୀବନର ଶେଷ ମୁହୂର୍ତ୍ତ ଭଲପାଉଥିବା ମଣିଷ ସହ କାଟିବା ଲାଗି। ସେଥିପାଇଁ ସେ ଅପର୍ଣ୍ଣାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଲୋକଲଜ୍ଜାକୁ କେନ୍ଦ୍ର କରି ଅପର୍ଣ୍ଣା ତାଙ୍କ ପ୍ରସ୍ତାବକୁ ଏଡ଼ାଇ ଦେଇଥିଲେ। ଏହାପରେ ସେ ଆଶ୍ରମ ଛାଡ଼ି ବାହାରେ ଭଡ଼ା ଘର ନେଇ ରହିବାକୁ ଲାଗିଲେ। ଦିନେ ହଠାତ୍ ସୁବ୍ରତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ତାଙ୍କ ସେବା କରିବା ପାଇଁ ପାଖରେ କେହି ପ୍ରିୟଜନ ନ ଥିବାବେଳେ ଅପୂର୍ଣ୍ଣା ସେଠାକୁ ଯାଇ ସେବା କରିଥିଲେ। କିଛିଦିନ ପରେ ସୁବ୍ରତଙ୍କ ଦେହ ଭଲ ହୋଇଥିଲା। ତା' ପରେ ଦୁହେଁ ବିବାହ କରିଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ବୈଷ୍ଣବ ଚରଣ ସାହୁ

ଜଡ଼ତିରା, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଆବିର୍ଭାବ-୧୦।୦୩।୧୯୩୦
ତିରୋଧାନ- ୨୯।୦୩।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣ ଆମ୍ଭମାନଙ୍କୁ ସବୁଦିନ ପାଇଁ ଶୋକ ସାଗରରେ ଛାଡ଼ି ଚାଲିଗଲେ, ମାତ୍ର ଆପଣ ଆମ୍ଭ ସ୍ମୃତିରେ ଆମ୍ଭମାନଙ୍କ ସହିତ ଚିରଦିନ ପାଇଁ ରହିଥିବେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନାକରୁଛୁ ସେ ଆପଣଙ୍କୁ ତାଙ୍କ ପାଦ ପଦ୍ମରେ ସ୍ଥାନ ଦେଇ ଶାନ୍ତି ପ୍ରଦାନ କରନ୍ତୁ।

**ଶୋକସନ୍ତପ୍ତ:** ପତ୍ନୀ: ସାରଥି, ପୁତ୍ର: ଶିବ ପ୍ରସାଦ, ଶୋଲେନ, ପୁତ୍ରବଧୂ: ରୋଷ୍ନା, ଜ୍ୱାଇଁ: ରୁଦ୍ର, ନାରାୟଣ, ନଗେନ୍ଦ୍ର, ଝିଅ: ମନୋରମା, ଡଲି, ଝିଲି, ନାତି, ନାତୁଣୀ: ଚିକୁ, ଚିନ୍ଦୁ, ଗୁନ, ଧୁନ, ସାରଦା, ମାମା, ବାୟା ତଥା ବନ୍ଧୁ ଓ ପରିଜନ।

ଧ-୦୬୦

# ଯୁଦ୍ଧ ବନ୍ଦ ଆଶାରେ ବୃକ୍ଷରୋପଣ

**କିଭ୍:** କିଭ୍‌ରେ ଜଣେ ମହିଳା ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ବିରାମ ଲାଗିବା ଆଶାରେ ବଗିଚାରେ ଫୁଲ ଗଛ ଲଗାଉଛନ୍ତି। ମହିଳା ଗଛ ଲଗାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ରିଟେନର ଖବରଦାତା ରିଚାର୍ଡ ଗେସଫୋର୍ଡ ଟୁଇଟରରେ ଏକ ଭିଡିଓ ଶେୟାର କରିଛନ୍ତି ; ଯେଉଁଥିରେ କିଭ୍ ପାର୍କରେ ମହିଳା ଫୁଲ ଗଛ ଲଗାଉଥିବା ଦେଖିବାକୁ ମିଳିଛି। ରୁଷିଆ ଆକ୍ରମଣ ଦ୍ୱାରା ୟୁକ୍ରେନ୍ ଧ୍ୱଂସସ୍ତୂପ ପାଲଟିଯାଇଛି। ରାସ୍ତାରେ କୁଢ଼ କୁଢ଼ ମୃତ ଦେହ ଏଣେତେଣେ ପଡ଼ି ଥିବାବେଳେ ରାଜଧାନୀ କିଭ୍‌ରେ ଥିବା ଐତିହ୍ୟ କୀର୍ତ୍ତିରାଜି ସବୁ ନଷ୍ଟ ହୋଇଯାଇଛି। ଯୁଦ୍ଧକୁ ୪୩ ଦିନ ବିତିଯାଇଛି। ଏବେବି ୟୁକ୍ରେନ୍‌ବାସୀଙ୍କ ମନରେ ଯୁଦ୍ଧ ବନ୍ଦ ହେବା ଲାଗି ଆଶା ରହିଛି।



# ପ୍ରତି ମାସରେ ଗର୍ଲଫ୍ରେଣ୍ଡକୁ ଦିଅନ୍ତି ୮୨ ଲକ୍ଷ

**ରୋମ:** ପର୍ତ୍ତୁଗୀଜର ପ୍ରସିଦ୍ଧ ଫୁଟ୍‌ବୋଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଧନୀ ଖେଳାଳିଙ୍କ ମଧ୍ୟରୁ ଜଣେ। ଖେଳ ବ୍ୟତୀତ ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଲୋକେ ପସନ୍ଦ କରନ୍ତି। କିନ୍ତୁ ଏଥର ତାଙ୍କ ଗର୍ଲଫ୍ରେଣ୍ଡ ଜର୍ଜିନା ରୋଡରିଜିଉଜ୍‌ଙ୍କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଏକ ରିପୋର୍ଟ ମୁତାବକ, ରୋନାଲ୍ଡୋ ଗର୍ଲଫ୍ରେଣ୍ଡ ଜର୍ଜିନାଙ୍କୁ ପ୍ରତି ମାସରେ ଖର୍ଚ୍ଚପାଇଁ ୮୦ଲକ୍ଷରୁ ଅଧିକ ଟଙ୍କା ଦେଇଥାନ୍ତି। ବ୍ରିଟିଶ ମିଡିଆ ଗର୍ଲଫ୍ରେଣ୍ଡକୁ ଦେଉଥିବା ଟଙ୍କାକୁ ଦରମା ବୋଲି କହିଛି।



ରିପୋର୍ଟ ଅନୁସାରେ ଜର୍ଜିନାକୁ ପ୍ରତି ମାସରେ ୮୨ ଲକ୍ଷରୁ ଅଧିକ ଟଙ୍କା ତାଙ୍କ ପିଲାଙ୍କ ଦେଖାଶୁଣା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମିଳିଥାଏ। ଏହା ପୂର୍ବରୁ ରୋନାଲ୍ଡୋ ଗର୍ଲଫ୍ରେଣ୍ଡ ଜର୍ଜିନାଙ୍କୁ ଦେଢ କୋଟି ଟଙ୍କାର ଏକ କାର ଗିଫ୍ଟ କରିଥିଲେ। ୨୦୧୬ରୁ ଦୁହେଁ ଏକାଠି ରହୁଛନ୍ତି। ଜର୍ଜିନା ଏବଂ ରୋନାଲ୍ଡୋ ଏକାଠି ରହିବା ପରଠାରୁ ଜର୍ଜିନାଙ୍କ ଜୀବନଶୈଳୀ ବଦଳିଯାଇଛି। ଉଭୟ ବିଳାସମୟ ଜୀବନ ଅତିବାହିତ କରୁଛନ୍ତି। ତେବେ ଜର୍ଜିନା ପେସାରେ ଜଣେ ମଡେଲ। ସେ କେତେକ ବଡ ବଡ ବିଜ୍ଞାପନରେ ମଧ୍ୟ ନଜରକୁ ଆସିଛନ୍ତି। ଦି ମିରର ରିପୋର୍ଟ ଅନୁସାରେ, ଜର୍ଜିନା ଏବଂ ରୋନାଲ୍ଡୋ ୪୮ କୋଟି ଟଙ୍କାର ବିଳାସ କୋଠାରେ ରୁହନ୍ତି। ଦାମୀ ଲକ୍‌ଜ୍ୟୁରି କାରଗୁଡ଼ିକରେ ବୁଲିବାକୁ ଯାଇଥାନ୍ତି। ରହୁଥିବା ମହଲରେ ସୁଇମିଂ ପୁଲ, ଜିମ୍ ଏବଂ ଫୁଟବଲ ଗ୍ରାଉଣ୍ଡ ମଧ୍ୟ ରହିଛି। ତେବେ ଆକାଶ ମାର୍ଗରେ ଯିବା ପାଇଁ ପ୍ରାଇଭେଟ୍ ଜେଟ୍‌ର ବ୍ୟବହାର କରିଥାନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଓଡ଼ିଶାରେ ପ୍ରଥମଥରପାଇଁ ହେବାକୁ ଯାଉଛି ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟବଲ ପ୍ରତିଯୋଗିତା। ଏହି ସମ୍ମାନଜନକ ଲିଗ୍ ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଏବଂ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଏପ୍ରିଲ ୧୫ରୁ ମେ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ...**

# ଓଡ଼ିଶାରେ ଆଇଡବ୍ଲ୍ୟୁଏଲ୍



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବେ କ୍ରିକେଟ ପ୍ରେମୀଙ୍କୁ ଉଲ୍ଲସିତ କରୁଥିବାବେଳେ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଛି କ୍ଲବ ଭିତ୍ତିକ ଫୁଟବଲର ଏକ ବଡ଼ ପ୍ରତିଯୋଗିତା। ବିଶେଷ କରି ମହିଳା ଫୁଟବଲକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ପାଇଁ ଏହା ଅନେକ ଗୁରୁତ୍ୱ ରଖିବ। ସର୍ବଭାରତୀୟ ଫୁଟବଲ୍ ଫେଡେରେଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଓଡ଼ିଶାରେ ପ୍ରଥମଥରପାଇଁ ହେବାକୁ ଯାଉଛି ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟବଲ। କ୍ରିକେଟରେ ଆଇପିଏଲ୍ ପରି ଫୁଟବଲ ପ୍ରେମୀଙ୍କ ମନରେ ଏହା ରୋମାଞ୍ଚ ଭରିବ। ଏହି ସମ୍ମାନଜନକ ଲିଗ୍ ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଏବଂ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଏପ୍ରିଲ ୧୫ରୁ ମେ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ୩ଟି ଯାକ ଗ୍ରାଉଣ୍ଡ ପ୍ରସ୍ତୁତ ରହିଥିବାବେଳେ ବାହାର ରାଜ୍ୟରୁ ବିଭିନ୍ନ ଦଳ ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କରିଛନ୍ତି। ଦଳଗୁଡ଼ିକର ରହିବା ଏବଂ ଟ୍ରେନିଂ ବ୍ୟବସ୍ଥା କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ କରାଯାଇଛି। ଅଭ୍ୟାସ ପାଇଁ ଆବଶ୍ୟକ ହେଲେ ଅନ୍ୟ ଗ୍ରାଉଣ୍ଡ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ଖେଳାଳିମାନଙ୍କୁ ଆସନ୍ତା ୯ ଓ ୧୦ ତାରିଖ ସୁଦ୍ଧା ରିପୋର୍ଟ କରିବାକୁ କୁହାଯାଇଛି। ଏହାପରେ ସମସ୍ତ ଦଳର ସଦସ୍ୟ ବାୟୋ-ବବ୍‌ଲରେ ରହିବେ।

**ପଞ୍ଚମ ସଂସ୍କରଣ:** ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ର ଏହା ହେବ ୫ମ ସଂସ୍କରଣ। ୨୦୧୬-୧୭ରେ ପ୍ରଥମ ସଂସ୍କରଣ ଦିଲ୍ଲୀର ଆମ୍ବେଡକର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏହାର ଫାଇନାଲରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ହରାଇ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ଚାମ୍ପିୟନ ହୋଇଥିଲା। ୨୦୧୭-୧୮ରେ ଦ୍ୱିତୀୟ ସଂସ୍କରଣ ମେଘାଳୟର ଶିଲଂଠାରେ ଆୟୋଜିତ ହୋଇଥିଲା। ଏହାର ଫାଇନାଲରେ ପୂର୍ବ ସଂସ୍କରଣର ବିପରୀତ ଫଳ ଆସିଥିଲା। ଅର୍ଥାତ୍ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନକୁ ପରାସ୍ତ କରି ମଧୁର ପ୍ରତିଶୋଧ ନେଇଥିଲା ଓଡ଼ିଶାଭିତ୍ତିକ ଦଳ ରାଇଜିଂ ଷ୍ଟୁଡେଣ୍ଟ। ୨୦୧୮-୧୯ ସିଜନରେ ତୃତୀୟ ସଂସ୍କରଣ ପଞ୍ଜାବର ଲୁଧିଆନାସ୍ଥିତ ଗୁରୁ ନାନକ ଷ୍ଟାଡିୟମରେ ଖେଳା ଯାଇଥିଲା। ଏଥର ମଣିପୁର ସ୍ପୋର୍ଟ୍ସ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିଲା ତାମିଲନାଡୁଭିତ୍ତିକ କ୍ଲବ ସେଥୁ ଏଫ୍‌ସି। ୨୦୧୯-୨୦ ସିଜନରେ ୪ର୍ଥ ସଂସ୍କରଣ ବେଙ୍ଗାଲୁରୁସ୍ଥିତ ବାଙ୍ଗାଲୋର ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋକୁଲମ୍ କେରଳ ଚାମ୍ପିୟନ ଓ ମଣିପୁରଭିତ୍ତିକ ଦଳ କ୍ରିଫ୍‌ସା (କାଙ୍ଗଚୁପ ରୋଡ ୟଙ୍ଗ ଫିଜିକାଲ ସ୍ପୋର୍ଟ୍ସ ଆସୋସିଏଶନ) ରନର୍ସଅପ୍ ହୋଇଥିଲା। ୨୦୨୦-୨୧ ସିଜନରେ ଏହି ଲିଗ୍ ବାତିଲ ହୋଇଥିଲା।

**ଭାଗନେବେ ୧୨ ଦଳ:** ଆଗାମୀ ପ୍ରତିଯୋଗିତାରେ ଭାରତର ପ୍ରତିଷ୍ଠିତ ୧୨ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜକଭାବେ ସ୍ପୋର୍ଟ୍ସ ଓଡ଼ିଶା ଡେବ୍ୟୁ କରିବାକୁ ଯାଉଥିବାବେଳେ ଭାରତର ଡେଭଲପ୍‌ମେଣ୍ଟାଲ ଟିମ୍ ଇଣ୍ଡିଆନ ଆରୋଜ ମହିଳା ଦଳ ମଧ୍ୟ ପ୍ରଥମଥର ପାଇଁ ଖେଳିବ। ଏହା ବ୍ୟତୀତ କେରଳ ଓମେନ୍ସ ଲିଗ୍ ଚାମ୍ପିୟନ ଗୋକୁଲମ କେରଳ, ଦିଲ୍ଲୀ ଓମେନ୍ସ ପ୍ରିମିୟର ଲିଗ୍ ଚାମ୍ପିୟନ ହଂସ ଓମେନ, କର୍ଣ୍ଣାଟକ ଓମେନ୍ସ ସୁପର ଡିଭିଜନ ଲିଗ୍ ଚାମ୍ପିୟନ କିକ୍‌ଷ୍ଟାର୍ଟ, ଛତିଶଗଡ଼ ରାଜ୍ୟ ମହିଳା ଲିଗ୍ ଚାମ୍ପିୟନ ମାତା ରୁକ୍ମିଣୀ ଗର୍ଲ୍ସ, ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ପୋଲିସ, ଡବ୍ଲ୍ୟୁଆଇଏଫ୍‌ଏ ଓମେନ୍ସ ଲିଗ୍ ଚାମ୍ପିୟନ ପିଫା(ପିଆଇଏଫ୍‌ଏ) ସ୍ପୋର୍ଟ୍ସ, ତାମିଲନାଡୁ ଓମେନ୍ସ ଲିଗ୍ ଚାମ୍ପିୟନ ସେଥୁ ଏଫ୍‌ସି, ଜିଏଫ୍‌ଏ ବେଦାନ୍ତ ଓମେନ୍ସ ଲିଗ୍ ଚାମ୍ପିୟନ ସିର୍ଭୋଡେମ୍ ସ୍ପୋର୍ଟିଂ, କାଲିକଟ ଓମେନ୍ସ ଫୁଟବଲ ଲିଗ୍ ଚାମ୍ପିୟନ ଏସଏସବି ଓମେନ ଏବଂ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର କ୍ୱାଲିଫାୟର ଦଳ ଗୁଜରାଟର ଅହମଦାବାଦ ରକେଟ ଏକାଡେମୀ (ଏଆର୍‌ଏ) ଫୁଟବଲ କ୍ଲବ ଏଥିରେ ଭାଗନେବେ। ସ୍ପୋର୍ଟ୍ସ ଓଡ଼ିଶା ଓ ଓଡ଼ିଶା ପୋଲିସ ଭାବେ ରାଜ୍ୟର ୨ଟି ଦଳ ଏଥର ଭାଗ୍ୟ ପରୀକ୍ଷା କରିବେ। ଗୀତାଞ୍ଜଳି ଖୁଣ୍ଟିଆ ସ୍ପୋର୍ଟ୍ସ ଓଡ଼ିଶା ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ରେ ଭାଗ ନେଉଥିବା ୧୨ ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ। ଅର୍ଥାତ୍ ପ୍ରତି ଦଳ ୧୧ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇବେ। ଯେଉଁ ଦଳ ସର୍ବାଧିକ ପଏଣ୍ଟ ପାଇବ ସେ ଚାମ୍ପିୟନ ହେବ।




## ପୂର୍ବ ସିଜନ ଫଳାଫଳ

| ସିଜନ | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୨୦୧୬-୧୭ | ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ | ରାଇଜିଂ ଷ୍ଟୁଡେଣ୍ଟ |
| ୨୦୧୭-୧୮ | ରାଇଜିଂ ଷ୍ଟୁଡେଣ୍ଟ କ୍ଲବ | ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ |
| ୨୦୧୮-୧୯ | ସେଥୁ ଏଫ୍‌ସି | ମଣିପୁର ପୋଲିସ ଏଫ୍‌ସି |
| ୨୦୧୯-୨୦ | ଗୋକୁଲମ କେରଳ | କ୍ରିଫ୍‌ସା |

## କେଉଁ ରାଜ୍ୟରୁ କିଏ

| କ୍ଲବ | ସହର | ରାଜ୍ୟ |
|---|---|---|
| ଏଆର୍‌ଏ | ଅହମଦାବାଦ | ଗୁଜରାଟ |
| ଗୋକୁଲମ କେରଳ | କାଲିକଟ | କେରଳ |
| ହଂସ ଓମେନ | ନୂଆଦିଲ୍ଲୀ | ଦିଲ୍ଲୀ |
| କିକ୍‌ଷ୍ଟାର୍ଟ | ବେଙ୍ଗାଲୁରୁ | କର୍ଣ୍ଣାଟକ |
| ମାତା ରୁକ୍ମିଣୀ ଗର୍ଲ୍ସ | ବସ୍ତର | ଛତିଶଗଡ଼ |
| ଓଡ଼ିଶା ପୋଲିସ | କଟକ | ଓଡ଼ିଶା |
| ପିଫା ସ୍ପୋର୍ଟ୍ସ ଏଫ୍‌ସି | ମୁମ୍ବାଇ | ମହାରାଷ୍ଟ୍ର |
| ସେଥୁ ଏଫ୍‌ସି | ଚେନ୍ନାଇ | ତାମିଲନାଡୁ |
| ସିର୍ଭୋଡେମ୍ ସ୍ପୋର୍ଟିଂ | ସଲସେଟ | ଗୋଆ |
| ସ୍ପୋର୍ଟ୍ସ ଓଡ଼ିଶା | ଭୁବନେଶ୍ୱର | ଓଡ଼ିଶା |
| ଏସ୍‌ଏସ୍‌ବି ଓମେନ | କୋଲକାତା | ୱେଷ୍ଟବେଙ୍ଗଲ |

## ଶ୍ରଦ୍ଧାଞ୍ଜଳି ଓଡ଼ିଶା ପୋଲିସ ଦଳର କୋଚ୍



ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ପୋଲିସ ଉପରେ ଏଥର ନଜର ରହିବ। ରାଜ୍ୟ ଲିଗ୍‌ରେ ୬ଟି ଦଳକୁ ନେଇ ମୋଟ ୩୦ଟି ମ୍ୟାଚ ହେବାପରେ ଓଡ଼ିଶା ପୋଲିସ ସର୍ବାଧିକ ୨୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲା। ସ୍ପୋର୍ଟ୍ସ ଓଡ଼ିଶା ୨୦ ପଏଣ୍ଟ ସହିତ ଦ୍ୱିତୀୟ, ଇଷ୍ଟକୋଷ୍ଟ ରେଲ୍‌ୱେ ୧୯ ପଏଣ୍ଟ ସହ ତୃତୀୟ ସ୍ଥାନ ପାଇଥିଲା। ଫଳରେ ଓଡ଼ିଶା ପୋଲିସ ଆଇଡବ୍ଲ୍ୟୁ ପାଇଁ ସିଧାସଳଖ ଯୋଗ୍ୟତା ପାଇଥିଲା। ଏଥର ଓଡ଼ିଶା ପୋଲିସ ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଶ୍ରଦ୍ଧାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ପୋଲିସ ପ୍ରଦର୍ଶନର ଛାପ ଛାଡ଼ିବା ପାଇଁ ଅଭ୍ୟାସକୁ ଜୋରଦାର କରିଛି। ପୂର୍ବରୁ ଶ୍ରଦ୍ଧାଞ୍ଜଳି ବହୁବାର ବିଭିନ୍ନ ବୟସ ବର୍ଗରେ ଜାତୀୟ ଦଳର ଖେଳାଳିଙ୍କୁ କୋଚିଂ ଦେଇ ସୁନାମ ଅର୍ଜନ କରିଛନ୍ତି। ଏହା ବ୍ୟତୀତ ସେ ଜାତୀୟ ଦଳର ଚୟନକର୍ତ୍ତାଭାବେ ମଧ୍ୟ ଗୁରୁଦାୟିତ୍ୱ ବହନ କରିଛନ୍ତି। ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ହୋଇଥିବା ରାଇଜିଂ ଷ୍ଟୁଡେଣ୍ଟ ଦଳର ସହକାରୀ କୋଚ୍ ମଧ୍ୟଥିଲେ ଏହି ପୂର୍ବତନ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ଖେଳାଳି। ଓଡ଼ିଶା ପୋଲିସ ପୂର୍ବରୁ ୨୦୧୯-୨୦ ସିଜନରେ ଭାଗନେଇ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଗ୍ରୁପ୍ 'ବି'ରେ ଏହି ଦଳ ୫ ମ୍ୟାଚ ଖେଳି ୨ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ୨ଟି ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଯାଇଥିଲେ। ଫଳରେ ଓଡ଼ିଶା ପୋଲିସ ଅଳ୍ପକେ ନକ୍‌ଆଉଟ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏଥର କିନ୍ତୁ ଦଳ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଆଶା ରଖିଛନ୍ତି।

---

# ଅସ୍ଥିର ପ୍ରଦର୍ଶନ



ନିର୍ମଳ କୁମାର ମିଶ୍ର

**ଚଳିତ ସିଜନର ରଣଜୀ ଟ୍ରଫିରେ ଗୋଆ ବିପକ୍ଷ ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ସହିତ ମ୍ୟାଚ ଡ୍ର ରଖିଥିଲା ଓଡ଼ିଶା। ତେବେ ଅନ୍ୟ ଦୁଇଟି ମ୍ୟାଚରେ ସୌରାଷ୍ଟ୍ର ଏବଂ ମୁମ୍ବାଇ ବିପକ୍ଷରେ ଇନିଂସ ପରାଜୟବରଣ କରିଥିଲା। ସିନିୟର ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା...**

ଇତିମଧ୍ୟରେ ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍-ଡିରେ ଶକ୍ତିଶାଳୀ ମୁମ୍ବାଇ, ଗତବର୍ଷର ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ଏବଂ ଗୋଆ ସହିତ ସ୍ଥାନ ପାଇଥିଲା ଓଡ଼ିଶା। ଦଳ ୩ଟି ଯାକ ଗ୍ରୁପ୍ ମ୍ୟାଚ ଅହମଦାବାଦର ସର୍ଦ୍ଦାର ପଟେଲ ଷ୍ଟାଡିୟମରେ ଖେଳିଥିଲା। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଏକ ଶ୍ରେଷ୍ଠ ଦଳ ଏଥର ରଣଜୀ ଟ୍ରଫିରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। କାରଣ ଗତ କଳାହାଣ୍ଡି କପ୍‌ରେ ଉତ୍ତମ ଖେଳିଥିବା ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ଏଥର ସ୍ଥାନ ଦିଆଯାଇଥିଲା। ତେବେ ସବୁଠାରୁ ଅଭିଜ୍ଞ ବ୍ୟାଟର ବିପ୍ଳବ ସାମନ୍ତରାୟ ଏବଂ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ସ୍ଥାନ ପାଇପାରି ନ ଥିଲେ। ପ୍ରଦର୍ଶନ ଦୃଷ୍ଟିରୁ ଗତ ରଣଜୀ ଟ୍ରଫିରେ ଓଡ଼ିଶା ଦଳର ପ୍ରଦର୍ଶନ ଖରାପ ରହିଥିଲା। ଫଳରେ ନକ୍ ଆଉଟ୍ ପର୍ଯ୍ୟାୟକୁ ଯିବା ଦିବାସ୍ୱପ୍ନ ସଦୃଶ ହୋଇଥିଲା। ନୂଆ ଫର୍ମାଟ୍ ଅନୁସାରେ ଏଥର ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ। ମାତ୍ର ନିମ୍ନମାନର ପ୍ରଦର୍ଶନ ଯୋଗୁ ଓଡ଼ିଶା ଲିଗ୍ ପର୍ଯ୍ୟାୟରୁ ବିଦାହୋଇଥିଲା।

ଗୋଆ ବିପକ୍ଷ ମ୍ୟାଚରେ ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ ସହିତ ମ୍ୟାଚ ଡ୍ର ରଖିଥିଲା ଓଡ଼ିଶା। ତେବେ ଅନ୍ୟ ଦୁଇଟି ମ୍ୟାଚ ସୌରାଷ୍ଟ୍ର ଏବଂ ମୁମ୍ବାଇ ବିପକ୍ଷରେ ଇନିଂସ ପରାଜୟ ଆମ ଖେଳାଳିଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଥିଲା। ସିନିୟର ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ସିନିୟର ଦଳର ପ୍ରଦର୍ଶନ ସ୍ୱାଭାବିକଭାବେ ଜୁନିୟର ଦଳ ଉପରେ ପ୍ରଭାବ ପକାଇଥାଏ। ଏଥର ଜୁନିୟର ଦଳର ପ୍ରଦର୍ଶନରେ ମଧ୍ୟ ସେପରି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଅଭିଜ୍ଞ କୋଚ ୱାସିମ ଜାଫରଙ୍କୁ ନିଯୁକ୍ତି, ନୂଆ ଚୟନ କମିଟି, ଅଭ୍ୟାସ ମ୍ୟାଚ ପାଇଁ ଅନ୍ୟ ରାଜ୍ୟଦଳଗୁଡ଼ିକୁ ଆମନ୍ତ୍ରଣ, ଖେଳାଳିଙ୍କ ପ୍ରଦର୍ଶନ ଭିତ୍ତିରେ ଦଳ ଚୟନ, ଅନଫିଟ୍ ଖେଳାଳିଙ୍କୁ ବାଦ୍ ଦିଆଯିବା, ଯୁବ ଖେଳାଳିଙ୍କୁ ସୁଯୋଗ ସତ୍ତ୍ୱେ ତାହା ଫଳାଫଳରେ ରୂପାନ୍ତରିତ ହୋଇ ପାରିନାହିଁ। କ୍ରମାଗତଭାବେ ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବା ଚିନ୍ତା ବଢ଼ାଇଛି। ଦୀର୍ଘ ୨୨ବର୍ଷ ହେବ କୌଣସି ଓଡ଼ିଶା ଖେଳାଳି ଜାତୀୟ ଦଳରେ ସାମିଲ ହୋଇପାରି ନାହାନ୍ତି। ଏହା ଓଡ଼ିଶା କ୍ରିକେଟର ଦକ୍ଷତାକୁ ପଦାରେ ପକାଇ ଦେଇଛି। ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କଲେ ମଧ୍ୟ ତା'ର ସୁଫଳ ମିଳୁନାହିଁ।

ନୂଆ ରଣଜୀ ଫର୍ମାଟ୍ ଯୋଗୁ ଖେଳାଳିଙ୍କ ଏପରି ପ୍ରଦର୍ଶନ ଅନ୍ୟତମ କାରଣ ବୋଲି କୁହା ଯାଇପାରେ। ଗତ ରଣଜୀ ସିଜନ୍‌ରେ ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୮ଟି ଲେଖାଏ ମ୍ୟାଚ ଖେଳିଥିବାବେଳେ ଏଥର ତାହା ମାତ୍ର ୩ ମଧ୍ୟରେ ସୀମିତ ରହିଥିଲା। ଏହା ସତ୍ତ୍ୱେ ଅନେକ ଦଳର ଖେଳାଳି ବହୁତ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ଓଡ଼ିଶା କ୍ଷେତ୍ରରେ ତାହା ହୋଇ ନ ଥିଲା। ଦଳ ଏକ କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିଥିଲା ସତ, ମାତ୍ର ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଖେଳାଳିଙ୍କ ପ୍ରଦର୍ଶନ ନିମ୍ନମାନର ରହିଥିଲା। ବିଭିନ୍ନ ଦଳ ପକ୍ଷରୁ ଖେଳୁଥିବା ପେସ୍ ଏବଂ ସ୍ପିନ୍ ବୋଲରମାନଙ୍କ ମଧ୍ୟରୁ ୫୦ଜଣଙ୍କ ମଧ୍ୟରେ କୌଣସି ଓଡ଼ିଆ ବୋଲରଙ୍କ ନାଁ ନାହିଁ। ଆମର ବୋଲରମାନଙ୍କ ମଧ୍ୟରେ ଜୟନ୍ତ ବେହେରା, ଭେଟେରାନ ବସନ୍ତ ମହାନ୍ତି ଓ ଅଭିଷେକ ରାଉତ ୬ଟି ଲେଖାଏ ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ରାଜେଶ ମହାନ୍ତିଙ୍କୁ ୫ଟି ଉଇକେଟ ମିଳିଛି।

ସେହିପରି ବ୍ୟାଟିଂ କଥା ଦେଖିଲେ ଏକମାତ୍ର ବ୍ୟାଟର ରୂପେ ଶାନ୍ତନୁ ମିଶ୍ର ଟପ୍ ୫୦ଜଣଙ୍କ ମଧ୍ୟରେ ୪୨ତମ ସ୍ଥାନରେ ରହିଛନ୍ତି। ୩ଟି ମ୍ୟାଚରୁ ୨୬୮ ରନ୍ କରି ଓଡ଼ିଶା ପକ୍ଷରୁ ଟପ୍ ସ୍କୋରର ହୋଇଛନ୍ତି। ଉଇକେଟ କିପର ବ୍ୟାଟର ରାଜେଶ ଧୂପର ୩ଟି ମ୍ୟାଚରୁ ୨୨୧ରନ୍ କରିଥିବା ବେଳେ ଅଭିଷେକ ରାଉତ ମୋଟ ୩ଟି ମ୍ୟାଚରୁ ୨୦୨ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର ମୋଟ ୧୦୦ ରନ ପୂରଣ କରି ନ ପାରିବା ଆମ ବ୍ୟାଟିଂ ଦକ୍ଷତାର ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି। ବ୍ୟକ୍ତିଗତ ଭାବେ କୌଣସି ଖେଳାଳି ହୁଅନ୍ତୁ କିମ୍ବା ଦଳଗତ ଭାବେ ଓଡ଼ିଶା ପ୍ରଦର୍ଶନର ଛାପ ଛାଡ଼ିପାରି ନ ଥିଲା। ଏପରି ସ୍ଥିତିରେ ଆମ ଖେଳାଳି ଜାତୀୟ ଦଳପାଇଁ ଯୋଗ୍ୟ ବିବେଚିତ ହେବା ସମ୍ପର୍କରେ ଭାବିବା ବୃଥା।

ଓଡ଼ିଶା ଖେଳାଳିଙ୍କ ପରି ସମାନ ୩ଟି ମ୍ୟାଚ ଖେଳି ମୁମ୍ବାଇ ବାମହାତୀ ସ୍ପିନର ଜାକିର ମୁଲାନୀ ୨୯ଟି ଉଇକେଟ ନେଇଛନ୍ତି। ପ୍ଲେଟ୍ ଗ୍ରୁପ୍‌ରେ ଖେଳିଥିବା ନାଗାଲାଣ୍ଡ ବ୍ୟାଟର ସି.ଡି. ବିଷ୍ଟ ୪ ମ୍ୟାଚରୁ ସର୍ବାଧିକ ୬୨୩ ରନ କରିଥିବାବେଳେ ବିହାରର ସକିବୁଲ ଗନି ୩ ମ୍ୟାଚରୁ ୬୦୧ ରନ୍ ସ୍କୋର କରିଥିଲେ। ଆଉ ୨ଜଣ ବ୍ୟାଟର ୫୦୦ ରନ ଅତିକ୍ରମ କରିଛନ୍ତି। ସେମାନେ ହେଲେ ମୁମ୍ବାଇର ଆକ୍ରମଣାତ୍ମକ ବ୍ୟାଟର ସର୍ଫରାଜ ଖାଁ (୫୫୧ରନ୍) ଓ ମିଜୋରାମର ଟି. କୋହଲି (୫୨୬)। ସେହିପରି ମାତ୍ର ୩ଜଣ ବୋଲର ୨୦ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ମୁଲାନୀଙ୍କୁ ବାଦ୍‌ଦେଲେ ମହାରାଷ୍ଟ୍ରର ଏସ୍. ବଚଭ ୩ ମ୍ୟାଚରୁ ୨୧ ଏବଂ ରବି ତେଜା (ହାଇଦ୍ରାବାଦ) ୨୦ଟି ଉଇକେଟ ଅକ୍ତିଆର କରିଛନ୍ତି। ଏବେ ଚାଲିଛି ଟି୨୦ କ୍ରିକେଟର ଶ୍ରେଷ୍ଠ ପ୍ରଫେଶନାଲ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍)। ରଣଜୀ ଟ୍ରଫିର ନକ୍ ଆଉଟ୍ ପର୍ଯ୍ୟାୟ ଆଇପିଏଲ୍ ପରେ ଖେଳାଯିବ।

ଓଡ଼ିଶା ପାଇଁ ଚଳିତ ସିଜନର ରଣଜୀ ଟ୍ରଫି ଯାତ୍ରା ଶେଷ ହୋଇଛି। ଦଳ ବିଫଳତାର କାରଣ ଖୋଜା ଚାଲିଛି। ଓସିଏର ଭିଜନ ୨୦୨୪ ଠିକ୍ ପଥରେ ରହିଥିବା ବେଳେ ଖେଳାଳିମାନଙ୍କ ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ, ଟ୍ରେନିଂ ପାଇଁ ଶ୍ରେଷ୍ଠ କୋଚ, ବ୍ୟାପକ ଅଭ୍ୟାସ ମ୍ୟାଚ, ସମସ୍ତ ସୁବିଧା ସୁଯୋଗ, ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ସତ୍ତ୍ୱେ ଏହାର ସୁଫଳ ମିଳିପାରୁ ନ ଥିବାରୁ ଚିନ୍ତା ବଢ଼ିଛି। ରାଜ୍ୟର ଶ୍ରେଷ୍ଠ ଘରୋଇ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଛି ଏବଂ ଏଥି ସହିତ ବର୍ତ୍ତମାନ ଭିଜନ ୨୦୨୪ ମାଧ୍ୟମରେ ଖେଳାଳିମାନଙ୍କୁ ବହୁ ଆଗରୁ ଚୟନ କରି ଟିମ୍ ଉପରେ ଗୁରୁତ୍ୱ ଦେଲେ ଶ୍ରେଷ୍ଠ ପ୍ରଦର୍ଶନ ଆଶା କରାଯାଇପାରେ।




ଓଡ଼ିଶାର ଦୁଇ ଟପ୍ ସ୍କୋରର ରାଜେଶ ଧୂପର ଓ ଶାନ୍ତନୁ ମିଶ୍ର।

## ଓଡ଼ିଶା ଖେଳାଳିଙ୍କ ରଣଜୀ (୨୦୨୧-୨୨)ପ୍ରଦର୍ଶନ

### ବ୍ୟାଟିଂ

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଶତକ | ଅ.ଶତକ |
|---|---|---|---|---|---|---|---|
| ଶାନ୍ତନୁ ମିଶ୍ର | ୩ | ୬ | ୨୬୮ | ୧୦୩ | ୪୪.୬୬ | ୧ | ୨ |
| ରାଜେଶ ଧୂପର | ୩ | ୬ | ୨୧୧ | ୭୧* | ୪୨.୨୦ | ୦ | ୩ |
| ଅଭିଷେକ ରାଉତ | ୩ | ୬ | ୨୦୨ | ୫୯ | ୩୩.୬୬ | ୦ | ୧ |
| ଅଂଶୁମାନ ରଥ | ୧ | ୨ | ୪୮ | ୩୪ | ୨୪.୦୦ | ୦ | ୦ |
| ରାଜେଶ ମହାନ୍ତି | ୩ | ୫ | ୮୬ | ୩୯ | ୨୧.୫୦ | ୦ | ୦ |
| ଦେବାଶିଷ ସାମନ୍ତରାୟ | ୨ | ୪ | ୬୧ | ୨୨ | ୧୫.୨୫ | ୦ | ୦ |
| ସନ୍ଦିପ ପଟ୍ଟନାୟକ | ୨ | ୪ | ୫୬ | ୩୨ | ୧୪.୦୦ | ୦ | ୦ |
| ଅନୁରାଗ ଷଡ଼ଙ୍ଗୀ | ୨ | ୪ | ୫୫ | ୨୮ | ୧୩.୭୫ | ୦ | ୦ |
| ଦେବବ୍ରତ ପ୍ରଧାନ | ୨ | ୪ | ୨୭ | ୧୩ | ୧୩.୫୦ | ୦ | ୦ |
| ଶୁଭ୍ରାଂଶୁ ସେନାପତି | ୩ | ୬ | ୮୦ | ୨୯ | ୧୩.୩୩ | ୦ | ୦ |
| ଗୋବିନ୍ଦ ପୋଦ୍ଦାର | ୨ | ୪ | ୪୯ | ୩୭ | ୧୨.୨୫ | ୦ | ୦ |

### ବୋଲିଂ

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇନିଂସ ଶ୍ରେଷ୍ଠ | ମ୍ୟାଚ ଶ୍ରେଷ୍ଠ |
|---|---|---|---|---|---|---|---|
| ବସନ୍ତ ମହାନ୍ତି | ୨ | ୩ | ୮୦.୦ | ୧୬୦ | ୬ | ୩/୨୭ | ୪/୭୮ |
| ଅଭିଷେକ ରାଉତ | ୩ | ୪ | ୩୭.୦ | ୧୯୫ | ୬ | ୩/୧୦୬ | ୫/୧୨୬ |
| ଶୁଭ୍ରାଂଶୁ ସେନାପତି | ୩ | ୩ | ୧୧.୦ | ୪୨ | ୧ | ୧/୧୪ | ୧/୨୪ |
| ଜୟନ୍ତ ବେହେରା | ୨ | ୨ | ୭୫.୩ | ୨୮୫ | ୬ | ୪/୧୪୮ | ୪/୧୪୮ |
| ପ୍ରଶାନ୍ତ ରଣା | ୧ | ୧ | ୨୬.୦ | ୯୭ | ୨ | ୨/୯୭ | ୨/୯୭ |
| ଆଶିଷ ରାଏ | ୧ | ୨ | ୩୧.୦ | ୧୧୩ | ୨ | ୧/୪୪ | ୨/୧୨୨ |
| ପପୁ ରାୟ | ୧ | ୧ | ୨୬.୦ | ୧୨୨ | ୨ | ୨/୧୨୨ | ୨/୧୨୨ |
| ରାଜେଶ ମହାନ୍ତି | ୩ | ୪ | ୧୦୧.୦ | ୩୨୬ | ୫ | ୩/୧୨୩ | ୩/୧୨୩ |

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ଏପ୍ରିଲ ୮/୨୦୨୨ Rayagada, Friday, April 8/ 2022

# ଭାରତ-ନେଦରଲାଣ୍ଡ ମ୍ୟାଚ ଆଜି

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି**

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ-ନେଦରଲାଣ୍ଡ ମହିଳା ହକି ମ୍ୟାଚ ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଉଭୟ ଦଳ ଗୁରୁବାର ଅଭ୍ୟାସକୁ ଜୋରଦାର କରିଛନ୍ତି। ଅଲିମ୍ପିକ୍ ଚାମ୍ପିୟନ ନେଦରଲାଣ୍ଡକୁ ଭେଟିବାକୁ ଯାଉଥିବାରୁ ଦଳ ମଧ୍ୟରେ ଉତ୍ସାହ ରହିଛି ବୋଲି ପ୍ରି-ମ୍ୟାଚ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟିକା ସବିତା ପ୍ରକାଶ କରିଛନ୍ତି। ''ନେଦରଲାଣ୍ଡକୁ ଭେଟିବା ପାଇଁ ଆମ ଦଳର ଖେଳାଳିମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ସେମାନେ ଅଭିଜ୍ଞ ଖେଳାଳିଙ୍କ ବିନା ଏଠାକୁ ଆସିଛନ୍ତି ସତ, ମାତ୍ର ସେମାନଙ୍କ ଖେଳ ଷ୍ଟାଇଲରେ ପରିବର୍ତ୍ତନ ହେବନାହିଁ। ନେଦରଲାଣ୍ଡର ଏକ ଯୁବ ଦଳ ପ୍ରୋ-ଲିଗ୍ ମ୍ୟାଚ ଖେଳିବାକୁ ଯାଉଛି। ଏହାର ଅର୍ଥ ନୁହେଁ ଯେ, ଆମେ ଏହାକୁ ହାଲୁକାଭାବେ ନେବୁ। ଯୁବ ଖେଳାଳିମାନେ ସୁଯୋଗ ପାଇଥିବାରୁ ସେମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଆମେ ଅନ୍ୟ ମ୍ୟାଚଗୁଡ଼ିକ ଭଳି ଏଥର ମଧ୍ୟ ନିଜ ଖେଳ ଉପରେ ଫୋକସ କରି ଖେଳିବୁ'' ବୋଲି ସବିତା କହିଛନ୍ତି।

ଶେଷଥର ପାଇଁ ଦୁଇ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପରସ୍ପର ମୁହାଁମୁହିଁ ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟର ଏହି ମ୍ୟାଚରେ ଭାରତ ୧-୫ ଗୋଲରେ ପରାଜିତ ହୋଇଥିଲା। ''ଆମେ ଘରୋଇ ପରିବେଶରେ ପୁଣି ନେଦରଲାଣ୍ଡ ବିପକ୍ଷରେ ଖେଳିବାକୁ ସୁଯୋଗ ପାଇବା ବହୁତ ଭଲ କଥା। ତେଣୁ ଆମେ ମ୍ୟାଚକୁ ଉପଭୋଗ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିବୁ'' ବୋଲି ସବିତା କହିଛନ୍ତି। ଭାରତୀୟ ଦଳର ଉପ ଅଧିନାୟିକା ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ମଧ୍ୟ ଭାରତର ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି। ''ଅଲିମ୍ପିକ୍ସ ପରେ ଆମେ ପ୍ରଥମଥର ପାଇଁ ନେଦରଲାଣ୍ଡକୁ ଭେଟିବାକୁ ଯାଉଛୁ। ସ୍ଥାନୀୟ ପରିବେଶରେ ଆମେ ପ୍ରତିଦିନ କଠିନ ଟ୍ରେନିଂ କରିଛୁ। ତେଣୁ ୨ଟି ଯାକ ମ୍ୟାଚରେ ଭଲ ଖେଳିବାକୁ ଆଶା ରଖିଛୁ'' ବୋଲି ଦୀପ୍‌ଗ୍ରେସ୍ କହିଛନ୍ତି।

ଆୟୋଜକ ଭାରତ ସମ୍ପ୍ରତି ୧୨ ପଏଣ୍ଟ ସହିତ ଷ୍ଟାଣ୍ଡିଂର ୪ର୍ଥ ସ୍ଥାନରେ ରହିଛି। ଭାରତୀୟ ଦଳ ମସ୍କଟରେ ଚାଇନା ବିପକ୍ଷରେ ୭-୧ ଓ ୨-୧ ଗୋଲରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଘରୋଇ ପରିବେଶରେ ସ୍ପେନ୍‌କୁ ଏକ ମ୍ୟାଚରେ ୨-୧ ଗୋଲରେ ହରାଇଥିଲା ଏବଂ ଅନ୍ୟ ମ୍ୟାଚଟିରେ ୩-୪ ଗୋଲରେ ହାରି ଯାଇଥିଲା। ଭାରତୀୟ ଦଳ ଏହା ପୂର୍ବ ମ୍ୟାଚ ଜର୍ମାନୀ ବିପକ୍ଷରେ କଳିଙ୍ଗ ଷ୍ଟାଡିୟମରେ ଖେଳିଥିଲା। ପ୍ରଥମ ମ୍ୟାଚ ୧-୧ ଗୋଲରେ ବରାବର ରହିଥିବାବେଳେ ଶୁଟ୍‌ଆଉଟରେ ଭାରତ ୧-୨ ଗୋଲରେ ହାରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚଟି ୧-୧ ଗୋଲରେ ଶେଷ ହେବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୩-୦ରେ ବିଜୟ ହାସଲ କରି ମଧୁର ପ୍ରତିଶୋଧ ନେଇଥିଲା।

ଅଧିନାୟକ ରହିବା ସହ ଗୋଲକିପିଂର ଗୁରୁଦାୟିତ୍ୱ ବହନ କରୁଥିବା ସବିତା କହିଛନ୍ତି ଯେ, ''ଆମେ ପୂର୍ବରୁ କ୍ୱଚିତ ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାକୁ ପାଉଥିଲୁ। ଏପରି ଦଳ ବିପକ୍ଷରେ ଆମ ପାଇଁ କ୍ରମାଗତ ମ୍ୟାଚ ଖେଳିବାର ସୁଯୋଗ ନ ଥିଲା। ଏବେ ପ୍ରୋ ଲିଗ୍ ପାଇଁ ଏହା ସମ୍ଭବ ହୋଇପାରିଛି। ଏହି ମ୍ୟାଚଗୁଡ଼ିକ ଆମ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସହାୟକ ହେଉଛି। ଆମ ବିପକ୍ଷରେ ଅନ୍ୟ ଦଳଗୁଡ଼ିକ ଖେଳିବାକୁ ବ୍ୟଗ୍ରତା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏହା ମଧ୍ୟ ଆମ ପାଇଁ ଏକ ସଫଳତା ସଦୃଶ। ଏହା ଆମକୁ ମୋଟିଭେଟ କରିବା ସହ ବିଶ୍ୱ ହକିରେ ଆମେ କେଉଁଠି ଅଛୁ ତାହାକୁ ସୂଚାଉଛି''। ଅନ୍ୟପକ୍ଷରେ ନେଦରଲାଣ୍ଡ ଏବେ ୧୭ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଦଳ ବେଲଜିୟମକୁ ୨-୩ ଓ ୩-୧ ଗୋଲରେ ହରାଇଥିଲା। ସେହିପରି ସ୍ପେନ୍‌କୁ ୧-୦ରେ ହରାଇଥିଲା ଏବଂ ପରବର୍ତ୍ତୀ ମ୍ୟାଚ ୨-୨ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ଆମେରିକାକୁ ଦଳ ଭେଟିଥିଲା ଏବଂ ୨ଟି ମ୍ୟାଚରେ ୩-୦ ଓ ୧୦-୦ ଗୋଲରେ ବିଜୟୀ ହୋଇଥିଲା। ଆଗାମୀ ମ୍ୟାଚ ସମ୍ପର୍କରେ ନେଦରଲାଣ୍ଡ ଦଳର ଅନ୍ତରୀଣ କୋଚ୍ ଜୁଷ୍ଟ ବିର୍ଟଲିଂ କହିଛନ୍ତି ଯେ, ''ଆମ ଯୁବ ଖେଳାଳିଙ୍କ ପାଇଁ ଏପରି ଏକ ଷ୍ଟାଡିୟମରେ ଖେଳିବା ସ୍ୱପ୍ନଭଳି। ତେଣୁ ସେମାନେ ଭାରତ ବିପକ୍ଷରେ ଖେଳିବାକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ମୁଁ ଯେତିକି ଉତ୍ସାହିତ ଅଛି ସେତିକି ନର୍ଭସ ମଧ୍ୟ ଅନୁଭବ କରୁଛି। ତେଣୁ ଆମେ ଯାହା ଭଲପାଉ ଏବଂ ଯାହା କରିବାକୁ ଆସିଛୁ ତା' ଉପରେ ଫୋକସ କରୁଛୁ। ଭାରତ ଦକ୍ଷ ଖେଳାଳିରେ ଭରପୂର ଏକ ଦଳ। ଏହି ଦଳର କୋଚ୍ ମଧ୍ୟ ବହୁତ ଭଲ। ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ଆମକୁ ଭାରତ ବିପକ୍ଷରେ ଖେଳିବାର ସୁଯୋଗ ମିଳିଛି ଏବଂ ଆମେ ବିଜୟ ସହ ଫେରିବାକୁ ଚାହୁଁଛୁ''।





ଭାରତୀୟ ମହିଳା ହକି ଦଳର ଉପ ଅଧିନାୟିକା ଦୀପ୍ ଗ୍ରେସ୍ ଏକ୍କା ଓ ଅଧିନାୟିକା ସବିତା।

# କ୍ୱାର୍ଟରରେ ସିନ୍ଧୁ, ଶ୍ରୀକାନ୍ତ

**କୋରିଆ ଓପନ ବ୍ୟାଡ୍‌ମିଣ୍ଟନ**

**ସୁନ୍‌ଚେନ, ୭।୪ (ପି.ଟି.)**

ଭାରତର ଶୀର୍ଷସ୍ଥାନୀୟ ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମାତ୍ର ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରି ବିଦାୟ ନେଇଛନ୍ତି।

ବିଶ୍ୱର ୭ ନମ୍ବର ଖେଳାଳି ଏବଂ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ସିନ୍ଧୁ ଗୁରୁବାର ଜାପାନର ଆୟା ଓହୋରିଙ୍କୁ ୨୧-୧୫, ୨୧-୧୦ରେ ପରାସ୍ତ କରିଛନ୍ତି। ଏଥିସହ ବିଶ୍ୱର ୨୬ ନମ୍ବର ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସିନ୍ଧୁ ନିଜର ବିଜୟ ରେକର୍ଡକୁ ୧୨-୦ରେ ପହଞ୍ଚାଇଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍ରୁଙ୍ଗଫାନଙ୍କୁ ଭେଟିବେ। ଗତ ମାସରେ ଅନୁଷ୍ଠିତ ସୁଇସ୍ ଓପନ ଫାଇନାଲରେ ବୁସାନାନଙ୍କୁ ହରାଇ ସିନ୍ଧୁ ଟାଇଟଲ ହାସଲ କରିଥିଲେ। ଚଳିତ ସିଜନରେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନରେ ୨ଟି ସୁପର ୩୦୦ ଟାଇଟଲ ଜିତିଥିବା ପୂର୍ବତନ ବିଶ୍ୱ ଚାମ୍ପିୟନ ସିନ୍ଧୁ ବିଶ୍ୱର ୧୧ ନମ୍ବର ଖେଳାଳି ସୁସାନାନଙ୍କ ବିପକ୍ଷରେ ୧୭ ମ୍ୟାଚରୁ ୧୬-୧ ବିଜୟ ରେକର୍ଡ ରଖିଛନ୍ତି। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଶ୍ରୀକାନ୍ତ ଇସ୍ରାଏଲର ମିଶା ଜିଲବେର୍ମାନଙ୍କୁ ୨୧-୧୮, ୨୧-୬ରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ସ୍ଥାନୀୟ ଖେଳାଳି ତଥା ପୂର୍ବତନ ନମ୍ବରୱାନ ସନ୍ ୱାନ୍ ହୁଙ୍କୁ ଭେଟିବେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସିଲଭର ମେଡାଲିଷ୍ଟ ତଥା ବିଶ୍ୱର ୭ ନମ୍ବର ଯୋଡ଼ି ସାତ୍ତ୍ୱିକରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ସିଙ୍ଗାପୁରର ହି ୟଙ୍ଗ କାଇ ଟେରୀ ଓ ଲୋହ କେନ ହେନ୍‌ଙ୍କୁ ୨୧-୧୫, ୨୧-୧୯ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ତେବେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ତଥା ବିଶ୍ୱର ୯ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ ୨୦-୨୨, ୯-୨୧ ପଏଣ୍ଟରେ ଶେସାର ହିରେନ ରୁଷ୍ଟାଭିଟୋଙ୍କଠାରୁ ହାରି ଯାଇଛନ୍ତି।

# ବିକାଶ, ଚନ୍ଦ୍ରଶେଖର ପୁରସ୍କୃତ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

ଜୁଡୋ ଓଡ଼ିଶା ଓ ଜୁଡୋ ଯୋଦ୍ଧାଦାରଙ୍କ ମିଳିତ ଉଦ୍ୟମରେ ଏଠାରେ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଜୁଡୋ ଓଡ଼ିଶାର ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଏବଂ ଚନ୍ଦ୍ରଶେଖର ବେହେରାଙ୍କୁ ଜୁଡୋ ଜୁଏଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସାକ୍ଷୀଗୋପାଳର ଗୁରୁକୁଳ ଆଥ୍‌ଲେଟିକ୍ ଆସୋସିଏଶନକୁ ଆରଡେଣ୍ଟ ଏକାଡେମୀ ପୁରସ୍କାର ଦିଆଯାଇଥିବାବେଳେ ସବିତା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ, ଜୁଡୋ ବ୍ଲାକ୍‌ବେଲ୍ଟ କୋଦକାନ, ଜୁଡୋ ଓଡ଼ିଶାର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ପୁରୀ ଜିଲା ବିଜେଡି ସମ୍ପାଦକ ଦେବାଶିଷ ରାୟ, ବରିଷ୍ଠ ଜୁଡୋ ଖେଳାଳି ଅମିୟ କୁମାର ଦ୍ୱିବେଦୀ ଓ ଜାତୀୟ ପଦକଧାରୀ ବ୍ରଜ କିଶୋର ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍ସବକୁ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଲେଙ୍କା ପରିଚାଳନା କରିଥିଲେ। ଶେଷରେ ସବିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




# ଲକ୍ଷ୍ନୌର ପ୍ରଭାବୀ ବୋଲିଂ

**ମୁମ୍ବାଇ, ୭।୪**

ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବୋଲରମାନେ ପ୍ରଭାବୀ ବୋଲିଂ କରିଛନ୍ତି। ଫଳରେ ପୃଥ୍ୱୀ ଶ'ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ଦିଲ୍ଲୀ କ୍ୟାପିଟାଲ୍ସ ଇନିଂସ ୨୦ ଓଭରରେ ୧୪୯/୩ରେ ସୀମିତ ରହିଛି। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳି ୨ ବିଜୟ ଓ ୧ ପରାଜୟ ସହ ୪ ପଏଣ୍ଟ ପାଇଛି। ଦିଲ୍ଲୀ କ୍ୟାପିଟାଲ୍ସ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିଛି।

ଲକ୍ଷ୍ନୌ ଦଳର ଅଧିନାୟକ ଲୋକେଶ ରାହୁଲ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପୃଥ୍ୱୀ ଶ'ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ ରନ୍ ହାରରେ ପ୍ରଭାବ ପଡ଼ି ନ ଥିଲା। ପାୱାର ପ୍ଲେ ୬ ଓଭରରେ ଦିଲ୍ଲୀ କୌଣସି ଉଇକେଟ ନ ହରାଇ ୫୨ ରନ ସଂଗ୍ରହ କରିଥିଲା। ୮ମ ଓଭରର ତୃତୀୟ ବଲ୍‌ରେ ପୃଥ୍ୱୀଙ୍କୁ କ୍ୱିଣ୍ଟନ ଡି'କକ୍‌ଙ୍କ ହାତରେ କ୍ୟାଚ କରାଇ କ୍ରିଷ୍ଣାପ୍ପା ଗୋଥାମ ପ୍ୟାଭିଲିୟନ ଫେରାଇବାପରେ ମ୍ୟାଚର ମୋଡ଼ ବଦଳି ଯାଇଥିଲା। ପୃଥ୍ୱୀ ୩୪ ବଲ୍‌ରୁ ୯ ଚୌକା ଓ ୨ ଛକା ସହାୟତାରେ ୬୧ ରନ ସ୍କୋର କରିଥିଲେ। ମାତ୍ର ତାଙ୍କ ବିଦାୟ ପରେ ଦିଲ୍ଲୀ ବ୍ୟାଟରମାନେ ରନ୍ ପାଇଁ ସଂଘର୍ଷ କରିଥିଲେ। ପାକିସ୍ତାନ ଟୁର୍‌ରୁ ଫେରି ଦିଲ୍ଲୀ ଦଳରେ ଯୋଗ ଦେଇଥିବା ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ମାତ୍ର ୪ ଓ ୱେଷ୍ଟଇଣ୍ଡିଜର ରୋଭମାନ ପାୱେଲ ୩ ରନକରି ଆଉଟ ହୋଇଥିଲେ। ଅଧିନାୟକ ରିଷଭ ପନ୍ତ ଓ ଫର୍ମରେ ଥିବା ସର୍ଫରାଜ ଖାଁ ଉଇକେଟ ହରାଇ ନ ଥିଲେ ହେଁ ଲକ୍ଷ୍ନୌ ବୋଲରଙ୍କ ବିପକ୍ଷରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ଡେଥ୍ ଓଭରରେ ଆଭେଶ୍ ଖାଁ ଓ ଜାସନ ହୋଲ୍ଡର ଚମତ୍କାର ବୋଲିଂ କରିଥିଲେ। ଫଳରେ ରିଷଭ ଓ ସର୍ଫରାଜ ହାତଖୋଲା ଶଟ୍ ଖେଳିପାରି ନ ଥିଲେ। ରିଷଭ ୩୬ ବଲ୍‌ରୁ ୩୯ (୩ ଚୌକା, ୨ ଛକା) ଓ ସର୍ଫରାଜ ୨୮ ବଲ୍‌ରୁ ୩୬ (୩ ଚୌକା) ରନରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ୪ ଓଭରରେ ୨୨ ରନ ଦେଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। କ୍ରିଷ୍ଣାପ୍ପା ଗୋଥାମ ୪ ଓଭରରେ ଗୋଟିଏ ମେଡେନ ନେଇ ୨୩ ରନରେ ଗୋଟିଏ ଉଇକେଟ ପାଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଲକ୍ଷ୍ନୌ ଦଳ ୪ ଓଭରରେ କୌଣସି ଉଇକେଟ ନ ହରାଇ ୨୬ ରନ ସଂଗ୍ରହ କରିଛି। କ୍ୱିଣ୍ଟନ ଡି'କକ୍ ୧୬ ଓ ଲୋକେଶ ରାହୁଲ ୯ ରନରେ ଅପରାଜିତ ଅଛନ୍ତି।



ଉଇକେଟ ନେବାପରେ ରବି ବିଷ୍ଣୋଇଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୯/୩ (ପୃଥ୍ୱୀ ଶ'-୬୧, ରିଷଭ ପନ୍ତ-୩୯*, ସର୍ଫରାଜ ଖାଁ-୩୬*, ରବି ବିଷ୍ଣୋଇ-୨/୨୨, କ୍ରିଷ୍ଣାପ୍ପା ଗୋଥାମ-୧/୨୩)।

## ଓଡ଼ିଶା ୧୦-୦ ଗୋଲରେ ବିଜୟୀ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ଭୋପାଳରେ ଚାଲିଥିବା ୧୨ତମ ଜାତୀୟ ସିନିୟର ପୁରୁଷ ହକି ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଗୁରୁବାର ଓଡ଼ିଶା ୧୦-୦ ଗୋଲରେ ଗୋଆକୁ ହରାଇ ଦେଇଛି। ପୁଲ୍ 'ଏଚ୍'ର ଏହି ମ୍ୟାଚରେ ଅଧିନାୟକ ସୁଦୀପ ଚିରମାକୋ ୩୮, ୫୨, ୫୫ ଓ ୫୭ତମ ମିନିଟରେ ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମନଦୀପ ଲାକ୍ରା ୪୫ ଓ ୪୯ତମ ମିନିଟରେ ୨ଟି ଏବଂ ପ୍ରଯୁକ୍ତ ନାଗ୍ ୯ମ, ରାଜିନ କଣ୍ଡୁଲ୍‌ନା ୩୧, ଅନୁଗ୍ରହ କୁଜୁର ଓ ମାଥିୟାସ ଡାଙ୍ଗ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁଲ୍ 'ଏଚ୍'ର ଅନ୍ୟ ଏକ ମ୍ୟାଚରେ ହରିୟାଣା ୨୧-୧ ଗୋଲରେ ଆସାମକୁ ପରାସ୍ତ କରିଛି। ପୁଲ୍ 'ଜି' ମ୍ୟାଚରେ ତାମିଲନାଡୁ ୪-୦ ଗୋଲରେ ମଧ୍ୟପ୍ରଦେଶକୁ ହରାଇଛି।

## ସୋଙ୍ଗାଙ୍କ ଅବସର ସୂଚନା

**ପ୍ୟାରିସ, ୭।୪ (ଏପି):** ପୂର୍ବତନ ଅଷ୍ଟ୍ରେଲିଆନ ଓପନ ରନର ଅପ୍ ଜୋ-ୱିଲଫ୍ରିଡ୍ ସୋଙ୍ଗା ନିଜ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପରେ ସେ ଅବସର ନେବେ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ସେ ନିଜ ଆହତ ଜର୍ଜରିତ କ୍ୟାରିୟରର ପରିସମାପ୍ତି ଘଟାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୩୬ ବର୍ଷୀୟ ଏହି ଫ୍ରେଞ୍ଚ ତାରକା ୨୦୧୨ରେ କ୍ୟାରିୟର ଶ୍ରେଷ୍ଠ ନମ୍ବର-୫ ର୍‍ୟାଙ୍କିଂ ହାସଲ କରିଥିଲେ। ମାତ୍ର ବାରମ୍ବାର ଆହତ ସମସ୍ୟାରେ ରହିବାରୁ ସେ ଏବେ ୨୨୦ତମ ସ୍ଥାନକୁ ଖସି ଯାଇଛନ୍ତି। ଏହାର ଅର୍ଥ ସେ ନିଜ ର୍‍ୟାଙ୍କିଂ ଭିତ୍ତିରେ ରୋଲାଣ୍ଡ ଗାରୋସରେ ଖେଳିବାକୁ ସିଧାସଳଖ ଏଣ୍ଟ୍ରି ପାଇବେ ନାହିଁ। ଆୟୋଜକ ତାଙ୍କୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ଦେଇପାରନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ